୬ ଭାରତରେ ଖେଳାଯିବ ଅଷ୍ଟ୍ରେଲିଆର ବିଗ୍ ବ୍ୟାଶ ଲିଗ୍






ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00




• ବର୍ଷ–୩୩ • ସଂଖ୍ୟା–୧୫୯ • ୯ ଜୁଲାଇ ୨୦୨୬ ଗୁରୁବାର • ଭୁବନେଶ୍ୱର • Vol -33 • Issue-159 • 9th July 2026, Thursday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଭାରତ-ଇଣ୍ଡୋନେସିଆ ସହଭାଗୀ ସାଂସ୍କୃତିକ ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତୀକ

# ପ୍ରମ୍ବନନ୍ ମନ୍ଦିର ପୁନରୁଦ୍ଧାର ପ୍ରକଳ୍ପର ଶୁଭାରମ୍ଭ କଲେ ମୋଦୀ

**ଜାକର୍ତ୍ତା, ୮ ।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋଓ ସୁବିଆନ୍ତୋ ବୁଧବାର ମିଳିତ ଭାବେ ଇଣ୍ଡୋନେସିଆର ଜାକର୍ତ୍ତାରେ ବିଶ୍ୱ ପ୍ରସିଦ୍ଧ ପ୍ରମ୍ବନନ୍ ମନ୍ଦିର ପରିସରର ସଂରକ୍ଷଣ ଏବଂ ପୁନରୁଦ୍ଧାର ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହି ମନ୍ଦିର ପରିସର, ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ, ଇଣ୍ଡୋନେସିଆର ସର୍ବବୃହତ ହିନ୍ଦୁ ମନ୍ଦିର ପରିସର। ଭଗବାନ ଶିବଙ୍କୁ ଉତ୍ସର୍ଗୀକୃତ, ଦଶମ ଶତାବ୍ଦୀର ଏହି ଐତିହାସିକ ଐତିହ୍ୟ ସ୍ଥଳକୁ ଭାରତ-ଇଣ୍ଡୋନେସିଆ ସହଭାଗୀ ସାଂସ୍କୃତିକ ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତୀକ ଭାବରେ ବିବେଚନା କରାଯାଏ ।



ଏହି ପ୍ରକଳ୍ପର ଶୁଭାରମ୍ଭ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଏହା ତାଙ୍କର ସୌଭାଗ୍ୟ ଯେ ସେ ତାଙ୍କ ଜୀବନରେ ବାରମ୍ବାର ଭଗବାନ ଶିବଙ୍କ ସହ ଜଡ଼ିତ ପବିତ୍ର ସ୍ଥାନଗୁଡ଼ିକର ସେବା ଏବଂ ସଂରକ୍ଷଣ କରିବାର ସୁଯୋଗ ପାଇଛନ୍ତି। ସେ କହିଛନ୍ତି ଯେ ସେ ଗୁଜରାଟର ବଡ଼ନଗରରେ ଜନ୍ମଗ୍ରହଣ କରିଥିଲେ, ଯେଉଁଠାରେ ହାଟକେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ତୀର୍ଥଯାତ୍ରା ରହିଛି। ବାରଟି ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ପ୍ରଥମ ସୋମନାଥ ମଧ୍ୟ ଗୁଜରାଟରେ ଅବସ୍ଥିତ ଏବଂ ଏହାର ବିକାଶରେ ସିଧାସଳଖ ଭୂମିକା ଗ୍ରହଣ କରିବାର ସୁଯୋଗ ତାଙ୍କୁ ମିଳିଥିଲା। ସେ କହିଥିଲେ ଯେ ତାଙ୍କ ରାଜନୈତିକ ଜୀବନର କେନ୍ଦ୍ରବିନ୍ଦୁ କାଶୀ ବିଶ୍ୱନାଥ ମଧ୍ୟ ରହିଛନ୍ତି, ଯେଉଁଠାରେ ସେ ଲଗାତାର ଭାବେ ବାବା ବିଶ୍ୱନାଥଙ୍କ ଆଶୀର୍ବାଦ ପାଉଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କେଦାରନାଥ ଧାମର ପୁନଃନିର୍ମାଣ, ଉଜ୍ଜୟିନିରେ ମହାକାଳର ବିକାଶ ପରେ, ବ୍ରହ୍ମା, ବିଷ୍ଣୁ ଏବଂ ମହେଶଙ୍କ ସହ ଜଡ଼ିତ ଏହି ମହାନ ସାଂସ୍କୃତିକ ଐତିହ୍ୟର ପୁନରୁଦ୍ଧାର କାର୍ଯ୍ୟର ଶୁଭାରମ୍ଭ କରିବା ତାଙ୍କର ସୌଭାଗ୍ୟ। ସେ କହିଛନ୍ତି ଯେ ଏହି ଐତିହାସିକ ଘଟଣାର ସାକ୍ଷୀ ହେବା ପାଇଁ ସେ ନିଜକୁ ଭାଗ୍ୟବାନ ବୋଲି ବିବେଚନା କରନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଇଣ୍ଡୋନେସିଆ ଗସ୍ତର ତୃତୀୟ ଦିନରେ ମଧ୍ୟ ସେ ବାୟୁରେ ଭାରତୀୟ ସଂସ୍କୃତିର ସେହି ସୁଗନ୍ଧ ଅନୁଭବ କରିଥିଲେ, ଯାହା ଭାରତୀୟ ମାଟିରେ ଅନୁଭୂତ ହୋଇଥାଏ। ପ୍ରାୟ ୧୨୦୦ ବର୍ଷ ଧରି ଏହି ଐତିହ୍ୟକୁ ସଂରକ୍ଷିତ ରଖିଥିବାରୁ ସେ ଇଣ୍ଡୋନେସିଆର ଜନସାଧାରଣ ଏବଂ ବିଭିନ୍ନ ଯୁଗରେ ଏଠାରେ ଶାସନ କରିଥିବା ସମସ୍ତ ଲୋକଙ୍କୁ କୃତଜ୍ଞତା ଜଣାଇଥିଲେ।

ପ୍ରଧାନମନ୍ତ୍ରୀ କହିଛନ୍ତି *(ପୃଷ୍ଠା ୭ରେ)*

# ଇରାନ ଉପରେ ବଡ ଆକ୍ରମଣ ପାଇଁ ଟ୍ରମ୍ପଙ୍କ ଚେତାବନୀ

**ୱାଶିଂଟନ, ୮ ।୭**

ବୁଧବାର ରାତିରେ ମହାଯୁଦ୍ଧ। ଇରାନ ଉପରେ ଅତ୍ୟନ୍ତ ଶକ୍ତିଶାଳୀ ଆକ୍ରମଣ କରିବ ଆମେରିକା। ଧ୍ୱଂସ ବିଧ୍ୱଂସ କରିଦେବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କିଛି ଏମିତି ଚେତାବନୀ ଦେଇଛନ୍ତି। ମଙ୍ଗଳବାର ରାତିରେ ଯେତେବଡ଼ ଆକ୍ରମଣ ହୋଇଥିଲା ଏବେ ତାଠୁ ଅଧିକ ହେବାକୁ ଯାଉଛି ବୋଲି କହିଛନ୍ତି। ବନ୍ଦ ହେଇଥିବା ଆମେରିକା-ଇରାନ ଯୁଦ୍ଧ ପୁଣି ଆରମ୍ଭ ହୋଇଛି। ଘନ ଘନ ମିଶାଇଲ୍ ମାଡ଼ରେ ଧୂଆ ଧୂଆଁ ମଧ୍ୟପ୍ରାଚ୍ୟ ଆକାଶ, ଆକ୍ରମଣ ପ୍ରତିଆକ୍ରମଣରେ କମ୍ପିଲା ହର୍ମୁଜ। ଇରାନ ସହ ସିଜଫାୟାର୍ ଚୁକ୍ତିକୁ ଚିରି ଫାଡ଼ି ଫିଙ୍ଗିଦେଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ।



ଆମେରିକା ସେଣ୍ଟ୍ରାଲ୍ କମାଣ୍ଡ, ଇରାନ୍ ଉପରେ ବଡ଼ ଧରଣର ମିଶାଇଲ୍ ହମଲା କରିଛି। ଇରାନର ଦକ୍ଷିଣ ଭାଗର ୮୦ରୁ ଅଧିକ ସହର ଓ ଠିକଣା ଧୂଳିସାତ ହୋଇଛି। ଯେଉଁଥିରେ ଏକାଧିକ ଆଇଆରଜିଏସ୍ କ୍ୟାମ୍ପ, ଏୟାର ଡିଫେନ୍ସ ସିଷ୍ଟମ୍ ହୋଇଛି ଧ୍ୱଂସବିଧ୍ୱଂସ। ମଙ୍ଗଳବାର ରାତିରେ ହର୍ମୁଜରେ ଆମେରିକାର କିଛି ଜାହାଜ ଉପରେ ମିଶାଇଲ୍ ପଡ଼ିଥିଲା, ଯେଉଁଥିରେ ବିଚଳିତ ଆମେରିକା ଚରମ ନିଷ୍ପତ୍ତି ନେଇଛି।

ଆମେରିକା ଇରାନ ସହ କଥା ହେବା ସମୟ ସରିଛି। କେବଳ ସମୟର ଅପଚୟ ବୁଧବାର କିଛି ଏଭଳି ଭାବେ ବୟାନ ରଖିଛନ୍ତି ଟ୍ରମ୍ପ। ଏତିକିରେ ମନ ଭରିନଥିଲା ଟ୍ରମ୍ପଙ୍କର। ଇରାନର ନେତାଙ୍କୁ ଅତ୍ୟନ୍ତ ନୀଚ ପ୍ରକୃତିର ଲୋକ, ସେମାନେ ନିଷ୍ଠୁର ଏବଂ ହିଂସ୍ର। ଯଦି ସେମାନଙ୍କ ପାଖରେ ପରମାଣୁ ଅସ୍ତ୍ର ଥାଆନ୍ତା, ସେମାନେ ନିଶ୍ଚୟ ବ୍ୟବହାର କରିଥାନ୍ତେ ବୋଲି ଦୋହରାଇଛନ୍ତି। ତୁର୍କିର ଅଙ୍କାରାରେ ଆୟୋଜିତ ନାଟୋ ସମ୍ମିଳନୀରେ ଯୋଗଦେଇ ଏଇ ହୁଙ୍କାର ପରେ ଫୁଟିଛି ମିଶାଇଲ, କମ୍ପିଛି ମିଡିଲ୍ ଇଷ୍ଟ।

ସେପଟେ ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ପରେ ବିଶ୍ୱ ତୈଳ ବଜାର ଦରରେ ବଡ଼ ଡିଆଁ ଦେଖିବାକୁ ମିଳିଛି। ୫ ପ୍ରତିଶତ ଦର ବଢ଼ି ବ୍ୟାରେଲ୍ ପିଛା ପହଞ୍ଚିଛି ୭୫ ଡଲାରରେ। ଯେବେ ଯେବେ ଟ୍ରମ୍ପ ଧମକ ଦେଇଛନ୍ତି, ଯୁଦ୍ଧ ତେଜିଛି ସେବେ ସେବେ ତେଲ ଉପରେ ଏହାର ସିଧା ପ୍ରଭାବ ପଡ଼ିଛି। ଫେବ୍ରୁଆରୀ ୨୮ ପରେ ସବୁଠୁ ଅଧିକ ତୈଳ ଦର ମାର୍ଚ୍ଚରେ ବଢ଼ିଥିଲା। ୫୦ ଡଲାର ବଢ଼ି ବ୍ୟାରେଲ୍ ପିଛା ଦର ୧୨୦ ଡଲାର୍‌ରେ ପହଞ୍ଚିଲା ପରେ ଏପ୍ରିଲରେ ୧୧୦ ଡଲାର, ମେ'ରେ ୧୦୦ ଡଲକୁ ଖସିଥିଲା। ଜୁନ୍ ଜୁଲାଇ ଆସୁ ଆସୁ ଦର ୭୦ ଡଲାର୍ ଯାଏଁ ପହଞ୍ଚିଥିଲା। *(ପୃଷ୍ଠା ୭ରେ)*

## ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନଙ୍କ ଓଡ଼ିଶା ଗସ୍ତ ଆଜି

**ଭୁବନେଶ୍ୱର, ୮ ।୭**
**ନ୍ୟୁଜ୍ ବ୍ୟୁରୋ**

ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ୍ ଗୁରୁବାରରେ ଭୁବନେଶ୍ୱର ଗସ୍ତରେ ଆସି ପହଞ୍ଚିବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି ।

ଏହି ଗସ୍ତ ସମୟରେ, ଉପରାଷ୍ଟ୍ରପତି ଭୁବନେଶ୍ୱରର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ଠାରେ ଏକ ଜାତୀୟ ସ୍ତରର କାର୍ଯ୍ୟକ୍ରମରେ ଯୋଗଦେବେ। ସମୁଦ୍ରରେ ଦୀର୍ଘସ୍ଥାୟୀ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଛତିଶଗଡର ନାରାୟଣପୁରରେ ୧୫ କିଲୋଗ୍ରାମ ପ୍ରେସର କୁକର ଆଇଇଡି ଏବଂ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଉଦ୍ଧାର।
- ସେନା ମୁଖ୍ୟ ଜେନେରାଲ ସେଠ୍ କାଶ୍ମୀରରେ ସୁରକ୍ଷା ପରିସ୍ଥିତି କଲେ ସମୀକ୍ଷା।
- ଉଗ୍ରବାଦ ପାଇଁ ଦେଶବ୍ୟାପୀ ଅନୁସନ୍ଧାନ କରୁଛି ଏନ୍.ଆଇ.ଏ।
- ଭୁବନେଶ୍ୱର ସୁନ୍ଦରପଦା ବିସ୍ଫୋରଣ ମାମଲାରେ ଏନଆଇଏ ସାତ ମାସ ପରେ ଆଉ ଜଣେ ଅଭିଯୁକ୍ତକୁ କଲା ଗିରଫ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୧୩ (-୨୧୩)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩, ୩୧୫ (-୧୯୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦, ୮୯୪ (-୧୫୯)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୫ (+୦)

# ପିଏମ୍-ସୂର୍ଯ୍ୟ ଘର ସହ ଯୋଡ଼ି ହେବ ପିଏମ୍-ଆବାସ ଯୋଜନା

**ଭୁବନେଶ୍ୱର, ୮ ।୭**
**ନ୍ୟୁଜ୍ ବ୍ୟୁରୋ**

ଉପ ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବୁଧବାର ଶକ୍ତି କ୍ଷେତ୍ରର ସୁଧାର, ସୁରକ୍ଷା ଏବଂ କେନ୍ଦ୍ର ଓ ରାଜ୍ୟ ଯୋଜନାର କାର୍ଯ୍ୟକାରିତା ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି।

ନବୀକରଣୀୟ ଶକ୍ତି ଏବଂ ସୁଲଭ ଗୃହ ନିର୍ମାଣ ଉପରେ ଗୁରୁତ୍ୱ ଦେଇ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ ଘୋଷଣା କରିଛନ୍ତି ଯେ ପିଏମ୍-ସୂର୍ଯ୍ୟ ଘର ଯୋଜନାକୁ ଓଡ଼ିଶା ସରକାରଙ୍କ ବିଭିନ୍ନ ଗୃହ ନିର୍ମାଣ ଯୋଜନା ଯଥା ପିଏମ-ଆବାସ ଯୋଜନା ସହ ସଂଯୋଜନ କରାଯିବ। ଏହା ସେମାନଙ୍କ ଇଚ୍ଛାଧୀନ ରହିବ। ଆମର ଲକ୍ଷ୍ୟ ହେଉଛି ପିଏମ୍ ଆବାସ ଏବଂ ଅନ୍ୟାନ୍ୟ ଗୃହ ଯୋଜନାର ପ୍ରତ୍ୟେକ ହିତାଧିକାରୀ ମଧ୍ୟ ସୌର ଶକ୍ତିର ସୁବିଧା ପାଇପାରନ୍ତୁ। ରାଜ୍ୟ ଗୃହ ଯୋଜନା ସହ ପିଏମ୍-ସୂର୍ଯ୍ୟ ଘରକୁ ସଂଯୋଜନ କରି ଆମେ ଲୋକଙ୍କୁ ୨୪ ଘଣ୍ଟିଆ ପରିଷ୍କାର ଏବଂ ସୁଲଭ ବିଜୁଳି ଯୋଗାଇ ଦେବା ସହ ସେମାନଙ୍କ ବିଜୁଳି ବିଲ୍ ମଧ୍ୟ ହ୍ରାସ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି।



ଏହି ଯୋଜନା ଅଧୀନରେ ସହରାଞ୍ଚଳରେ ୧ କିଲୋ ୱାଟ ବିଶିଷ୍ଟ ଛାତ ଉପର ସୌର ଶକ୍ତି ପ୍ୟାନେଲ ସ୍ଥାପନ ପାଇଁ କେନ୍ଦ୍ରରୁ ୩୦୦୦୦ ଟଙ୍କା ଏବଂ ରାଜ୍ୟରୁ ୨୫୦୦୦ ଟଙ୍କା ସବସିଡି ସହାୟତା ଦିଆଯାଉଛି। ହିତାଧିକାରୀଙ୍କୁ ମାତ୍ର ୧୮୭୫ ଟଙ୍କା ବ୍ୟୟରେ ଏହି ସୁବିଧା ମିଳିବ।

ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଜନ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଡିସ୍କମ୍ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।ଓଡ଼ିଶାର ସମସ୍ତ ୪ଟି ବିଦ୍ୟୁତ ବିତରଣ କମ୍ପାନୀ ଅଧୀନରେ ୩୭୦୮ କୋଟି ବ୍ୟୟରେ ଭୂତଳ କେବୁଲ ତାର ବିଛାଯିବ। ଏହା *(ପୃଷ୍ଠା ୭ରେ)*

## ହୀରାକୁଦରେ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ

# ଅଣମୌସୁମୀ ଜଳ ବିବାଦ ପ୍ରଶ୍ନରେ ଚୁପ୍ ରହିଲେ ଛତିଶଗଡ଼ ଅଧିକାରୀ

**ବୁର୍ଲା, ୮ ।୭**
**ନ୍ୟୁଜ୍ ବ୍ୟୁରୋ**

ହୀରାକୁଦ ଅଶୋକ ନିବାସଠାରେ ଓଡ଼ିଶା ଏବଂ ଛତିଶଗଡ଼ ଜଳସମ୍ପଦ ବିଭାଗ ସମେତ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)ର ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ମହାନଦୀ ଅବବାହିକାରେ ଆଗାମୀ ବନ୍ୟାଜଳ ପରିଚାଳନା, ସମନ୍ୱୟ ରକ୍ଷା ଏବଂ ଉଭୟ ରାଜ୍ୟ ମଧ୍ୟରେ ବାର୍ଷିକ ସୂଚନା ତଥା ତଥ୍ୟର ଆଦାନପ୍ରଦାନକୁ ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଛି । ବୈଠକରେ ହୀରାକୁଦ ଡ୍ୟାମର ମୁଖ୍ୟଯନ୍ତ୍ରୀ ଏବଂ କେନ୍ଦ୍ରୀୟ ଜଳ ଆୟୋଗର ମୁଖ୍ୟଯନ୍ତ୍ରୀ ସମେତ ଛତିଶଗଡ଼ର ବହୁ ପ୍ରତିନିଧି ଓ



ବୈଷୟିକ ଅଧିକାରୀ ଉପସ୍ଥିତ ଥିଲେ।

ମହାନଦୀ ବେସିନକୁ ମୋଟ ତିନୋଟି ବୃହତ ଭାଗରେ ବିଭକ୍ତ କରାଯାଇ ବନ୍ୟା ନିୟନ୍ତ୍ରଣର ସମୀକ୍ଷା କରାଯାଉଛି। ଏଥିମଧ୍ୟରୁ ସିଷ୍ଟମ-୨ର ସଂପୂର୍ଣ୍ଣ କାର୍ଯ୍ୟକାରିତା ହୀରାକୁଦ ଡ୍ୟାମ ଅଞ୍ଚଳରେ ହେଉଥିବା ବେଳେ ଆସନ୍ତା ମାସରେ ଛତିଶଗଡ଼ର ରାୟପୁରଠାରେ ସିଷ୍ଟମ-୧କୁ ନେଇ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ବୈଠକରେ ଆଲୋଚନା ହୋଇଛି । ଏହି ବୈଠକରେ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଦ୍ୱାରା ପ୍ରଦତ୍ତ ବର୍ଷାର ଆକଳନ, କ୍ୟାଚମେଣ୍ଟ ଏରିଆ ବା ଜଳଗ୍ରହଣ ଅଞ୍ଚଳରେ ବର୍ଷାର ପରିମାଣ ଏବଂ ଛତିଶଗଡ଼ର ବେଙ୍ଗୋ ଡ୍ୟାମ ତଥା ରବିଶଙ୍କର ସାଗର ଡ୍ୟାମ ଭଳି ଉପରମୁଣ୍ଡର ପ୍ରକଳ୍ପଗୁଡ଼ିକରୁ *(ପୃଷ୍ଠା ୭ରେ)*

## ପ୍ରକାଶ ପାଇଲା +୨ ନାମଲେଖା ମେରିଟ ଲିଷ୍ଟ

**କଟକ, ୮ ।୭ :ନ୍ୟୁଜ୍ ବ୍ୟୁରୋ**

ପ୍ରକାଶ ପାଇଲା ଯୁକ୍ତ ଦୁଇ ପ୍ରଥମ ପର୍ଯ୍ୟାୟ ନାମଲେଖା ମେରିଟ ଲିଷ୍ଟ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ପକ୍ଷରୁ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଯୁକ୍ତ ଦୁଇ ଇ-ନାମଲେଖାର ପ୍ରଥମ ପର୍ଯ୍ୟାୟ ମନୋନୟନ ପ୍ରକ୍ରିୟା ଶେଷ ହୋଇଛି। ଏଥିରେ ମୋଟ ୪,୬୧,୩୨୫ ଆବେଦନକାରୀଙ୍କ ମଧ୍ୟରୁ ପ୍ରାୟ ୯୩.୦୪ ପ୍ରତିଶତ ଅର୍ଥାତ୍ ୪,୨୯,୨୧୯ ଛାତ୍ରଛାତ୍ରୀ ଯୋଗ୍ୟ ବିବେଚିତ ହୋଇଛନ୍ତି। କଟ୍-ଅଫ୍ ମାର୍କରେ ଆଗରେ ରେଭେନ୍ସା ରହିଛି। ଏହି ମନୋନୀତ ଶିକ୍ଷାର୍ଥୀଙ୍କ ମଧ୍ୟରେ କଳାରେ ୨,୭୬,୯୨୫, ବିଜ୍ଞାନରେ ୧,୨୧,୪୯୪, *(ପୃଷ୍ଠା ୭ରେ)*

## ରାଜସ୍ୱ ଭବନ ରୂପରେଖ ପ୍ରସ୍ତୁତି ଉପରେ ସମୀକ୍ଷା

# ଭିତ୍ତିଭୂମି ସୁଦୃଢ଼ କରାଯିବା ଉପରେ ଗୁରୁତ୍ୱାରୋପ



**ଭୁବନେଶ୍ୱର, ୮ ।୭ : ନ୍ୟୁଜ୍ ବ୍ୟୁରୋ**

ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ନୂତନ ରାଜସ୍ୱ ଭବନ ଏବଂ ବିପର୍ଯ୍ୟୟ ଭବନ ନିର୍ମାଣ ନିମନ୍ତେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନର ନୂତନ ଅତ୍ୟାଧୁନିକ ପ୍ରେକ୍ଷାଳୟ ଏବଂ ଭୁବନେଶ୍ୱରର ନୂତନ ସ୍ପେଶାଲ୍ ସର୍କିଟ୍ ହାଉସ୍ ନିର୍ମାଣ ସମ୍ପର୍କରେ ମଧ୍ୟ ସୁବିସ୍ତୃତ ଆଲୋଚନା କରାଯାଇଛି । ଓବିସିସି ଏବଂ ନିର୍ମାଣ ବିଭାଗ ପକ୍ଷରୁ ଏ ସମ୍ପର୍କିତ ପ୍ରସ୍ତାବିତ ରୂପରେଖ ପ୍ରଦର୍ଶିତ ହୋଇଥିଲା । ଏ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରି ରାଜ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଭିତ୍ତିଭୂମି ସୁଦୃଢ଼ ହେବା ଦ୍ୱାରା ସୁଶାସନ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ *(ପୃଷ୍ଠା ୭ରେ)*




## ଏକାଳ ପଖାଳ



ନିଶା ନିଶା ନିଶା
ଚାରି ଆଡେ ନିଶା
ଧରା ହେଉଛନ୍ତି ଯେତକ
ସେତିକି କରନ୍ତି ବସା
ବର୍ଣ୍ଣନାକୁ ନାହିଁ ଭାଷା
କୁଆଡୁ କେମିତି ଆସୁଛି ରାଇଜେ
ଜାଣିବାର ବୁଡେ ଆଶା !

# ସାଇବର ଅପରାଧ ନିୟନ୍ତ୍ରଣ ପାଇଁ ଓଡ଼ିଶା ପୋଲିସ ଲାଗୁ କଲା 'ଇ-ଜିରୋ ଏଫ୍ଆଇଆର୍' ବ୍ୟବସ୍ଥା




**କଟକ, ୮ ।୭**
**ନ୍ୟୁଜ୍ ବ୍ୟୁରୋ**

ସାଇବର ଆର୍ଥିକ ଠକେଇ ମାମଲାର ଶୀଘ୍ର ପଞ୍ଜୀକରଣ, ଦ୍ରୁତ ତଦନ୍ତ ଏବଂ ପୀଡ଼ିତଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ ବୁଧବାର 'ଇ-ଜିରୋ ଏଫ୍ଆଇଆର୍' ବ୍ୟବସ୍ଥାର ଶୁଭାରମ୍ଭ କରିଛି। ରାଜ୍ୟ ପୋଲିସ ମୁଖ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଏହି ବ୍ୟବସ୍ଥାର ଉଦ୍‌ଘାଟନ କରିଥିଲେ। ସାଇବର ଆର୍ଥିକ ଠକେଇ ଘଟଣା ବଢୁଥିବାରୁ ଅଭିଯୋଗ ପଞ୍ଜୀକରଣକୁ ଅଧିକ ଦ୍ରୁତ, ସରଳ ଓ ପ୍ରଭାବଶାଳୀ କରିବା ସହ ଠକେଇ ହୋଇଥିବା ଅର୍ଥ ଉଦ୍ଧାରର ସମ୍ଭାବନା ବଢ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହା ନାଗରିକଙ୍କୁ ଅଧିକ ସ୍ୱଚ୍ଛ, ଦକ୍ଷ ଓ ଜନକଲ୍ୟାଣମୂଳକ ପୋଲିସ ସେବା ପ୍ରଦାନ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ବ୍ୟବସ୍ଥାରେ ରାଜ୍ୟ ଅପରାଧ ଅଭିଲେଖ ବ୍ୟୁରୋ ଜାତୀୟ ସାଇବର ହେଲ୍ପଲାଇନ୍ ୧୯୩୦କୁ ସିସିଟିଏନ୍ଏସ୍ ସହ ସମନ୍ୱୟ କରିଛି। ନୂତନ ବ୍ୟବସ୍ଥା ଅନୁଯାୟୀ, ୧୦ ଲକ୍ଷ ଟଙ୍କା କିମ୍ବା ତା'ଠାରୁ ଅଧିକ ସାଇବର ଆର୍ଥିକ ଠକେଇ ସମ୍ବନ୍ଧୀୟ ଅଭିଯୋଗ ୧୯୩୦ରେ ପଞ୍ଜୀକୃତ ହେଲେ, ସିସିଟିଏନ୍ଏସ୍‌ରେ ସ୍ୱୟଂଚାଳିତ *(ପୃଷ୍ଠା ୭ରେ)*

# ସୁରତରେ ବର୍ଷା ବିଘ୍ନାତ : ୯ ମୃତ

**ଅହମଦାବାଦ, ୮ ।୭**

ଗୁଜରାଟରେ ଲଗାଣ ବର୍ଷା ଯୋଗୁ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ବିଶେଷକରି ସୁରତ ସହର ଓ ଦକ୍ଷିଣ ଗୁଜରାଟର ଅନେକ ଅଞ୍ଚଳ ବନ୍ୟା ପରିସ୍ଥିତିର ସମ୍ମୁଖୀନ ହୋଇଛି। ଗତ ଦୁଇ ଦିନ ମଧ୍ୟରେ କେବଳ ସୁରତରେ ବର୍ଷାଜନିତ ବିଭିନ୍ନ ଘଟଣାରେ ୯ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଆହତ ହୋଇଛନ୍ତି। ରାଜ୍ୟରେ ଏକାସାଙ୍ଗରେ ପାଞ୍ଚଟି ପାଣିପାଗ ପ୍ରଣାଳୀ ସକ୍ରିୟ ଥିବାରୁ ଦକ୍ଷିଣ ଗୁଜରାଟ ଓ ସୌରାଷ୍ଟ୍ରର କିଛି ଅଞ୍ଚଳରେ ଅତି ପ୍ରବଳ ବର୍ଷା ଜାରି ରହିଛି।

ଗତ ୨୪ ଘଣ୍ଟାରେ ରାଜ୍ୟର ୧୯୫ଟି ତହସିଲରେ ବର୍ଷା ରେକର୍ଡ କରାଯାଇଛି। ସେଥିମଧ୍ୟରୁ ୬ଟି ତହସିଲରେ ୧୦ ଇଞ୍ଚରୁ ଅଧିକ ବର୍ଷା ହୋଇଛି। ସୁରତ ଜିଲ୍ଲାର ପାଲସାନାରେ ସର୍ବାଧିକ ୧୮ ଇଞ୍ଚ ବର୍ଷା ହୋଇଥିବାବେଳେ କାମରେଜରେ ୧୭ ଇଞ୍ଚ, ନବସାରୀରେ ୧୫ ଇଞ୍ଚ, ସୁରତ ସହରରେ ୧୪ ଇଞ୍ଚ, ବଲସାଡ଼ର କପରାଡାରେ ୧୩ ଇଞ୍ଚ ଓ ଜଲାଲପୁରରେ ୧୧ ଇଞ୍ଚ ବର୍ଷା ହୋଇଛି।

ସୁରତରେ ପ୍ରାୟ ୧୮ ଇଞ୍ଚ ବର୍ଷା ହେବାରୁ ସହରର ପାଞ୍ଚଟି ପ୍ରମୁଖ ପ୍ରାକୃତିକ ଝରଣା ମଧ୍ୟରୁ ଚାରିଟି ଉଛୁଳି ପଡ଼ିଥିଲା। ଫଳରେ ଆବାସିକ ଅଞ୍ଚଳ, ବସ୍ତି, ବ୍ୟବସାୟିକ ପ୍ରତିଷ୍ଠାନ ଓ ପ୍ରମୁଖ ରାସ୍ତାଗୁଡ଼ିକ ପାଣିରେ ବୁଡ଼ି ଯାଇଥିଲା। ସହରର ଅନେକ ସ୍ଥାନରେ ୧୧ରୁ ୧୯ *(ପୃଷ୍ଠା ୭ରେ)*

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୯ ଜୁଲାଇ ୨୦୨୬ ଗୁରୁବାର





# ଚୌଦ୍ୱାର ସହରରୁ ବର୍ଷା ଜଳ ନିଷ୍କାସନ କାର୍ଯ୍ୟ ଆରମ୍ଭ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**



ଲଘୁଚାପ ଜନିତ ବର୍ଷାରେ ଚୌଦ୍ୱାର ସହରରେ ଜଳମଗ୍ନ ହୋଇଥିବା ବିଭିନ୍ନ କଲୋନୀ ଓ ବସ୍ତିରୁ ପୌରପାଳିକା ତରଫରୁ ଜଳ ନିଷ୍କାସନ କାର୍ଯ୍ୟ ସୋମବାର ସକାଳରୁ ଆରମ୍ଭ ହୋଇଛି । ପୌରପାଳିକା ୧୭ ନମ୍ବର ୱାର୍ଡ଼ ଅଧିନ ଧୂମାବତୀ ବିହାର ଓ ନୂଆସାହିରେ ଡ୍ରେନ୍ ସମସ୍ୟା ରହିଥିବାରୁ ଲଗାଣ ବର୍ଷାରେ ଉକ୍ତ ଅଞ୍ଚଳର ରାସ୍ତା ଉପରେ ପାଣିର ସୁଅ ଛୁଟିବା ସହିତ କିଛି ଲୋକଙ୍କ ଘରେ ପାଣି ପଶିଯିବାରୁ ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଥିଲେ । ସୋମବାର ବର୍ଷା ବନ୍ଦ ହେବାପରେ ପୌରନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ପୌରାଯନ୍ତ୍ରୀ ସଞ୍ଜୟ କୁମାର ସାମଲ, ପୌରକର୍ମଚାରୀ ଦେବଦାସ ପଣ୍ଡା, ରଶ୍ମି ରଞ୍ଜନ ଦାସ ପ୍ରମୁଖ ଚୌଦ୍ୱାର ଦମକଳ ବାହିନୀ ସହାୟତାରେ ଧୁମାବତୀ ବିହାରର କିଛି ସ୍ଥାନରୁ ବର୍ଷାଜଳ ନିଷ୍କାସନ ସହିତ ଡ୍ରେନ୍ ସଫା କରିବା ପରେ ରାସ୍ତା ଘାଟରୁ ଜଳ ନିଷ୍କାସନ ହେବାରେ ଲୋକେ କିଛି ମାତ୍ରାରେ ଆସ୍ୱସ୍ତି ଲାଭ କରିଛନ୍ତି । ବିଧାୟକ ସୌଭିକ ବିଶ୍ୱାଳ ମଧ ଘଟଣାସ୍ଥଳରେ ପହଞ୍ଚି ନିଷ୍କାସନ ବ୍ୟବସ୍ଥା ତଦାରଖ କରିବା ସହିତ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ସମସ୍ୟାର ସ୍ଥାୟୀ ସମାଧାନର ପଦକ୍ଷେପ ନିଆଯିବ ବୋଲି ପ୍ରତିଶୃତି ଦେଇଛନ୍ତି । ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଓ ଉପାଧକ୍ଷ ଶୁଭେନ୍ଦୁ ସାମଲ ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ କରି ସମସ୍ୟା ଅନୁଧ୍ୟାନ କରିଥିଲେ ।

# ସଙ୍କଟରେ ଚାଲିଛି ଧାମନଗର ଶିକ୍ଷା ବ୍ୟବସ୍ଥା

**ଧାମନଗର, ନ୍ୟୁଜ୍ ବ୍ୟୁରୋ**




- ବିଇଓ ସମେତ ୧୭୦ ଶିକ୍ଷକ ପଦ ଖାଲି
- ୪୦ରୁ ଅଧିକ ସ୍କୁଲ୍‌ରେ ନାହାଁନ୍ତି ପ୍ରଧାନ ଶିକ୍ଷକ

ଧାମନଗର ବ୍ଲକରେ ସ୍କୁଲ ଓ ଗଣଶିକ୍ଷା ବ୍ୟବସ୍ଥାକୁ ନେଇ ଏବେ ସଙ୍କଟ ଦେଖାଦେଇଛି । ଶିକ୍ଷକ ଅଭାବ ସାଙ୍ଗକୁ ପ୍ରଶାସନିକ ଶୂନ୍ୟତା ଓ ପଦୋନ୍ନତି ପ୍ରକ୍ରିୟାରେ ଅଚଳାବସ୍ଥା ଯୋଗୁ ବ୍ଲକର ଅନେକ ସରକାରୀ ବିଦ୍ୟାଳୟରେ ପାଠପଢ଼ା ନୂତନ ଶିକ୍ଷା ବର୍ଷରୁ ପ୍ରଭାବିତ ହେଉଛି । ସରକାର ଗୁଣାତ୍ମକ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉଥିବା ସ୍ଥଳେ ଧାମନଗରରେ କିନ୍ତୁ ବାସ୍ତବ ଚିତ୍ର କିଛି ଭିନ୍ନ ରହିଛି । ବ୍ଲକରେ ପ୍ରାୟ ୧୭୦ଟି ଶିକ୍ଷକ ପଦବୀ ଦୀର୍ଘଦିନ ଧରି ଖାଲିପଡ଼ିଥିବା ବେଳେ ୧୧ଟି ପ୍ରାଥମିକ ବିଦ୍ୟାଳୟ କେବଳ ଜଣେ ଶିକ୍ଷକଙ୍କ ଭରସାରେ ଚାଲିଛି । ଏହି ଜଣେ ଶିକ୍ଷକଙ୍କୁ ସମସ୍ତ ଶ୍ରେଣୀର ପାଠପଢ଼ା ସହ ମଧ୍ୟାହ୍ନ ଭୋଜନ, ସରକାରୀ ରିପୋର୍ଟ, ବିଭିନ୍ନ ସର୍ଭେ ଓ ପ୍ରଶାସନିକ କାର୍ଯ୍ୟ ମଧ ସମ୍ଭାଳିବାକୁ ପଡୁଛି । ଫଳରେ ଗୁଣାତ୍ମକ ଶିକ୍ଷା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି । ପ୍ରଶାସନିକ କ୍ଷେତ୍ରରେ ମଧ ସ୍ଥିତି ସନ୍ତୋଷଜନକ ନାହିଁ । ଧାମନଗର ବ୍ଲକରେ ସ୍ଥାୟୀ ବ୍ଲକ ଶିକ୍ଷା ଅଧିକାରୀ ନାହାନ୍ତି । ଭଦ୍ରକର ଏଡ଼ିଓ ପ୍ରଫୁଲ୍ଲ ସାହୁ ଅତିରିକ୍ତ ଭାବେ ତିନୋଟି ବ୍ଲକର ଦାୟିତ୍ୱ ସମ୍ଭାଳୁଥିବା ଜଣାଯାଇଛି । ଅଧିକାଂଶ କାର୍ଯ୍ୟ ଏବିଇଓ ଓ ବିଆରସିଙ୍କ ଉପରେ ନିର୍ଭର କରୁଛି । କାର୍ଯ୍ୟାଳୟରେ ନିୟମିତ କିରାଣୀ ଓ ପିଅନ ପଦବୀ ମଧ ଖାଲି ରହିଥିବାରୁ ପ୍ରଶାସନିକ ମଧ କାର୍ଯ୍ୟ ବ୍ୟାହତ ହେଉଛି । ବିଗତ ତିନି ବର୍ଷ ଧରି ପଦୋନ୍ନତି ନହେବାରୁ ବ୍ଲକରେ ୨୦ଟି ଲେଵ୍ଲ–୩ ଓ ୨୦ରୁ ଅଧିକ ଲେଵ୍ଲ–୪ ପ୍ରଧାନଶିକ୍ଷକ ପଦବୀ ଖାଲିପଡ଼ିଛି । ଅନେକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହେଉଛି । ଯାହାଦ୍ୱାରା ଶୈକ୍ଷିକ ଓ ପ୍ରଶାସନିକ ସ୍ତରକୁ ପ୍ରଭାବିତ କରୁଛି । ଏପରି ପରିସ୍ଥିତି ମଧ୍ୟରେ ଜୁଲାଇ ୮ରୁ ୧୭ ତାରିଖ ମଧ୍ୟରେ ସମସ୍ତ ବିଦ୍ୟାଳୟରେ ସ୍କୁଲ ପରିଚାଳନା କମିଟି (ଏସ୍‌ଏମ୍‌ସି), ୱାର୍କିଂ କମିଟି ଓ ଶୈକ୍ଷିକ କମିଟି ଗଠନ ପାଇଁ ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି । ଏପର୍ଯ୍ୟନ୍ତ ପ୍ରାୟ ୧୫୦ଟି ବିଦ୍ୟାଳୟର ପିଟିଏ ପଞ୍ଜିକରଣ ଶେଷ ହୋଇଥିବା ଜଣାପଡ଼ିଛି । ତେବେ ଶିକ୍ଷକ ଓ ପ୍ରଧାନଶିକ୍ଷକ ଅଭାବ ମଧ୍ୟରେ କେବଳ କମିଟି ଗଠନ କରି ଶିକ୍ଷା ବ୍ୟବସ୍ଥାର ସୁଧାର ସମ୍ଭବ କି ନାହିଁ, ତାହାକୁ ନେଇ ଶିକ୍ଷା ସଚେତନ ମହଲରେ ଚର୍ଚ୍ଚା ଜୋର୍ ଧରିଛି । ସୂଚନା ଅନୁଯାୟୀ, ବନ୍ତ ବ୍ଲକର ଅଧିକ ଶିକ୍ଷକଙ୍କୁ ଧାମନଗର ସମେତ ଅନ୍ୟ ବ୍ଲକକୁ ଆଣିବା ପାଇଁ ପ୍ରସ୍ତାବ ପ୍ରସ୍ତୁତ ହୋଇଥିଲେ ମଧ ଜିଲ୍ଲାପାଳଙ୍କ ଅନୁମୋଦନ ମିଳିନଥିବାରୁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ । ଗୋଟିଏ ବ୍ଲକରେ ଅଧିକ ଶିକ୍ଷକ ଥିବାବେଳେ ଧାମନଗରରେ ଶିକ୍ଷକ ଅଭାବ ସମସ୍ୟା ଚିନ୍ତାର ବିଷୟ ପାଲଟିଛି । ଧାମନଗରର ଶିକ୍ଷା ବ୍ୟବସ୍ଥାର ଏହି ସଙ୍କଟ ଏବେ କେବଳ ଏକ ପ୍ରଶାସନିକ ସମସ୍ୟା ନୁହେଁ, ବରଂ ହଜାର ହଜାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଜଡ଼ିତ ଏକ ଗୁରୁତର ପ୍ରସଙ୍ଗ । ଖାଲି ରହିଥିବା ଶିକ୍ଷକ ପଦବୀ ପୂରଣ, ସ୍ଥାୟୀ ବିଇଓ ନିଯୁକ୍ତି ଏବଂ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ସରକାର ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଶିକ୍ଷାବିତ ବୁଦ୍ଧିଜୀବୀ ଅଭିଭାବକ ମହଲରେ ଦାବି କରାଯାଇଛି ।



# ଯାଜପୁରରେ ଜନତାଙ୍କ ୩୫ ଅଭିଯୋଗର ତତ୍କାଳ ସମାଧାନ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡ଼ିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ୍ ୧୭୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୩୮ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୫ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୩୧ ଗୋଟି ରେଡକ୍ରସ୍ ପାଣ୍ଠିରୁ ୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୩୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ବ୍ରହ୍ମାନନ୍ଦ ବେହେରା, ତହସିଲଦାର , ଯାଜପୁର ରବିନାରାୟଣ ପାଢ଼ୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

# ଲଗାଣ ବର୍ଷାରେ ପ୍ରାଣୀ ସମ୍ପଦ ସମସ୍ୟାରେ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାରେ ସପ୍ତାହେ ଧରି ହେଉଥିବା ଲଗାଣ ବର୍ଷା ଫଳରେ ସମସ୍ୟାରେ ପ୍ରାଣୀ ସମ୍ପଦ ପଡିଥିବା ବେଳେ ପ୍ରାଣୀ ପାଳକ ମାନେ ଚିନ୍ତାରେ ପଡିଛନ୍ତି । ବିଶେଷ କରି ଗାଈ ଗୋରୁ ଓ ଛେଳି ମେଣ୍ଢାମାନେ ବର୍ଷା ଯୋଗୁ ବାହାରକୁ ଚରିବା ପାଇଁ ଯାଉନଥିବା ବେଳେ ସେମାନଙ୍କୁ ଘରେ ଖାଦ୍ୟପେୟ ଦେବା ଚାଷୀମାନଙ୍କ ପାଇଁ ବ୍ୟୟ ବହୁଳ ହୋଇପଡିଛି । ଜିଲ୍ଲା ପ୍ରଶାସନ କିମ୍ବା ପ୍ରାଣୀ ସମ୍ପଦ ବିଭାଗ ଗୃହ ପାଳିତ ପଶୁମାନଙ୍କ ପାଇଁ ଏଭଳି ଆପାଦକାଳୀନ ପରିସ୍ଥିତିରେ କୌଣସି ସହାୟତା ଯୋଗାଇ ଦେଉନଥିବା ହେତୁ ପ୍ରାଣୀପାଳକ ମାନଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଉଛି । ଏ ଦିଗରେ ଜିଲ୍ଲାପାଳ ଓ ପ୍ରାଣୀ ସମ୍ପଦ ବିଭାଗ ସରକାରୀ ନିୟମ ଅନୁଯାୟୀ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ପ୍ରାଣୀ ପାଳକ ମାନେ ଦାବି କରିଛନ୍ତି ।

# ଶ୍ରୀଜୟଦେବ ଫାର୍ମାସୀ ମହାବିଦ୍ୟାଳୟରେ ବନ ମହୋତ୍ସବ ପାଳନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ନହରକଣ୍ଟା ସ୍ଥିତ ଶ୍ରୀଜୟଦେବ ଫାର୍ମାସୀ ମହାବିଦ୍ୟାଳୟରେ ୭ ତାରିଖ ମଙ୍ଗଳବାର ଦିନ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ କଲେଜର ଏନ୍.ଏସ୍.ଏସ୍. ବିଭାଗ ତରଫରୁ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ବଉଳ, ଆତ, ଡାଲଚିନି, ପିଜୁଳି, କରଞ୍ଜ ଓ ନିମ୍ବ ଆଦି ନାନା କିସମର ଚାରା ରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମକୁ କଲେଜର ଅଧକ୍ଷା ପ୍ରଫେସର ନୀଳିମା ଶୁକ୍ଲା ଓ ଏନ୍.ଏସ୍.ଏସ୍. ବିଭାଗର ମୁଖ୍ୟ ଆସୋସିଏଟ୍ ପ୍ରଫେସର ପଗତି ରଞ୍ଜନ ଶତପଥୀ ଉପସ୍ଥିତ ରହି ସୁଚାରୁରୂପେ ସଞ୍ଚାଳିତ କରିଥିଲେ । ଉକ୍ତ ଚାରାରୋପଣ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ଏହାକୁ ଅଧିକ ତ୍ୱରାନ୍ୱିତ କରିଥିଲେ ।




# ବ୍ୟାସନଗର ସହରରୁ ବର୍ଜ୍ୟ ଜଳ ନିଷ୍କାସନ ନେଇ ପଦକ୍ଷେପ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**



ବ୍ୟାସନଗର ସହରରେ ବର୍ଷାଜଳ ନିଷ୍କାସନ ବଡ ସମସ୍ୟା ସୃଷ୍ଟି କରିଛି । ବର୍ଷା ହେଲେ ସହରବାସୀ ଜଳବନ୍ଦିରେ ରହୁଛନ୍ତି । ବର୍ଷାଜଳ ସମସ୍ୟା ନେଇ ସୋମବାର ଅପରାହ୍ନରେ କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଶ୍ରୀ ଦାସନାୟକ ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଡ୍ରେନେଜ୍ ବିଭାଗ, ରେଳବାଇ ବିଭାଗ, ପୌରସଂସ୍ଥା ତଥା ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ଜନସାଧାରଣଙ୍କ ଅଭିଯୋଗ ଆଧାରରେ ଜଳ ନିଷ୍କାସନ ଉପରେ ସମୀକ୍ଷା କରିଥିଲେ । ଜଳ ନିଷ୍କାସନ ପଥରେ ପାଚେରୀ ହେଉକି ଘର ଏପରିକି ଡ୍ରେନ୍ ଉପରୁ ଜବରଦଖଲ ଉଚ୍ଛେଦ କରି ଜଳ ନିଷ୍କାସନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମଙ୍ଗଳବାର ଡାକବାଜି ଯନ୍ତ୍ରରେ ପ୍ରଚାର କରି ଅପରାହ୍ନରେ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ୱାଟ୍‌କୋ ଆଦି ବିଭାଗ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ଟିମ୍ ଗଠନ କରିବା ସହ ସମସ୍ୟାର ସମାଧାନ କରିବାକୁ କହିଥିଲେ । ଦୀର୍ଘସ୍ଥାୟୀ ବ୍ୟବସ୍ଥା କରିବାକୁ ଆହ୍ୱାନ ଦେବାସହ ସଠିକ୍ ଭାବେ କାର୍ଯ୍ୟ ନକରି ସରକାରଙ୍କୁ ବଦ୍‌ନାମ୍ କଲେ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଶ୍ରୀ ଦାସନାୟକ ଚେତାବନୀ ଦେଇଥିଲେ । କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ କହିଥିଲେ ଯେ, ଜଳ ନିଷ୍କାସନ ଅବରୋଧ କରୁଥିବା ସ୍ଥାନ ଚିହ୍ନଟ କରି ସଫେଇ କରାଯାଉ । ଆବଶ୍ୟକ ପଡିଲେ ମୋଟର ଲଗାଇ ଜଳକୁ ଅନ୍ୟ ନାଳକୁ ଛଡାଯାଉ । ଚୋରଦା ଛକରୁ ନହକା ଗୋଲେଇ ଛକ ରାସ୍ତା ଉଭୟ ପାର୍ଶ୍ୱରେ ଥିବା ଡ୍ରେନ୍ ତୁରନ୍ତ ସଫେଇ କରିବାକୁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ପରିଷଦ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ନଗରପାଳ ସୁବାସ ବଳ ଜଳ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗ ଏସ୍.ଡି.ଓ. ଦିଲ୍ଲୀପ ନାୟକ, ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ରଞ୍ଜିତ କୁମାର ମଲ୍ଲିକ, ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ବିଧାୟକଙ୍କ ପ୍ରତିନିଧି ଶିଶିର ରାଉତ, ସାଂସଦ ପ୍ରତିନିଧି ନିରଞ୍ଜନ ଘଡାଇ, ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାଶ, ବିଜେପି ନେତା ସତ୍ୟନାରାୟଣ ମହାନ୍ତି, ସୌମେନ୍ଦ୍ର ରାଉତ, ପ୍ରୀତିରଞ୍ଜନ ସାହୁ, ପ୍ରିୟବ୍ରତ ସାହୁ, ବାବାଜୀ ମଲ୍ଲିକ, କାଉନସିଲର ଅଶୋକ ରାଉତ, ଶିବାନନ୍ଦ ନାୟକ, ରଶ୍ମିତା ରାଉତ, ମଣୀନ୍ଦ୍ର କୁମାର ସାହୁ, ଭରତ ଓଝା, ଟୁନିଆ ନାୟକ, ସନ୍ଦୀପ ପରିଡା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ସମେତ ୨୬ ୱାର୍ଡରୁ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ ।

# ଗୋ-ଚାଲାଣ ବେଳେ ଚଢ଼ଉ:୧୫ ଗାଈ ଉଦ୍ଧାର

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଗୋ ଚାଲାଣ ବେଳେ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ପୋଲିସ ଚଢ଼ଉ କରିଛି । ଚଢ଼ଉ କରି ପନ୍ଦରଟି ଗାଈ ଉଦ୍ଧାର କରିବା ସହ ଆଠ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ନାରାୟଣପାଟଣା ଥାନା ଡି.ପାଲୁର ଗ୍ରାମର ବିଦେଶ ଖରା, ବିଶେକ ଖରା, ପାନ କୁଳଦୀପ ଓ ଉଦୟ ପାତ୍ର, ପାଲାପୁଟ ଗ୍ରାମର ଈଶ୍ୱର ଖରା ଓ ଜଗ କୁଲେସିକା, ଖଜାଗୁଡା ଗ୍ରାମର ଲେଙ୍ଗୁ ହବିକା ଓ ବାଚୁ ହିକକା । ଉଦ୍ଧାର କରାଯାଇଥିବା ସମସ୍ତ ଗାଈ ଗୁଡିକୁ ଜୟପୁର ସ୍ଥିତ ଗୋଶାଳାକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ସୁଞ୍ଜାନୀ ସାହୁ ସୂଚନା ଦେଇଛନ୍ତି । ପୋଲିସ ସୂଚନା ଅନୁଯାଇ ଲକ୍ଷ୍ମୀପୁର ଦେଇ ପ୍ରତ୍ୟେକ ଶନିବାର ଦିନ ଆନ୍ଧ୍ର ପ୍ରଦେଶକୁ ଗାଈ ଚାଲାଣ ଚାଲିଥିଲା । ଗୋ'ଚାଲାଣ ହେଉଥିବା ସମୟରେ ପୋଲିସ ପାଟ୍ରୋଲିଙ୍ଗ ଚାଲିଥିବା ବେଳେ ଚିଲିଶଙ୍ଖା ଗ୍ରାମ ପାଖରେ ପନ୍ଦରଟି ଗାଈ ସହ ଗୋ'ଚାଲାଣକାରୀଙ୍କ ଉପରେ ଚଢ଼ଉ କରିଥିଲା । ସମସ୍ତ ଗାଈଗୁଡିକୁ ଆଣି ପୋଲିସ ଥାନା ପରିସରରେ ରଖି ଜୟପୁର ସ୍ଥିତ ଗୋଶାଳାକୁ ପଠାଇଛି । ଏନେଇ ଲକ୍ଷ୍ମୀପୁର ଥାନାରେ ୧୦୦/୨୬ରେ ଏକ ମାମଲା ରୁଜୁ କରାଯାଇଛି । ସମସ୍ତ ଗାଈଗୁଡିକ କାଶୀପୁର ବ୍ଲକ୍ ଦୋରାଗୁଡା ଥାନା ଅନ୍ତର୍ଗତ ଡି.କରଲ ଗ୍ରାମରୁ ଆନ୍ଧ୍ରପ୍ରଦେଶ ଯାଉଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି ।

# ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ପ୍ରତ୍ୟାହାର ଦାବିରେ ଧର୍ମଶାଳାରେ ବିକ୍ଷୋଭ




**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଏସ୍.ୟୁ.ସି.ଆଇ.(କମ୍ୟୁନିଷ୍ଟ) ଧର୍ମଶାଳା ବ୍ଲକ୍ କମିଟି ଉଦ୍ୟୋଗରେ ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଏବଂ ପୁରୁଣା ବହିରେ ପାଠ ପଢା ଦାବିରେ ଏକ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏକ ଶୋଭାଯାତ୍ରା ଶାନ୍ତି ବଜାର ଠାରୁ ଆରମ୍ଭ କରି ବଜାର ପରିକ୍ରମା କରି ଧର୍ମଶାଳା ବ୍ଲକ୍ ଠାରେ ଜିଲ୍ଲା କମିଟି ସଭ୍ୟ କମ୍ରେଡ ମଧୁମିତା ସାହୁଙ୍କ ସଭାପତିତ୍ୱରେ ଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ବିକ୍ଷୋଭ ସଭାରେ ରାଜ୍ୟ କମିଟି ସଦସ୍ୟ କମ୍ରେଡ ଅକ୍ଷୟ କୁମାର ଦାସ, ଜିଲ୍ଲା କମିଟି ସଭ୍ୟ କମ୍ରେଡ ଚୈତନ୍ୟ ସାହୁ, ଲକ୍ଷ୍ମୀଧର ମଲ୍ଲ, ମନୋଜ ସେଠୀ, ନାରାୟଣ ପରିଡ଼ା, ପ୍ରଭାତୀ ମଲିକ, ସଂଯୁକ୍ତା ସାହୁ, ଦମୟନ୍ତି ମୁଦୁଲି, ପ୍ରଶାନ୍ତ ସ୍ୱାଇଁ, ପବିତ୍ର ସାହୁ, ବିଚିତ୍ର ଦାସ, କବି ସେଠୀ ଜ୍ୟୋତିର୍ମୟୀ ବେହେରା, ପ୍ରଶାନ୍ତ ମଲିକ ଇତ୍ୟାଦି ବକ୍ତାମାନେ ତିବ୍ର ସମାଲୋଚନା କରି କହିଥିଲେ ଯେ ରାଜ୍ୟ ବିଜେପି ସରକାର ଜନମତକୁ ସମ୍ମାନ ପୂର୍ବକ ଚଳିତ ଶିକ୍ଷା ବର୍ଷ ପାଇଁ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକର ତ୍ରୁଟି ଗୁଡିକୁ ସ୍ୱୀକାର କଲେ ମଧ ସେଗୁଡିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ପାଇଁ ଏବଂ ଚଳିତ ବର୍ଷ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଠପଢା ପାଇଁ ସୁନିର୍ଦ୍ଦିଷ୍ଟ କୌଣସି କାର୍ଯ୍ୟକାରୀ ପଦକ୍ଷେପ ଏଯାଏ ଘୋଷଣା କରିନାହାଁନ୍ତି । ଏନ୍.ଇ.ପି-୨୦୨୦ ଆଧାରରେ ଗୁଣାତ୍ମକ ଶିକ୍ଷା ଯୋଗାଇଦେବା ନାଁରେ ଆପଣଙ୍କ ସରକାର ଅତ୍ୟନ୍ତ ତରବରିଆ ଭାବେ ଏନ୍.ସି.ଇ.ଆର୍.ଟି ଦ୍ୱାରା ପ୍ରକାଶିତ ପାଠ୍ୟପୁସ୍ତକ ଗୁଡିକୁ ଏ.ଆଇ ସାହାଯ୍ୟରେ ଓଡ଼ିଆରେ ଅନୁବାଦ କରି ପ୍ରକାଶ କରିଛନ୍ତି । ଏ ସମସ୍ତ ପୁସ୍ତକ ଗୁଡିକରେ କେବଳ ବନାନଗତ ବା ତଥ୍ୟଗତ ତ୍ରୁଟି ନୁହେଁ ବରଂ ମୌଳିକ ବିଷୟର ବିକୃତି କରାଯାଇଛି । ଭାରତୀୟ ଜ୍ଞାନ ନାଁରେ ଅବୈଜ୍ଞାନିକ, ଅଯୌକ୍ତିକ ବିଷୟବସ୍ତୁ ଭର୍ତ୍ତି କରିବା ସହ କିଛି ପାଠ୍ୟକ୍ରମ ନୂତନ ଭାବରେ ଯୁକ୍ତ କରାଯାଇ ଅନାବଶ୍ୟକ ବୋଝ ଲଦି ହେବା ଯୋଗୁ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ ଧ୍ୱଂସ ହେବ ବୋଲି ରାଜ୍ୟବାସୀ ଦୃଢ ଭାବେ ମନେ କରନ୍ତି । ଏ ସମସ୍ତ ମୌଳିକ ତ୍ରୁଟିର ମୂଳ ଉତ୍ସ ହେଉଛି ଏନଇପି-୨୦୨୦ ଆଧାରରେ ଏନ୍‌ସିଇଆରଟି ଦ୍ୱାରା ପ୍ରକାଶିତ ପାଠ୍ୟପୁସ୍ତକ । ପୁନଶ୍ଚ ସଂପ୍ରତି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଆପଣଙ୍କ ସରକାର ଷଷ୍ଠ ଶ୍ରେଣୀରୁ ତ୍ରିଭାଷୀ ନୀତି ଲାଗୁ କରିବା ପାଇଁ ସମସ୍ତ ସ୍କୁଲ ଗୁଡିକୁ ଯେଉଁ ନିର୍ଦ୍ଦେଶନାମା ଜାରି କରିଛନ୍ତି ତାହା ଆହୁରି ଉଦ୍‌ବେଗଜନକ । ଏହି ଭାଷା ନୀତି ଅନୁଯାୟୀ ଓଡ଼ିଆ ଏବଂ ଇଂରାଜୀ ଭାଷା ଶିକ୍ଷାକୁ ସମ୍ପୂର୍ଣ୍ଣ ଇଚ୍ଛାଧିନ କରାଯାଇଛି । ଓଡ଼ିଆ ଅସ୍ମିତାର କଥା କହି କ୍ଷମତାକୁ ଆସିଥିବା ଆପଣଙ୍କ ସରକାର ଏହି ଦିଗରେ ମାତୃଭାଷା ଓଡ଼ିଆକୁ ନେଇ ଗୁରୁତର ସଂକଟ ସୃଷ୍ଟି କରିଛନ୍ତି ଓ ଅନ୍ୟଦିଗରେ ଇଂରାଜୀକୁ ସମ୍ପୂର୍ଣ୍ଣ ଗୁରୁତ୍ୱହୀନ କରିଛନ୍ତି । ଏହା ସର୍ବଜନ ସ୍ୱୀକୃତ ଯେ ଭାଷା ହେଉଛି ଚିନ୍ତାର ବାହାକ । ଏଣୁ ଭାଷା ଶିକ୍ଷାକୁ ଗୁରୁତ୍ୱହୀନ କରାଯିବା ଦ୍ୱାରା ଛାତ୍ରଛାତ୍ରମାନଙ୍କ ଚିନ୍ତା ପ୍ରକ୍ରିୟା ଏବଂ ଭବିଷ୍ୟତ ପାଠପଢା ସମ୍ପୂର୍ଣ୍ଣ ଧ୍ୱଂସ ହେବ ବୋଲି ଦୃଢୋକ୍ତି ପ୍ରକାଶ ପାଉଛି । ତେଣୁ ଚଳିତ ବର୍ଷ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ନଦେଇ ଅବିଳମ୍ବେ ବିକୃତ ତ୍ରୁଟିଯୁକ୍ତ ପାଠ୍ୟ ପୁସ୍ତକକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା, ଚଳିତ ବର୍ଷ ପୁରୁଣା ବହିରେ ପାଠ ପଢା ଆରମ୍ଭ କରିବା, ଅବୈଜ୍ଞାନିକ ଭାଷା ଶିକ୍ଷା ନୀତିକୁ ତୁରନ୍ତ ପ୍ରତ୍ୟାହାର କରିବା, ଆସନ୍ତା ଶିକ୍ଷା ବର୍ଷ ପାଇଁ ଅବିଳମ୍ବେ ଗଣତାନ୍ତ୍ରିକ ପଦ୍ଧତିରେ ବିଷୟଭିତ୍ତିକ ବିଶେଷଜ୍ଞଙ୍କୁ ନେଇ କମିଟି ଗଠନ କରି ବିଜ୍ଞାନ ସମ୍ମତ ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ଯୋଗାଇ ଦେବା, ଏନ୍.ଇ.ପି-୨୦୨୦କୁ ସମ୍ପୂର୍ଣ୍ଣ ବାତିଲ୍ କରିବା ପାଇଁ ଆମେ ଦୃଢ ଭାବେ ଦାବି ଉପସ୍ଥାପନ କରିଛନ୍ତି । ଶେଷରେ ଏକ ସ୍ମାରକପତ୍ର ବି.ଡ଼ି.ଓ. ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରଦାନ କରାଯାଇଥିଲା ।

# ମାଡ଼ି ଆସୁଛି ସମୁଦ୍ର:ସଂକଟରେ ପୋଡ଼ମପେଟା ଗାଁ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଛତ୍ରପୁର ନିକଟସ୍ଥ ପୋଡ଼ମପେଟା ଗାଁରେ କୂଳ ଲଂଘୁଛି ସମୁଦ୍ର । ଆଗକୁ ଆଗକୁ ମାଡି ଆସୁଛି ସମୁଦ୍ର ପାଣି । ଏପରି ସ୍ଥିତିରେ ଭୟଭୀତ ଅବସ୍ଥାରେ ରହିଛନ୍ତି ଆଖପାଖ ୧୬ ଖଣ୍ଡ ଗ୍ରାମର ଗ୍ରାମବାସୀ । ସେପଟେ ଏନେଇ ୭ଟି ଗାଁର ଲୋକ ଗଞ୍ଜାମ ଜିଲ୍ଲାପାଳଙ୍କ ସହ ସ୍ଥାୟୀ ସମାଧାନ ନେଇ ଆଲୋଚନା କରିଛନ୍ତି ।

# ସରକାରୀ ଯୋଜନା ସଂକ୍ରାନ୍ତରେ ହିତାଧିକାରୀଙ୍କୁ ଋଣ ପ୍ରଦାନ ପାଇଁ ବ୍ୟାଙ୍କ ଗୁଡ଼ିକୁ ପରାମର୍ଶ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲାସ୍ତରୀୟ ସମୀକ୍ଷା ସମିତି (DLRC) ଓ ପରାମର୍ଶଦାତା ସମିତି (DCC) ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ସାଂସଦ କଟକ ଡଃ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତା ଏବଂ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ଋଣ ବଣ୍ଟନ ଓ ଅଧିକ ବ୍ୟାଙ୍କ ଖୋଲିବା, ଲୋକଙ୍କ ସୁବିଧା ଅନୁସାରେ ବ୍ୟାଙ୍କର ସ୍ଥାନାନ୍ତରଣ ଆଦି ଉପରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଅଧିନରେ ହିତାଧିକାରୀଙ୍କୁ ଋଣ ଯୋଗାଣ ଉପରେ ମଧ ଆଲୋଚନା ହୋଇଥଲା । ଏଥିସହ ଉପସ୍ଥିତ ବ୍ୟାଙ୍କ ଗୁଡିକରେ ବିଭିନ୍ନ ବିଭାଗର ଋଣ ଅନୁମୋଦନ ପାଇଁ ବାକିଥିବା କାର୍ଯ୍ୟ ଗୁଡିକ ତୁରନ୍ତ ସମାଧାନ କରିବାକୁ ଡଃ ମହତାବ ନିର୍ଦ୍ଦେଶ ଦେବା ସହ କୃଷି, ପଶୁପାଳନ, ମତ୍ସ୍ୟ, ଉଦ୍ୟାନ କୃଷି ଆଦି କ୍ଷେତ୍ରରେ ଅଧିକରୁ ଅଧିକ ଋଣ ପ୍ରଦାନ କରି ଜିଲ୍ଲାର ଉନ୍ନତିରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପିଏମ୍ ସ୍ୱନିଧି , ପିଏମ୍ ବିଶ୍ୱକର୍ମା, ପିଏମ୍ ବଳରାମ ଆଦି ଯୋଜନା ଗୁଡ଼ିକର ସଫଳ ରୂପାୟନ ନିମନ୍ତେ ଆବଶ୍ୟକୀୟ ଋଣ ପ୍ରଦାନ ନିମନ୍ତେ ଆଲୋଚନା କରାଯାଇଥିଲା । ସମୀକ୍ଷା ବୈଠକରେ ବିଧାୟକ କଟକ ସଦର ଇଂ ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ ବଡମ୍ବା ବିଜୟ ଦଳବେହେରା ଆବଶ୍ୟକତା ଅନୁଯାୟୀ ଗ୍ରାମାଞ୍ଚଳ ମାନଙ୍କରେ ନୂତନ ବ୍ୟାଙ୍କ ସେବା ଉପଲବ୍ଧ କରାଇବା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଡିଡିଏମ୍ ନାବାର୍ଡ କଟକ, ପ୍ରଣିମା ପରିଡା, ଆର୍‌ବିଆଇ ଏଲ୍‌ଡିଓ ରିତେଶ ପାତ୍ର ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ । ଲିଡ ବ୍ୟାଙ୍କ ପ୍ରବନ୍ଧକ ସତ୍ୟରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବ୍ୟାଙ୍କର ଅଧିକାରୀ, ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ///// ରାଉରକେଲା ଷ୍ଟିଲ୍ ସିଟିର ସ୍ଥାପନା ଦିବସ ପାଳିତ /////

# ଜନତାଙ୍କୁ ଉତ୍ସର୍ଗୀକୃତ ସେବା ପ୍ରଦାନ ରୋଟାରୀ କ୍ଲବର ମୁଖ୍ୟ ଲକ୍ଷ୍ୟ

**ରାଉରକେଲା, ନ୍ୟୁଜ୍**




ରୋଟାରୀ କ୍ଲବ ଅଫ୍ ରାଉରକେଲା ଷ୍ଟିଲ୍ ସିଟିର ସ୍ଥାପନା ଦିବସ ରାଉରକେଲା କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି । କ୍ଲବର ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ରୋଟାରିଆନ୍ ଡ. ସରିତା ମଲ୍ଲଙ୍କ ଅଧ୍ୟକ୍ଷତା ଓ ରୋଟାରିଆନ୍ ସୁଚିସ୍ମିତା ବିଶ୍ୱାସଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ୍ ଆଲାମ ସିଂ ରପ୍ରା ମୁଖ୍ୟ ଅତିଥି ଓ ଫାଷ୍ଟ ଲେଡି ହରପାଲ ରୁପ୍ରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଦାୟୀ ସଭାପତି ରୋଟାରିଆନ୍ ବିଣାପାଣି ରଥ ଓ ବିଦାୟୀ ସମ୍ପାଦକ ରୋଟାରିଆନ୍ ରଶ୍ମି ମିଶ୍ରଙ୍କ ଠାରୁ ୨୦୨୬-୨୭ ପାଇଁ ସଭାପତି ରୋଟାରିଆନ୍ ଡ. ସରିତା ମଲ୍ଲ ଓ ସମ୍ପାଦକ ନମିତା ଆଚାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିଥିଲେ । ମୁଖ୍ୟଅତିଥି ରୋଟାରିଆନ୍ ରପ୍ରା କ୍ଲବର ଲକ୍ଷ୍ୟ ଓ ଆଭିମୁଖ୍ୟ, ଆବଶ୍ୟକତା ଥିବା ଜନସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ ସେବା ତଥା ଆନ୍ତର୍ଜାତୀୟ ସ୍ତରରେ ଦୀର୍ଘ ୧୬ ବର୍ଷ ଧରି ଶ୍ରେଷ୍ଠ ଏନ୍‌ଜିଓ ଭାବେ ପ୍ରସିଦ୍ଧି ଲାଭ କରିଥିବା ରୋଟାରୀ କ୍ଲବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହାସହ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସଭାପତି ଓ ସମ୍ପାଦକଙ୍କୁ ଶପଥ ପାଠ କରାଇଥିଲେ । ସଭାପତି ଡ. ମଲ୍ଲ ତାଙ୍କ ଅଭିଭାଷଣରେ ଅନୁଷ୍ଠାନ ପ୍ରତି ସମର୍ପିତ ମନୋଭାବ ନେଇ କାର୍ଯ୍ୟ କରିବା ସହ ସମସ୍ତ ଅଭିଜ୍ଞ ବରିଷ୍ଠଙ୍କ ଉପଦେଶକୁ ଗ୍ରହଣ କରିବା ପାଇଁ ମତ ରଖିଥିଲେ । ଏହି ଅବସରରେ ୩ ଜଣ ନୂତନ ରୋଟାରିଆନ୍‌ଙ୍କ ମଧ୍ୟରୁ ଉପସ୍ଥିତ ୨ ଜଣ ସରସ୍ୱତୀ ଜେନା, ମୁନି କାକୁଟିଙ୍କୁ ପିନ୍ ଦିଆଯାଇ କ୍ଲବକୁ ସ୍ୱାଗତ କରାଯାଇଥିଲା । ସେହିପରି ଡ଼ଃ ମଲ୍ଲଙ୍କ ନେତୃତ୍ୱରେ ଏକ ନୂତନ କାର୍ଯ୍ୟକାରୀ କମିଟିର ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଥିଲା । ଫାଷ୍ଟ ଲେଡି ରୋଟାରିଆନ୍ ରପ୍ରା, ଉପଦେଷ୍ଟା ରୋଟାରିଆନ୍ ପିପି ଡ. ଅଞ୍ଜନା ମୈତ୍ର, ଅତିଥି ସ୍ୱାମୀ ଦିବ୍ୟ ସୁନ୍ଦର ମହାରାଜ ବକ୍ତବ୍ୟ ରଖିଥିଲେ । କୋଷାଧକ୍ଷ ରୋଟାରିଆନ୍ ଦେବଜିତ ବାନାର୍ଜୀ ଓ ସମସ୍ତ ରୋଟାରିଆନ୍ ସର୍ବଶ୍ରୀ ଦିଲୀପ୍ ଭୁଇ, ସୂରଜ ନାୟକ, ଆଶିଷ ନାୟକ, ପୁତୁଲ ରାହୁଲ, ଦୀପିକା ଦେ, କମଲ ଅଗ୍ରୱାଲ, ସନ୍ଧ୍ୟାରାଣୀ ବରାଳ, ଜୟଶ୍ରୀ ପଟ୍ଟନାୟକ, ଲଳିତା ମୁଦାଲି, ଅର୍ଚ୍ଚନା ମହାନ୍ତି, ବିଜୟ ବୈଭବ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲା ବେଳେ ଗଣେଶ୍ୱର ପଟ୍ଟନାୟକ, ଡାକ୍ତର ଗୋପାଳ ଚନ୍ଦ୍ର ରାୟଙ୍କ ସମେତ ବିଭିନ୍ନ ରୋଟାରୀ କ୍ଲବର କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଶେଷରେ ସମ୍ପାଦକ ରୋଟାରିଆନ୍ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାମାଜିକ ସୁରକ୍ଷା ଯୋଜନାରୁ ହିତାଧିକାରୀ ବଞ୍ଚିତ

**ରାଇଘର, ନ୍ୟୁଜ୍ ବ୍ୟୁରୋ**



ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଥିବା ସତ୍ତ୍ୱେ ଯୋଗ୍ୟ ହିତାଧିକାରୀମାନେ ଏପର୍ଯ୍ୟନ୍ତ ସୁବିଧାରୁ ବଞ୍ଚିତ । ପଞ୍ଚାୟତ ଓ ବ୍ଲକ ପ୍ରଶାସନିକ ଅଧିକାରୀମାନଙ୍କ କାର୍ଯ୍ୟ ଅବହେଳା ଯୋଗୁ ବହୁ ଗରିବ ଅସହାୟ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇ ରହିଥିବା ଦେଖିବାକୁ ମିଳିଛି । ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ରାଇଘର ବ୍ଲକ ଅନ୍ତର୍ଗତ ଯୋଡିଙ୍ଗା ପଞ୍ଚାୟତ ଅଧିନରେ ଥିବା ନୂଆଗାଁର ଗୁରୁବାରୀ ଜାନୀ (୫୭) ବିଧବା ଭତ୍ତା ପାଇଁ ଯୋଗ୍ୟ ହୋଇଥିଲେ ମଧ ଏପର୍ଯ୍ୟନ୍ତ ଭତ୍ତା ପାଇନଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ସ୍ୱାମୀଙ୍କ ମୃତ୍ୟୁକୁ ଦୁଇବର୍ଷ ବିତିଯାଇଥିଲେ ମଧ ଭତ୍ତା ପାଇବାରୁ ସେ ବଞ୍ଚିତ ରହିଛନ୍ତି । ବାରମ୍ବାର ସମ୍ପୃକ୍ତ କାର୍ଯ୍ୟାଳୟକୁ ଯାଇ ଆବେଦନ କରିଥିଲେ ମଧ ଏପର୍ଯ୍ୟନ୍ତ ତାଙ୍କ ନାମ ତାଲିକାରେ ସାମିଲ ହୋଇନାହିଁ କିମ୍ବା ଭତ୍ତା ମିଳିନାହିଁ । ଆର୍ଥିକ ଅସୁବିଧାରେ ଜୀବନ ବିତାଉଥିବା ଗୁରୁବାରୀ ଜାନୀଙ୍କୁ ଶୀଘ୍ର ବିଧବା ଭତ୍ତା ପ୍ରଦାନ କରିବାକୁ ସ୍ଥାନୀୟ ବାସିନ୍ଦାମାନେ ପ୍ରଶାସନଙ୍କୁ ଦାବି କରିଛନ୍ତି ।

# ଟିକିଲିପଡ଼ାରେ ପାନୀୟ ଜଳ ସଙ୍କଟ ନେଇ ପଡ଼ାବାସୀଙ୍କ ଅଭିଯୋଗ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ବିଧାୟକ ତଥା ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ନିର୍ବାଚନୀୟ କ୍ଷେତ୍ର ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଟିକିଲିପଡ଼ା ପଞ୍ଚାୟତ ହାଇସ୍କୁଲ ଛକ ପଡାରେ ବସବାସ କରୁଥିବା ପ୍ରାୟ ୧୨ ପରିବାରର ୫୦ରୁ ଉର୍ଦ୍ଧ୍ୱ ଜନସାଧାରଣ ପାଣି ପାଇଁ ନାହିଁନଥିବା ଅସୁବିଧା ଭୋଗୁଥିବା ନେଇ ପଡ଼ାବାସୀ ଅଭିଯୋଗ କରିଛନ୍ତି । ବର୍ଷ ବର୍ଷ ଧରି ଏହି ପଡ଼ାରେ ଥିବା ଟାଇମ ନଳରେ ପାଣି ଆସୁନଥିବା ବେଳେ ପଡା ପାଖରେ ଥିବା ଗୋଟିଏ ନଳକୂପ ଖରାପ ହୋଇଯାଇଥିବା ଏବଂ ଅନ୍ୟ ଏକ ନଳକୂପରୁ ନାଳିଆ ପାଣି ବାହାରୁଥିବାରୁ ଏହା ବ୍ୟବହାର ଯୋଗ୍ୟ ହୋଇପାରୁନାହିଁ । ତେଣୁ ପଡାବାସୀ ପ୍ରାୟ ଦୁଇ କିଲୋ ମିଟର ଦୂରରୁ ପାଣି ଆଣୁଥିବା ପଡା ନିବାସୀ ସୁପ୍ରିୟା ତରିଆ ପ୍ରକାଶ କରିଛନ୍ତି । ସେହିପରି ପଡାବାସୀ ହତାଶନ ଭୋଇଙ୍କ କହିବା ଅନୁଯାଇ ପ୍ରାୟ ୭/୮ ବର୍ଷ ପୂର୍ବରୁ ଚାଲୁ ହୋଇଥିବା ସମୟରେ ଏହି ପଡାବାସୀ କିଛି ଦିନ ପାଇଁ ପାଣି ପାଇଥିଲେ ତାପରଠାରୁ ଆଜିପର୍ଯ୍ୟନ୍ତ ଏହି ପଡାବାସୀଙ୍କୁ ଟାଇମ ନଳ ଦ୍ୱାରା ପାଣି ଯୋଗାଇ ଦିଆଯାଇନାହିଁ ବିଭିନ୍ନ ଗ୍ରାମ ସଭା ଏବଂ ଜିଲ୍ଲାପାଳ ଅଭିଯୋଗ ଶୁଣାଣିରେ ଅଭିଯୋଗ ମଧ କରାଯାଇଛି ହେଲେ କେହି ଆମ କଥା ଶୁଣୁନାହାନ୍ତି । ପଡ଼ାରେ ଥିବା ଗୋଟିଏ ନଳକୂପରୁ ପାଣି ବ୍ୟବହାର କରାଯାଉଥିଲା ହେଲେ ଉକ୍ତ ନଳକୂପରୁ ପ୍ରାୟ ୩ରୁ ୪ ବର୍ଷ ହେବ ଲାଲ ପାଣି ବାହାରୁଛି ଯାହାଫଳରେ ପାଣି ବ୍ୟବହାର ଯୋଗ୍ୟ ହୋଇପାରୁନାହିଁ । ଏପରିକି ଏ ବାବଦରେ ଯେତେ ଅଭିଯୋଗ କଲେ ମଧ କେହି ଆମ କଥା ଶୁଣୁନାହାନ୍ତି । ସେହିପରି ପଡାବାସୀ କମଳିଣି ନାଏକଙ୍କ କହିବା ଅନୁଯାଇ ପଡାବାସୀ ପାଣି ପାଇଁ ବହୁତ ହଇରାଣ ହେଉଛନ୍ତି ଖରା ହେଉ କି ବର୍ଷା ହେଉ ନିଜ ଦୈନନ୍ଦିନ ଜୀବନରେ ପାଣି ନିହାତି ଆବଶ୍ୟକ ଥିବାରୁ ଆମେ ଦୁଇ କିଲୋମିଟର ଯାଇ ବର୍ଷ ବର୍ଷ ହେବ ପାଣି ଆଣୁଛୁ ଏଣୁକରି ପ୍ରଶାସନ ଆମ ଦୁଃଖ ବୁଝି ଖରାପ ଥିବା ନଳକୂପ ମରାମତି, ଟାଇମ ନଳ ଯୋଗେ ପାଣି ଦିଆଯାଉ ଏବଂ ନାଳି ପାଣି ବାହାରୁଥିବା ନଳକୂପ ସଫା କରି ଏଥିରେ ସୋଲାର ପାଣି ବ୍ୟବସ୍ଥା କରାଯାଉ ବୋଲି ଦାବି କରିଛନ୍ତି । ବିଡମ୍ବନାର ବିଷୟ ବାରମ୍ବାର ଗ୍ରାମ ସଭାରେ ଏବଂ ଅଭିଯୋଗ ଶୁଣାଣିରେ ଅଭିଯୋଗ କଲେ ମଧ ପ୍ରଶାସନିକ ଉଦାସିନତା ଯୋଗୁ ଏହି ପଡାବାସୀଙ୍କୁ ପାଣି ଯୋଗାଇ ଦିଆଯାଉନାହିଁ ବୋଲି ବୁଲୁ ତାରିଆ କହିଛନ୍ତି । ଏଣୁକରି ଏହି ପଡ଼ାରେ ଥିବା ପାଣି ସମସ୍ୟାର ସମାଧାନ ପାଇଁ ବ୍ଲକ ପ୍ରଶାସନ ବିହିତ ପଦକ୍ଷେପ ନେବାକୁ ପଡାବାସୀ ଦାବି କରିଛନ୍ତି । ଯଥାଶୀଘ୍ର ଏହାର ସମାଧାନ କରାନଗଲେ ପଡାବାସୀମାନେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଡାର୍କ ପାଟର୍ଣ୍ଣର ଶିକାର ହୁଅନ୍ତୁ ନାହିଁ

ଅନଲାଇନ୍ ସପିଂ ସହଜ ହୋଇଥାଏ ସତ । ଘରେ ବସି ନିଜ ସମୟ ସୁବିଧା ଅନୁସାରେ ମନ ପସନ୍ଦର ସାମଗ୍ରୀ ଅର୍ଡର କରିହୁଏ। କିନ୍ତୁ ଏହା ଯେତିକି ଭଲ, ସେତିକି ଖରାପ ମଧ୍ୟ । ଗତ କିଛି ବର୍ଷ ହେବ ଇ-କମର୍ସ ଏବଂ କ୍ୱିକ୍ କମର୍ସ ବଜାର ଦ୍ରୁତ ବେଗରେ ବଢ଼ିଯାଇଛି। ପ୍ରତିଦିନ ଆମେ କିଛି ନା କିଛି ଅନଲାଇନ୍ ଅର୍ଡର କରୁଛୁ । ସେ କ୍ୟାବ୍ ବୁକିଂ ହେଉ ଅବା ଖାଦ୍ୟ ଅର୍ଡର, ସଉଦା ଅର୍ଡର ହେଉ କିମ୍ବା ଘରୋଇ ସହାୟକ ନିଯୁକ୍ତି। ଅର୍ଡରିଂ କିମ୍ବା ବୁକିଂ ସମୟରେ ଚେକ୍‌ଆଉଟ୍ ପେଜରେ କେତେକ ସମୟରେ ଆଶା ବାହାରେ ଫି’ ଦେଖିବାକୁ ମିଳିଥାଏ । ଡୋନେସନ ଚେକ୍‌ବ୍ସ, ପ୍ରି-ସିଲେକ୍ଟେଡ୍ ବୀମା/ଅନ୍ୟାନ୍ୟ ଆଡ୍-ଅନ୍, ନୂଆ ସବସ୍କ୍ରିପ୍ସନ କିମ୍ବା ରିନ୍ୟୁଆଲ ଚେକ୍‌ବ୍ସ ଆସିଥାଏ। ଯଦି ଜଣେ ତରବରିଆ ଥିବେ, ବିନା ଦେଖି ଏହି ଅନାବଶ୍ୟକ ଫି’ ପେମେଣ୍ଟ କରିଦିଅନ୍ତି । ଉପଭୋକ୍ତାଙ୍କ ପକେଟରୁ ଯାଇଥାଏ ଟଙ୍କା ଆଉ କମ୍ପାନି ମାଲାମାଲ। ସାଧାରଣତଃ ଅନଲାଇନ୍ ସପିଂ କରିବା ସମୟରେ ଯଦି ବିଲରେ ଶେଷରେ ଅତିରିକ୍ତ ଚାର୍ଜ ବା ହିଡେନ୍ ଚାର୍ଜ ଯୋଡ଼ି ହୋଇଯାଏ, କାର୍ଟରେ ବିନା ଅନୁମତିରେ କୌଣସି ପ୍ରଡକ୍ଟ ଆସିଯାଏ ଅବା କୌଣସି ଆପ୍ ବାରମ୍ବାର ଏକ ସାମଗ୍ରୀ କିଣିବା ପାଇଁ ଚାପ ପକାଏ ତେବେ ସମ୍ଭବତଃ ସଂପୃକ୍ତ ଗ୍ରାହକ ଡାର୍କ ପାଟର୍ଣ୍ଣର ଶିକାର । ବେଳେ ବେଳେ ସପିଂ ଆପ୍ ପ୍ରକୃତ ଷ୍ଟକ୍ ତଥ୍ୟ ନ ଦେଇ ସୀମିତ ଷ୍ଟକ୍ ଥିବା ଦର୍ଶାଇଥାନ୍ତି । ଷ୍ଟକ୍ ଶେଷ ହେବା ପୂର୍ବରୁ ତୁରନ୍ତ କିଣି ଦେବାକୁ ଗ୍ରାହକଙ୍କ ଉପରେ ଚାପ ପକାନ୍ତି । ଏସବୁ ହେଉଛି କମ୍ପାନିଗୁଡ଼ିକର ଛଳ ବା ଚାଲ୍ । ଗ୍ରାହକଙ୍କୁ ନିଜ ଆଡ଼କୁ ଟାଣିବାର ରଣନୀତି । ଏକ ନୂଆ ରିପୋର୍ଟ ଅନୁସାରେ, ଏଭଳି ବିଭ୍ରାନ୍ତିକର ଡିଜିଟାଲ ଉପାୟ ଯୋଗୁ ଭାରତୀୟ ଉପଭୋକ୍ତାଙ୍କୁ ପ୍ରତିବର୍ଷ ୨୫,୦୦୦ କୋଟିରୁ ୨୮,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷତି ହେଉଛି । ବଜାର ସର୍ବେକ୍ଷଣ ସଂସ୍ଥା ଡେଟମ ଇଣ୍ଟେଲିଜେନ୍ସର ‘ଡାର୍କ ପାଟର୍ଣ୍ଣ ଇନ୍ ଇଣ୍ଡିଆଜ୍ ଅନ୍‌ଲାଇନ୍ ମାର୍କେଟପ୍ଲେସ୍’ ରିପୋର୍ଟ ଅନୁସାରେ, ଦେଶର ୩୦.୪ କୋଟି ଅନଲାଇନ୍ ଉପଭୋକ୍ତାଙ୍କ ମଧ୍ୟରୁ ୮୮% ଉପଭୋକ୍ତା କୌଣସି ନା କୌଣସି ପ୍ରକାର ଡାର୍କ ପାଟର୍ଣ୍ଣ ଦ୍ୱାରା ପ୍ରଭାବିତ ହେଉଛନ୍ତି । ରିପୋର୍ଟ ଅନୁସାରେ, ପ୍ରତ୍ୟେକ ପ୍ରଭାବିତ ଗ୍ରାହକ ପ୍ରତି ମାସ ହାରାହାରି ୬୮ରୁ ୮୭ ଟଙ୍କା ହରାଉଛନ୍ତି। ଡାର୍କ ପାଟର୍ଣ୍ଣ ଏଭଳି ଡିଜାଇନ୍ ହୋଇଥାଏ, ଯେପରି ଗ୍ରାହକ କୌଣସି ଏପରି ନିଷ୍ପତ୍ତି ନେଇଯିବେ ଯାହାକୁ ସେ ସାଧାରଣ ସ୍ଥିତିରେ ନିଅନ୍ତି ନାହିଁ । ଏହାର ଉଦ୍ଦେଶ୍ୟ ହେଉଛି ଗ୍ରାହକଙ୍କୁ ଅଧିକ ଖର୍ଚ୍ଚାନ୍ତ କରାଇବା, ସେମାନଙ୍କଠାରୁ ଅତିରିକ୍ତ ସୂଚନା ହାତେଇବା କିମ୍ବା ଅଯଥା ସପିଂ କରାଇବା । ଏଥିରେ ଭୁଲ କାଉଣ୍ଟଡାଉନ୍ ଟାଇମର ଦେଖାଇବା, ଚେକ୍ ଆଉଟ୍ ସମୟରେ ହିଡେନ୍ ଚାର୍ଜ ଯୋଡ଼ିବା, ବିନା ଅନୁମତି କାର୍ଟରେ ପ୍ରଡକ୍ଟ ଯୋଡ଼ିଦେବା, ସବସ୍କ୍ରିପ୍ସନ ନେବା ସହଜ କିନ୍ତୁ ବନ୍ଦ କରିବା କଷ୍ଟକର ଭଳି ରଣନୀତି ସାମିଲ । ଇଲେକ୍ଟ୍ରୋନିକ୍ ଡିଭାଇସ୍ କିମ୍ବା କଞ୍ଜ୍ୟୁମର ଡ୍ୟୁରେବଲ କିଣିବା ସମୟରେ ଏକ ପରିବର୍ଦ୍ଧିତ ଓ୍ୱାରେଣ୍ଟି ସେବା ଯୋଡ଼ି ହୋଇଯାଏ। ଖାଦ୍ୟ ଅର୍ଡର କରିବା ସମୟରେ ମାଗଣା ଡେଲିଭରୀ ଏବଂ ଅନ୍ୟାନ୍ୟ ବେନିଫିଟ୍ସ ପାଇଁ ଏକ ମେମ୍ବରସିପ୍ ପ୍ଲାନ୍ ଯୋଡ଼ି ହୋଇଥାଏ । ବିମାନ ଟିକଟ ବୁକ୍ କରିବା ସମୟରେ ଯାତ୍ରା ବୀମା କିମ୍ବା କ୍ୟାନ୍ସେଲେସନ୍ ଇନ୍ସୁରାନ୍ସ ପ୍ଲାନ୍ । ଏସବୁ ଉପଭୋକ୍ତାଙ୍କୁ ଲୁଟିବା ପାଇଁ ଏକ ରଣନୀତି ଭଳି । ରିପୋର୍ଟ ଅନୁସାରେ, ୬୩% ଅନ୍‌ଲାଇନ୍ ପେମେଣ୍ଟ କରୁଥିବା ଉପଭୋକ୍ତା ହିଡେନ୍ ଚାର୍ଜର ସାମ୍ନା କରିଛନ୍ତି। ଅର୍ଥାତ ବିଲିଂ ସମୟରେ ଅତିରିକ୍ତ ଦେୟ ଯୋଡ଼ିହେବା । ଏହି ଅଙ୍କ ୨୦୨୪ରେ ୫୨% ଥିଲା । ଅର୍ଥାତ୍ ଏ ସମସ୍ୟା ବଢ଼ିଚାଲିଛି । ଏହାବ୍ୟତୀତ ସର୍ଭେରେ ସାମିଲ ୭୩% ପ୍ଲାଟଫର୍ମରେ ଫୋର୍ସଡ ଆକ୍ସନ ଦେଖିବାକୁ ମିଳିଛି । ଏଥିରେ ୟୁଜରଙ୍କୁ ଏଭଳି ବିକଳ୍ପ ବାଛିବା ପାଇଁ ବାଧ କରାଯାଏ, ଯାହାକୁ ସେମାନେ ସାଧରଣ ସ୍ଥିତିରେ ଚୟନ କରି ନ ଥାନ୍ତି । ରିପୋର୍ଟରେ ସବୁଠୁ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି ଯେ, ୮୧% ଉପଭୋକ୍ତା ଡାର୍କ ପାଟର୍ଣ୍ଣକୁ ଚିହ୍ନଟ କରିପାରନ୍ତି । ଏହାସତ୍ତ୍ୱେ ୮୫% ଲୋକ ବାସ୍ତବିକ ପ୍ଲାଟ୍‌ଫର୍ମରେ ଏଭଳି ଜାଲରେ ଫସିଯାଆନ୍ତି । ଯେତେବେଳେ ଉପଭୋକ୍ତାଙ୍କୁ କ୍ଷତି ହୋଇଥାଏ ସେତେବେଳେ ୫୩% ଲୋକ ସଂପୃକ୍ତ ପ୍ଲାଟଫର୍ମରେ ଅଭିଯୋଗ କରନ୍ତି । କିନ୍ତୁ ଏଥିମଧ୍ୟରୁ ୨୩% ଙ୍କୁ ହିଁ ସନ୍ତୋଷଜନକ ସମାଧାନ ମିଳିଥାଏ ।



## ନିଶାପ
### (ନିରପେକ୍ଷ ଶାସନ ପଦ୍ଧତି)
### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ
### ମାନବିକତା

ଶ୍ରଦ୍ଧେୟ ଭକ୍ତବୃନ୍ଦ ଆଜି ଆଉ ମନୁଷ୍ୟ ଭିତରେ ମଣିଷ ପଣିଆ ନାହିଁକି ମନୁଷ୍ୟତା ନାହିଁ । ଏହାହିଁ ପ୍ରଳୟର ସୂଚନା । ଗୁରୁ ଦାୟିତ୍ୱ ବୋଲି ଟିକିଏ ହେଲେ ଶିଷ୍ୟ ପାଖରେ ନାହିଁ । ସମସ୍ତେ ହୃଦୟ ହୀନ, ଦୁରାଚାରୀ, ଭ୍ରଷ୍ଟାଚାରୀ, ସଂଯମତା, ଦୃଢ ନିଷ୍ଠା ସମାଜରୁ ଉଭେଇ ଗଲାଣି । ସତ୍ କର୍ମ କରି ସମାଜକୁ ଦେଖାଇବା ଧୃତରାଷ୍ଟ୍ରକୁ ଦେଖାଇଲା ପରି ଲାଗୁଛି । ତେଣୁ କାହାକୁ କହିବି କିଏ ସେ ଶୁଣିବା ତୁମ୍ଭ ବିନା ପ୍ରଭୁ କିଏ ସେ ରଖିବ । ଏହି ଉକ୍ତିଟିକୁ ଜଗତ ଗୁରୁ ଠାକୁର ଅଭିରାମ ପରମହଂସ ତାଙ୍କର ବ୍ୟାକୁଳିତ ହୃଦୟରେ ଭଗବାନଙ୍କୁ ଜଣାଉଥିଲେ । ଏବଂ ସେ ସେତେବେଳେ ଜାଣିଥିଲେ ଯେ କାହା ଉପରେ ନିର୍ଭର କରିବା ଏକ ମାରାତ୍ମକ ଭୂଲ । ତେଣୁ ଜଗତବାସୀଙ୍କୁ ଏବଂ ନିଜର ଶିଷ୍ୟମାନଙ୍କୁ ସଦା ସର୍ବଦା ଚେତାଇ ଦେବା ପାଇଁ ସେ ଏହି ଉକ୍ତିଟିକୁ ଲେଖିଦେଇଯାଇଛନ୍ତି । ତଥାପି ଏ ମନୁଷ୍ୟର ଖାତିରି ନାହିଁ । ବର୍ତ୍ତମାନ ଏ ସଂସାରରେ ଏକ ମାନସିକ ବ୍ୟାଧି ସଂସାର ଠାର ସମାଜପର୍ଯ୍ୟନ୍ତ ମାଡି ଗଲାଣି । ଏହାକୁ ସଜାଡିବା କଷ୍ଟକର ବ୍ୟାପାର ହୋଇପଡିଲାଣି । ଆଶ୍ରମରେ ହେଉ କିମ୍ବା ମନ୍ଦରିରେ ହେଉ କି ସମାଜରେ ହେଉ ଭ୍ରଷ୍ଟାଚାର ସବୁଆଡେ, ଦାୟିତ୍ୱବାନ କେହି ନୁହଁନ୍ତି । ତେଣୁ ସୁଧିଜନ କର୍ମ କରିବା ପୂର୍ବରୁ ଟିକେ ଭାବି ଦେଖ ଯେତିକି ପାରିବ ଯତ୍ନ ସହକାରେ ସେତିକି କର । ନା ତୁମକୁ କଷ୍ଟ ହେବନା ଅନ୍ୟକୁ କଷ୍ଟ ହେବ । ଭାବି ଚିନ୍ତି ଈଶ୍ୱରଙ୍କ ଉପରେ ଲୟ ରଖି କର୍ମ କରି ଚାଲ । ଆଉ ସବୁ ଈଶ୍ୱରଙ୍କ ଉପରେ ଛାଡିଦେଲେ ଚଳିବ ନାହିଁ ।

# କେରଳର ବିଶ୍ୱପ୍ରସିଦ୍ଧ ପଦ୍ମନାଭ ସ୍ୱାମୀଙ୍କ ମନ୍ଦିର-୧



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ପଦ୍ମନାଭ ସ୍ୱାମୀ ମନ୍ଦିର କେରଳର ଥିରୁଅନନ୍ତପୁରମ୍‌ରେ ଅବସ୍ଥିତ। ଏହାର କାରୁକାର୍ଯ୍ୟ ସ୍ୱଦେଶୀ କେରଳ ଓ ତାମିଲନାଡୁ ସ୍ଥିତ ମନ୍ଦିରମାନଙ୍କରେ ପରିଲକ୍ଷିତ ହେଉଥିବା ଦ୍ରାବିଡ଼ ଶୈଳୀର ମିଳନରେ ହୋଇଥିବାର ଦେଖାଯାଇଥାଏ। ଏହି ମନ୍ଦିରରେ ଉଚ୍ଚ ପ୍ରାଚୀର ସହ ଷୋଳଶହ ଶତାବ୍ଦୀରେ ନିର୍ମିତ ୧୦୦ଫୁଟର ଗୋପୁରମ୍ ରହିଛି । ପୁଣି କୁହାଯାଏ ଯେ ମନ୍ଦିରଟି କନ୍ୟାକୁମାରୀ ଜିଲ୍ଲା ଅନ୍ତର୍ଗତ ଆଦିକେଶବ ପେରୁମାଲ ମନ୍ଦିରର ଏକ ପ୍ରତିରୂପ। ଏହି ପଦ୍ମନାଭ ସ୍ୱାମୀ ମନ୍ଦିର ବିଶ୍ୱର ସମୃଦ୍ଧତମ ଧନୀ ହିନ୍ଦୁ ମନ୍ଦିର ଭାବେ ପରିଚିତ। ସ୍ୱର୍ଣ୍ଣ ସମ୍ପତ୍ତି ଓ ମୂଲ୍ୟବାନ ପ୍ରସ୍ତର କ୍ଷେତ୍ରରେ ଏହା ବିଶ୍ୱରେ ଅନନ୍ୟ। ଏଠାରେ ବାଇଶ ଶହ କୋଟି ଆମେରିକୀୟ ଡଲାର ମୂଲ୍ୟର ସୁନା ଓ ରତ୍ନ ତାହାର ଭୂତଳ କକ୍ଷମାନଙ୍କରେ ଗଚ୍ଛିତ ରହିଛି । ଏହି ଲେଖା ହେବା ପର୍ଯ୍ୟନ୍ତ ଏଠାରେ ଥିବା ୬ଗୋଟି ଭୂତଳ ଗଚ୍ଛିତ ଭଣ୍ଡାର ମଧ୍ୟରୁ ୫ଗୋଟିକୁ ଖୋଲାଯାଇଛି ।

ଏଠାରେ ପ୍ରମୁଖ ଦେବତା ଭଗବାନ ବିଷ୍ଣୁ ଶେଷନାଗ ଉପରେ ଅନନ୍ତ ଶୟନ ମୁଦ୍ରାରେ ଶାୟିତ। ଶ୍ରୀପଦ୍ମନାଭ ସ୍ୱାମୀ ହେଉଛନ୍ତି ତ୍ରାଭାଙ୍କୋର ରାଜକୀୟ ପରିବାରର ଆରାଧ୍ୟ ଦେବତା। ମନ୍ଦିରରେ ପ୍ରଚଳିତ ନିୟମ ଅନୁସାରେ କେବଳ ହିନ୍ଦୁ ଧର୍ମାବଲମ୍ବୀମାନେ ଭଗବାନଙ୍କ ଦର୍ଶନ ନିମନ୍ତେ ମନ୍ଦିରରେ ପ୍ରବେଶ କରିବାକୁ ଅନୁମତି ପାଇଥାନ୍ତି । ଭିତରକୁ ଯିବାକୁ ହେଲେ ଡ୍ରେସ୍‌କୋଡ୍‌ର ବ୍ୟବହାରକୁ କଠୋର ଭାବରେ ପାଳନ କରାଯାଇଥାଏ।

ଇତିହାସ: ବ୍ରହ୍ମ ସମେତ ମତ୍ସ୍ୟ, ବରାହ, ସ୍କନ୍ଦ, ବାୟୁ, ଭାଗବତ ପୁରାଣ ଓ ମହାଭାରତରେ ଏହି ମନ୍ଦିର ବିଷୟରେ ଉଲ୍ଲେଖ ଥିବାର ଦେଖାଯାଏ। ଖ୍ରୀ.ପୂ ୫୦୦ରୁ ୩୦୦ ମଧ୍ୟରେ ସଙ୍ଗମ ସାହିତ୍ୟରେ ବହୁବାର ଏହି ମନ୍ଦିର ବିଷୟରେ ଆଲୋଚନା କରାଯାଇଛି । ମନ୍ଦିରଟି କଳିଯୁଗ ଆରମ୍ଭର ୯୬୪ଦିନରେ ସ୍ଥାପନ କରାଯାଇଥିବା ମନ୍ଦିର ରେକର୍ଡ଼ରେ ସୂଚିତ ହୋଇଛି । ଅନେକ ଐତିହାସିକମାନଙ୍କର ମତ ଅନୁସାରେ ମନ୍ଦିରର ଅନ୍ୟ ଏକ ନାମ ଥିଲା “The Golden Temple”। ଅନେକ ତାମିଲ୍ ସାହିତ୍ୟ ଓ କବିତାରେ ମଧ ଏହା ଉଲ୍ଲେଖ ହୋଇଛି । ଊନବିଂଶ ଶତାବ୍ଦୀର କବି ନାମଲଓ୍ୱାରଙ୍କ ଲେଖନୀରେ ଏହି ମନ୍ଦିର ସହରରେ ସ୍ୱର୍ଣ୍ଣ ପ୍ରାଚୀର ଥିବାର ବର୍ଣ୍ଣନା ରହିଛି । ଏପରିକି ସମଗ୍ର ସହରଟି ସ୍ୱର୍ଣ୍ଣ ନିର୍ମିତ ଓ ମନ୍ଦିରଟି ସ୍ୱର୍ଗ ଥିବାର ସେଥିରେ ଉଲ୍ଲେଖ ଅଛି ।

ଏହି ମନ୍ଦିରଟି କେରଳର ତେରଗୋଟି ପବିତ୍ର ସ୍ଥଳ ମଧ୍ୟରୁ ଅନ୍ୟତମ ବୋଲି ଉଲ୍ଲେଖ ଅଛି । ପଦ୍ମନାଭ ସ୍ୱାମୀ ମନ୍ଦିର ସହିତ ଜଡ଼ିତ ଏକ କାହାଣୀ ରହିଛି ଯେ ଏଠାରେ ଭିଲଭାମଙ୍ଗଲଥୁ ସ୍ୱାମୀୟାର୍ ନାମକ ଏକ ସନ୍ୟାସୀ ଯିଏ କି କସରଗଡ଼ ଜିଲ୍ଲାର ଅନନ୍ତପୁରମ୍ ମନ୍ଦିରରେ ରହୁଥିଲେ ସେ ଦିନେ ଭଗବାନ ବିଷ୍ଣୁଙ୍କର ଦର୍ଶନ ପାଇଁ ପ୍ରାର୍ଥନା କଲେ। ତାଙ୍କ ପ୍ରାର୍ଥନାରେ ଭଗବାନ ବିଷ୍ଣୁ ଏକ ଦୁଷ୍ଟ ବାଳକ ବେଶରେ ସେଠାରେ ପଦାର୍ପଣ କରିଥିବାର କୁହାଯାଏ। ଏହି ବାଳକ ସେଠାରେ ପୂଜା ପାଉଥିବା ଏକ ମୂର୍ତ୍ତିକୁ ନଷ୍ଟ କରି ତାକୁ ଅପବିତ୍ର କରିଦେଲେ। ଏଥିରେ ସାଧୁ କ୍ରୋଧାନ୍ୱିତ ହୋଇ ବାଳକକୁ ଧରିବା ପାଇଁ ତା ପଛରେ ଗୋଡ଼ାଇବାରୁ ସେ ସେଠାରୁ ପଳାଇ ଯାଇଥିଲେ। ସେହି ବାଳକର ଅନ୍ୱେଷଣରେ ଯାଇ ଆରବସାଗର କୂଳରେ ବୁଲୁଥିବା ସମୟରେ ସାଧୁ ଜଣକ ଜଣେ ମହିଳା ଭୟଭୀତ ହୋଇ ତା’ର ପିଲାକୁ ଅନନ୍ତକାଡୁରେ ଛାଡ଼ିଦେବାକୁ କହୁଥିବାର ଶୁଣିପାରିଥିଲେ। ଅନନ୍ତକାଡୁ ଶବ୍ଦ ଶୁଣିବା ମାତ୍ରେ ସାଧୁ ଜଣକ ଖୁସି ହୋଇଗଲେ। ସେ ମହିଳାଙ୍କୁ ପିଛା କରି ଅନନ୍ତକାଡୁ ଅଭିମୁଖେ ପ୍ରସ୍ଥାନ କଲେ। ସେଠାରେ ସେ ବାଳକଟିକୁ ଏକ ଇଲୁପା ଗଛ (ଭାରତୀୟ ବଟର୍ ଟ୍ରୀ) ରୂପରେ ପାଇଲେ। ସେହି ଗଛଟି ପଡ଼ିଯାଇ ଅନନ୍ତ ଶୟନ ମୂର୍ତ୍ତିରେ ପରିଣତ ହୋଇଗଲା। କିନ୍ତୁ ମୂର୍ତ୍ତିଟିର ଆକାର ଅତ୍ୟନ୍ତ ବଡ଼ ଥିଲା। ମୁଣ୍ଡଟି ଥିରୁଭାଲମଠାରେ ଥିବାବେଳେ ନାଭି ଥିରୁଅନନ୍ତପୁରମ୍‌ରେ ଏବଂ କୋମଳ-ପାଦ ଚିହ୍ନ ତ୍ରିପଡ଼ାପୁରମ୍‌ରେ ରହିଗଲା। ଏହାଦ୍ୱାରା ସମଗ୍ର ମୂର୍ତ୍ତିର ଲମ୍ବ ୮ମାଇଲ୍ ହୋଇଗଲା। ସାଧୁ ଜଣକ ପ୍ରଭୁଙ୍କୁ ତାଙ୍କର ଆକୃତିକୁ ଛୋଟ କରିବା ପାଇଁ ପ୍ରାର୍ଥନା କଲେ। ତତ୍‌କ୍ଷଣାତ୍ ପ୍ରଭୁ କ୍ଷୁଦ୍ର ଆକୃତିର ରୂପ ନେଲେ ଯାହା ବର୍ତ୍ତମାନ ସେହି ମନ୍ଦିରରେ ଦୃଶ୍ୟମାନ ଅଟନ୍ତି। ଏହା ସତ୍ତ୍ୱେ ଅନେକ ଇଲୁପା ବୃକ୍ଷ ଭଗବାନଙ୍କର ସମ୍ପୂର୍ଣ୍ଣ ଆକୃତି ଅବଲୋକନରେ ବାଧା ସୃଷ୍ଟି କଲେ। ସାଧୁ ଜଣକ ଭଗବାନଙ୍କୁ ୩ଟି ଅଂଶରେ ଦେଖିଲେ ଥିରୁମୁଖମ୍, ଥିରୁଭୁଡ଼ାଲୁ ଏବଂ ଥୀଗଡମ୍। ସ୍ୱାମୀ ପଦ୍ମନାଭଙ୍କୁ କ୍ଷମା ପ୍ରାର୍ଥନା କରିବା ସହିତ ତାଙ୍କୁ ଏକ ନଡ଼ିଆ ପାତ୍ରରେ ଚାଉଳ କାଞ୍ଜି ଓ ଉପମଙ୍ଗ ଭୋଗ ଦେଇଥିଲେ। ଯେଉଁ ସ୍ଥାନରେ ସାଧୁ ଜଣଙ୍କ ଭଗବାନଙ୍କର ଦର୍ଶନ କରିଥିଲେ ସେ ସ୍ଥାନର ନାମ ଥିଲା କୋପକ୍କରାପୋଟି ଓ କରୁବାପୋଟି। ସେହି ରାଜ୍ୟର ରାଜା ଓ କିଛି ବ୍ରାହ୍ମଣ ପରିବାରର ସହାୟତାରେ ସେଠାରେ ଏକ ମନ୍ଦିରର ନିର୍ମାଣ କରାଇଥିଲେ। କୋପକ୍କରା ପୋଟିକୁ ମନ୍ଦିରର ତନ୍ତ୍ର କରାଗଲା। ପଦ୍ମନାଭ ସ୍ୱାମୀ ମନ୍ଦିର ନିକଟରେ ରହିଛି ଅନ୍ନଥାଙ୍କଡୁ ନାଗାର୍ଜୁନ ମନ୍ଦିର, ସ୍ୱାମୀ ମନ୍ଦିରର ସମାଧି ଏବଂ ଏକ କୃଷ୍ଣ ମନ୍ଦିର।

ତ୍ରାଭାଙ୍କୋର ରାଜ ପରିବାର:

ଅଷ୍ଟାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ Anizham Trirunal Marthavda Varma ତାଙ୍କର କକା ରାମ ବର୍ମାଙ୍କ ପରେ ୨୩ବର୍ଷ ବୟସରେ ରାଜା ହୋଇଥିଲେ। ତାଙ୍କ ଅମଳରେ ପଦ୍ମନାଭ ସ୍ୱାମୀ ମନ୍ଦିର ବଡ଼ ଧରଣର ନବୀକରଣ କରାଯାଇଥିଲା ଏବଂ ମୂର୍ତ୍ତିକୁ ୯୦୬ ଗର (୧୭୩୧AD)ରେ ପୁନଃ ସ୍ଥାପନ କରାଗଲା। ୧୭୫୦ ମସିହା ଜାନୁୟାରୀ ୧୭ ତାରିଖରେ ଆନିଜହାମ୍ ସମଗ୍ର ତ୍ରାଭାଙ୍କୋର ରାଜ୍ୟକୁ ମନ୍ଦିରରେ ପୂଜା ପାଉଥିବା ପଦ୍ମନାଭ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ସମର୍ପିତ କଲେ ଏବଂ ପ୍ରତିଜ୍ଞା ନେଲେ ଯେ ସେ ଏବଂ ତାଙ୍କ ବଂଶର ଉତ୍ତରାଧିକାରୀମାନେ ପଦ୍ମନାଭ ସ୍ୱାମୀଙ୍କର ଅନୁଗତ୍ୟ ହୋଇ ପଦ୍ମନାଭ ଦାସ ନାମରେ ରାଜ୍ୟର କାର୍ଯ୍ୟଭାର ତୁଲାଇବେ। ସେହିଦିନଠାରୁ ତ୍ରାଭାଙ୍କୋର ରାଜ୍ୟର ପ୍ରତ୍ୟେକ ରାଜାଙ୍କର ନାମ ପୂର୍ବରୁ ଶ୍ରୀ ପଦ୍ମନାଭ ଦାସର ସଜ୍ଞା ଏବଂ ପରିବାରର ମହିଳା ସଦସ୍ୟଙ୍କ ସଜ୍ଞା ଶ୍ରୀ ପଦ୍ମନାଭ ସେବିନୀ ଦିଆଯାଉଥିଲା। ପଦ୍ମନାଭ ସ୍ୱାମୀଙ୍କୁ ରାଜ୍ୟ ତରଫରୁ ଯେଉଁ ଦାନ ଦିଆଯାଉଥିଲା ତାକୁ ତ୍ରିପାଦି ଦାନ (Thrippadi-danam) କୁହାଯାଉଥିଲା। ଆନିଜହାମ୍ ଥିରୁମଲ ୫୩ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ ଏବଂ ତାଙ୍କର ଶେଷ ଇଚ୍ଛା ଏପରି ଥିଲା ଯେ ଯାହା ମହାରାଜା ଓ ମନ୍ଦିର ମଧ୍ୟରେ ଥିବା ଐତିହାସିକ ସମ୍ପର୍କକୁ ଚିତ୍ରଣ କରିଥାଏ। ତାଙ୍କ ଶେଷ ଇଚ୍ଛା ଥିଲା ପଦ୍ମନାଭ ସ୍ୱାମୀଙ୍କ ପ୍ରତି ରାଜ୍ୟର ଉତ୍ସର୍ଗୀକରଣରେ କୌଣସି ବିଚ୍ୟୁତି ହେବନାହିଁ।

ମୁଖ୍ୟ ପୂଜିତ ବିଗ୍ରହ:

ଗର୍ଭଗୃହସ୍ଥ ପବିତ୍ର ସ୍ଥାନରେ ଭଗବାନ ପଦ୍ମନାଭ ପାଞ୍ଚ ଫଣା ଥିବା ଅନନ୍ତ ସର୍ପ ବା ଆଦିଶେଷ ନାଗ ଉପରେ ଶୋଇଥିବାର ଦେଖାଯାଏ। ଅନ୍ତର୍ମୁଖୀ ହୋଇ ରହିଥିବା ଏହି ସର୍ପ ଚିନ୍ତନକୁ ଦର୍ଶାଇଥାଏ। ଭଗବାନଙ୍କର ଡାହାଣ ହାତ ଶିବଲିଙ୍ଗ ଉପରେ ରହିଥିବା ବେଳେ ତାଙ୍କର ଦୁଇ ପତ୍ନୀ ଯଥା ଶ୍ରୀଦେବୀ ଓ ଭୂଦେବୀ ତାଙ୍କ (ପଦ୍ମନାଭଙ୍କର) ପାର୍ଶ୍ୱରେ ରହିଥିବାର ଦେଖିବାକୁ ମିଳେ। ଭଗବାନଙ୍କର ନାଭିରୁ ବାହାରିଥିବା ପଦ୍ମରୁ ବାହାରିଛନ୍ତି ବ୍ରହ୍ମା। ପଦ୍ମନାଭ ସ୍ୱାମୀଙ୍କର ମୂର୍ତ୍ତିଟି ନେପାଳର ଗଣ୍ଡକୀ ନଦୀରୁ ଆନିତ ୧୨,୦୦୮ ଗୋଟି ଶାଳଗ୍ରାମରେ ନିର୍ମିତ। ଏକ ବିଶେଷ ଆର୍ୟୁବେଦ ମିଶ୍ରଣ କଟୁସାରକ ଯୋଗମ୍ (Katusarka Yogam) ଭଗବାନ ପଦ୍ମନାଭଙ୍କ ମୂର୍ତ୍ତିରେ ଲେପନ କରାଯାଇଛି ଯାହାଦ୍ୱାରା ସେହି ବିଗ୍ରହଟି ସ୍ୱଚ୍ଛ ରହିଛି। ଦୈନିକ ପୂଜା ଫୁଲରେ ହେଉଥିବା ବେଳେ ଅଭିଷେକ ପାଇଁ ସ୍ୱତନ୍ତ୍ର ମୂର୍ତ୍ତିଙ୍କର ଆବଶ୍ୟକତା ଥାଏ।

ବିମାନ ସାମନାରେ ଥିବା ମଞ୍ଚ ଓ ଯେଉଁଠାରେ ମୁଖ୍ୟ ବିଗ୍ରହ ବିରାଜମାନ କରିଥାନ୍ତି ତାହା ଏକ ବିଶାଳ ପଥରରେ ନିର୍ମିତ ଯାହାକୁ ଓଟକଲ ମଣ୍ଡପ (Ottakkal-Mandapam) କୁହାଯାଏ। ମହାରାଜ ମର୍ଥଣ୍ଡା ବର୍ମାଙ୍କ (ଖ୍ରୀ.ଅ. ୧୭୦୬-୫୮) ନିର୍ଦ୍ଦେଶ କ୍ରମେ ମନ୍ଦିରର ୪କି.ମି. ଉତ୍ତରଦିଗରେ ଥିବା ଥିରୁମଲ ପାହାଡ଼ ମୁଣ୍ଡିଆକୁ ଖୋଦନ କରାଯାଇ ସେହି ମଣ୍ଡପ ତିଆରି ହୋଇଥିଲା।

ଭକ୍ତମାନଙ୍କୁ ଭଗବାନଙ୍କର ଦର୍ଶନ ଓ ପୂଜା ନିମନ୍ତେ ମଣ୍ଡପ ଉପରକୁ ଚଢ଼ିବାକୁ ପଡ଼ିଥାଏ। ୩ଗୋଟି ଦ୍ୱାର ମାଧ୍ୟମରେ ଦର୍ଶନ କରାଯାଇପାରେ- (୧) ଆଉଜିବା ଅବସ୍ଥାରେ ଭଗବାନଙ୍କର ମୁଖମଣ୍ଡଳ ଓ ହାତ ତଳେ ଶିବ ଲିଙ୍ଗ ପ୍ରଥମ ଦ୍ୱାରରେ (୨) ଶ୍ରୀଦେବୀ ଓ ଭୃଗୁମୁନି, ବ୍ରହ୍ମା ପଦ୍ମ ଉପରେ ବସିଥିବାର ଦୃଶ୍ୟ, ପଦ୍ମନାଭ ସ୍ୱାମୀ, ଶ୍ରୀଦେବୀ ଓ ଭୂଦେବୀଙ୍କର ସ୍ୱର୍ଣ୍ଣାଭିଷେକ ଏବଂ ପଦ୍ମନାଭଙ୍କର ରୂପା ଉତ୍ସବ ବିଗ୍ରହମାନ ଦ୍ୱିତୀୟ ଦ୍ୱାରରେ (୩) ଭଗବାନଙ୍କର ପାଦ ଏବଂ ଭୂଦେବୀ ଓ ମାର୍କେଣ୍ଡେୟ ମୁନିଙ୍କର କଟୁ ସରକରା ତୃତୀୟ ଦ୍ୱାରରେ ଦେଖିବାକୁ ମିଳେ। ପରମ୍ପରା ଅନୁସାରେ ଧରିନିଆଯାଏ ଯେ ଯେଉଁ ବ୍ୟକ୍ତି ମଣ୍ଡପମ୍ ଉପରେ ଭୂମିଷ୍ଠ ହୁଅନ୍ତି ସେ ତାଙ୍କର ସମସ୍ତ ଭଗବାନଙ୍କ ନିକଟରେ ସମର୍ପଣ କରିଥାନ୍ତି।

ଅନ୍ୟ ଦେବ ପୀଠ:

ମନ୍ଦିର ପରିସରରେ ଆଉ ଦୁଇଟି ମହତ୍ୱପୂର୍ଣ୍ଣ ଦେବସ୍ଥାନ ରହିଛି। ଥେକେଡମ୍ ଏବଂ ଥିରୁବମ୍‌ବାଦି ନାମରେ ଥିବା ଏହି ଦୁଇଟି ସ୍ଥାନ ଯଥାକ୍ରମେ ଦୁଇ ଦେବତା ଉଗ୍ର ନରସିଂହ ଓ କ୍ରିଷ୍ଣ ସ୍ୱାମୀଙ୍କ ପାଇଁ ଉଦ୍ଦିଷ୍ଟ। ଥିରୁବମ୍‌ବାଡ଼ି ଦେବସ୍ଥାନର ଏକ ସ୍ୱତନ୍ତ୍ର ସ୍ଥିତି ରହିଛି। ଏହାର ନିଜସ୍ୱ ନମସ୍କାର ମଣ୍ଡପ ରହିଛି। ଥିରୁବମ୍‌ବାଡ଼ି ହେଉଛନ୍ତି ଭଗବାନ ପାର୍ଥସାରଥି ଯେ କି ଥିଲେ ଅର୍ଜୁନଙ୍କର ଦିବ୍ୟ ସାରଥି। ଏହି ମୂର୍ତ୍ତିକୁ ବୃଷ୍ଣି ବଂଶ କ୍ଷତ୍ରିୟ ସମ୍ପ୍ରଦାୟର ୭୧ଟି ପରିବାର ଗୁଜୁରାଟରୁ ଏଠାକୁ ଆଣିଥିଲେ। ଏହି ସମ୍ପ୍ରଦାୟର ଲୋକମାନେ କୃଷ୍ଣଙ୍କର ବଂଶ ସହିତ ସମ୍ବନ୍ଧିତ ଥିବାରୁ ସେମାନଙ୍କୁ ବୃଷ୍ଣି ବଂଶ କୁହାଯାଏ। କଠିନ ଗ୍ରାନାଇଟ୍ ପ୍ରସ୍ତର ନିର୍ମିତ ବିଗ୍ରହ ଦ୍ୱିଭୁଜ ବିଶିଷ୍ଟ। ଗୋଟିଏ ହାତରେ ସେ ଚାବୁକ ଧରି ଠିଆ ହୋଇଥିବା ବେଳେ ଅନ୍ୟଟିରେ ରହିଛି ଶଙ୍ଖ। ଏକାଦଶୀ ଦିନମାନଙ୍କରେ ଭଗବାନଙ୍କୁ ମୋହିନୀ ବେଶ କରାଯାଇଥାଏ। ଆହୁରି ମଧ ଏଠାରେ ରାମଙ୍କ ସହିତ ସୀତା, ଲକ୍ଷ୍ମଣ, ହନୁମାନ ପୂଜା ପାଉଛନ୍ତି। ବିଶ୍ୱକେଶନ (ବିଷ୍ଣୁ) ବ୍ୟାସ, କ୍ଷେତ୍ରପାଳ ଓ ଗଣପତିଙ୍କର ବିଶାଳ ବିଗ୍ରହ ଥିବା ମନ୍ଦିରମାନ ସେଠାରେ ରହିଛି।

**(କ୍ରମଶଃ)**

# ଶ୍ରୀମନ୍ଦିରରେ ଘଣ୍ଟୁଆ ସେବା



ପ୍ରସନ୍ନ କୁମାର ମିଶ୍ର
ପୁରୀ-୨
ମୋ - ୮୦୧୮୮୭୫୩୩୫

ଅନ୍ୟାନ୍ୟ ଦେବମନ୍ଦିର ଭଳି ଶ୍ରୀମନ୍ଦିରରେ ଘଣ୍ଟ ସେବା ବା ଘଣ୍ଟୁଆ ସେବା ଏକ ପ୍ରମୁଖ ସେବା। ମହାପ୍ରଭୁଙ୍କ ବିଭିନ୍ନ ନୀତି ଓ ଉପଚାର ବେଳେ ଧୂପ, ଦୀପ ଓ ନୈବେଦ୍ୟ ଭଳି ‘ଘଣ୍ଟବାଦନ ଏକ ଆବଶ୍ୟକ ବିଧିବିଧାନ’। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଏହି ବିଶେଷ ଘଣ୍ଟସେବାରେ ନିଯୁକ୍ତ ସେବକ ବା ସେବାୟତମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ, ଯଥା - ଦୈନନ୍ଦିନ ସେବା ଓ ନିର୍ଦ୍ଦିଷ୍ଟ କାଳ ବା ସାମୟିକ ସେବା। ଦୈନନ୍ଦିନ ସେବାରେ ନିଯୁକ୍ତ ଘଣ୍ଟୁଆମାନେ ଶୁଦ୍ର ସେବକ ଓ ବଂଶାନୁକ୍ରମରେ ‘ଘଣ୍ଟସେବା’ କରନ୍ତି। ଏମାନେ ‘ଶାଢ଼ିବନ୍ଧା’ ସେବକ ଶ୍ରେଣୀର। ମହାପ୍ରଭୁଙ୍କ ପ୍ରତ୍ୟେକ ପର୍ବପର୍ବାଣୀ, ପ୍ରତିଟି ଧୂପଭୋଗ ସହିତ ଯାତ୍ରା, ବେଢ଼ାବୁଲା, ମାଜଣା, ଏକାନ୍ତ, ସମସ୍ତ ପାର୍ଶ୍ୱଦେବତାଙ୍କ ପର୍ବପର୍ବାଣୀ, ଆଜ୍ଞାମାଳ ବିଜେ, ସ୍ନାନ ପୂର୍ଣ୍ଣମୀର ଛେକବୁହା ଓ ହାତୀବେଶ ବିଜେ, ଖଳିଲାଗି, ଚନ୍ଦନ ବିଜେ, ଚାପ ଓ ଦୋଳଯାତ୍ରା ବେଳେ ଏମାନେ ଘଣ୍ଟ ବଜାଇଥାନ୍ତି । ଏମାନେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ‘ଖେଇ’ ସହିତ ପୁରସ୍କାର ପାଇଥାନ୍ତି। ସଂପ୍ରତି ଏହି ସେବା ପୁରୀର ମାତ୍ର ୬ଟି ଘର ମଧ୍ୟରେ ଆବଣ୍ଟିତ ଓ ସୀମିତ। ମାତ୍ର ଏମାନେ ରଥଯାତ୍ରା ସମୟରେ ଘଣ୍ଟବାଦନ କରିନଥାନ୍ତି। ଆଉ ଏକ ପ୍ରକାରର ଘଣ୍ଟୁଆ ସେବକ ଅଛନ୍ତି। ସେମାନଙ୍କ ସେବାକୁ ନିର୍ଦ୍ଦିଷ୍ଟ ସେବା ବା ସାମୟିକ ସେବା କୁହାଯାଏ । ଏମାନଙ୍କର ସେବା ସୀମିତ, ମହାପ୍ରଭୁଙ୍କର ସ୍ନାନଯାତ୍ରା ଠାରୁ ବାହୁଡ଼ା ପର ନୀଳାଦ୍ରି ବିଜେ ପର୍ଯ୍ୟନ୍ତ। ସେମାନେ ଶାଢ଼ିବନ୍ଧା ସେବକ ଶ୍ରେଣୀର । ଅବିଭକ୍ତ କଟକ ଜିଲ୍ଲା ଭଟିମୁଣ୍ଡା ଗ୍ରାମରୁ ଏହି ଘଣ୍ଟୁଆ ସେବକମାନେ ପ୍ରତିବର୍ଷ ରଥଯାତ୍ରା ସମୟରେ ପୁରୀ ଆସିଥାଆନ୍ତି। ସେମାନେ ସ୍ନାନପୂର୍ଣ୍ଣମୀ ଦିନ ଠାକୁମାନଙ୍କର ସ୍ନାନମଣ୍ଡପ ବିଜେ ଓ ସ୍ନାନ ମଣ୍ଡପରୁ ବାହୁଡ଼ା ବିଜେ ପହଣ୍ଡିରେ ଘଣ୍ଟ ବଜାନ୍ତି । ରଥଯାତ୍ରା ବେଳେ ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ବିଜେ, ଗୁଣ୍ଡିଚା ଘର ବିଜେ, ରଥ ଦକ୍ଷିଣୀ ମୋଡ଼ ବେଳେ ଓ ନୀଳାଦ୍ରି ବିଜେରେ ଘଣ୍ଟ ବଜାଇଥାଆନ୍ତି ।

ଗଜପତି ମୁକୁନ୍ଦଦେବ ତାଙ୍କ ରାଜତ୍ୱ ସମୟରେ କଟକ ଜିଲ୍ଲା ଭଟିମୁଣ୍ଡା ଗ୍ରାମର ଏହି ଘଣ୍ଟୁଆ ସେବକମାନଙ୍କ ମୁଣ୍ଡରେ ଶାଢ଼ି ବନ୍ଧେଇ କାଳ କାଳ ଏହି ସେବା ସଂପନ୍ନ କରିବାର ଅଧିକାର ଦେଇଥିଲେ। ସେହି ଦିନଠାରୁ ସେମାନେ ପୁରୁଷାନୁକ୍ରମିକ ଭାବେ ଏହି ସେବା କରିଆସୁଛନ୍ତି। ପରେ ଗଜପତି ମହାରାଜା ରାମଚନ୍ଦ୍ର ଦେବ ସେ ସମୟରେ ଭଟିମୁଣ୍ଡା ଗ୍ରାମର



ବାରଘର ଘଣ୍ଟୁଆଙ୍କ ନାମ ରେକର୍ଡ଼ଭୁକ୍ତ କରାଇ ସେମାନଙ୍କ ମଧ୍ୟରୁ କାହାରି ମୃତ୍ୟୁ ହେଲେ ‘ଶ୍ରୀମନ୍ଦିର ରୋଷଶାଳା’ର ବୈଷ୍ଣବାଗ୍ନୀ ଦେବା ପାଇଁ ଆଦେଶ ଦେଇଥିଲେ। ମାତ୍ର ସେମାନେ ଶ୍ରୀମନ୍ଦିର ପକ୍ଷରୁ ‘ଖେଇ’ କିମ୍ବା କୌଣସି ପାଉଣା ପାଉନଥିଲେ। ଶ୍ରୀମନ୍ଦିର ସ୍ୱତ୍ୱଲିପି ବା ରେକର୍ଡ଼ ଅଫ୍ ରାଇଟ୍‌ସ ଅନୁଯାୟୀ ୨୦୩ ପରିଚ୍ଛଦରେ ବର୍ଣ୍ଣିତ ସେବାକାର୍ଯ୍ୟ ହେଉଛି ‘ଘଣ୍ଟୁଆ ସେବା’। ଏମାନେ ଦୁଇଟି ଶ୍ରେଣୀରେ ବିଭକ୍ତ, ଭିତର ଘଣ୍ଟୁଆ ଓ ବାହାର ଘଣ୍ଟୁଆ । ଏହି ବାହାର ଘଣ୍ଟୁଆମାନେ ମଧ ଦୁଇଟି ଶ୍ରେଣୀ ‘କ’ ଓ ‘ଖ’ ଶ୍ରେଣୀରେ ବିଭକ୍ତ। ‘କ’ ଶ୍ରେଣୀରେ ଶ୍ରୀକ୍ଷେତ୍ର ଖରୁଡ଼ାକୂଳ ଛାମୁ ଘଂଟୁଆ ରହିଥିବା ବେଳେ ‘ଖ’ ଶ୍ରେଣୀରେ କେବଳ ଭଟିମୁଣ୍ଡାର କଂସାରୀ ସେବକ କୁଳ ସଂପୃକ୍ତ। ବାହାର ଘଣ୍ଟୁଆ କୁଳ ଦୁଇଭାଗ ହେବା ବିଷୟରେ କାହାଣୀଟିଏ ଅଛି ।


ବହୁତ ଦିନ ତଳର କଥା। ସେତେବେଳେ ଭଟିମୁଣ୍ଡାର କଂସାରୀମାନେ ଗଜପତି ମହାରାଜାଙ୍କ ଠାରୁ ସନନ୍ଦ ପାଇ ରଥଯାତ୍ରା ବେଳେ ଘଣ୍ଟୁଆ ସେବା କରୁଥାଆନ୍ତି । ସେମାନେ ରାଜାନୁଗ୍ରହରୁ ଶ୍ରୀମନ୍ଦିର ନିକଟସ୍ଥ ରାଧାବଲ୍ଲଭ ମଠ ତଳେ ମରିଚିକୋଟ ସାହିରେ ନିଜ ନିଜର ଦୋକାନ ଖୋଲି ବର୍ଷସାରା କଂସା ବେପାର କରୁଥିଲେ। ଏହି ବଜାରକୁ ‘କଂସାରିପଟି’ କୁହାଯାଉଥିଲା। ସେତେବେଳେ ଗାମ ଅଂଚଳରୁ ଆସିଥିବା ଖରୁଡ଼ା ଜାତିର ଲୋକମାନେ ପ୍ରାୟତଃ ପୁରୀରେ କଂସା ବେପାରୀ ମାନଙ୍କ ନିକଟରେ କାମ କରୁଥିଲେ। ଅନ୍ୟମାନେ ସହର ଓ ମଫସଲ ଅଞ୍ଚଳରେ ବୁଲି ବୁଲି କଂସାବାସନ ବିକ୍ରୟ କରୁଥିଲେ।ଏହି ଶ୍ରେଣୀର କଂସାରିମାନେ କ୍ରମେ ପୁରୀ ସହରକୁ ଆପଣେଇ ନେଇ ଆସ୍ତେ ଆସ୍ତେ ନିଜର ବ୍ୟବସାୟ ବୃଦ୍ଧି କରିବାରେ ଲାଗିଲେ। ଅପରପକ୍ଷେ ରାଜାନୁଗ୍ରହ ଓ ମହାପ୍ରଭୁଙ୍କ ରଥଯାତ୍ରା ବେଳେ ‘ଘଣ୍ଟୁଆ ସେବା’ ପାଇ ମଧ ଭଟିମୁଣ୍ଡାର କଂସାରୀମାନେ ନିଜ ଗ୍ରାମକୁ ଛାଡ଼ି ରହିପାରିଲେ ନାହିଁ। ଏହି ସୁଯୋଗରେ ଖରୁଡ଼ାମାନେ ଏହି କଂସାରୀ ଘଣ୍ଟୁଆଙ୍କ ବ୍ୟବସାୟ କିଣିନେଇ ପୁରୀରେ ଘରଦ୍ୱାର କରି ସ୍ଥାୟୀ ଭାବରେ ରହିଗଲେ।

ଗୋଟିଏ ବର୍ଷ ରଥଯାତ୍ରା ବେଳେ ଭଟିମୁଣ୍ଡାର ଘଂଟୁଆମାନେ ପୁରୀ ଆସି ରଥଯାତ୍ରାରେ ସେବାକାର୍ଯ୍ୟ ତୁଲାଉଥାନ୍ତି। ସେତିକିବେଳେ ସେମାନେ ଶୁଣିଲେ, ତାଙ୍କ ଗ୍ରାମରେ ହଇଜା ଲାଗିଯାଇଛି। ଏହାଶୁଣି ସେମାନେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବାକାର୍ଯ୍ୟ ଅଧାରୁ ଛାଡ଼ି ଗାଁକୁ ପଳାଇଗଲେ। ଗଜପତି ମହାରାଜା ଠିକ୍ ସେହି ସମୟରେ ପୁରୀରେ ନ ଥିବାରୁ ମହାପ୍ରଭୁଙ୍କ ରଥଯାତ୍ରାରେ ବିଘ୍ନ ଆଶଙ୍କା କରି ମହାରାଜାଙ୍କ ମହାରାଣୀ ସେହି ମୁହୂର୍ତ୍ତରେ ସନନ୍ଦ ବଳରେ ଏହି ଘଣ୍ଟୁଆ ସେବାକୁ ‘ଖରୁଡ଼ା’ ମାନଙ୍କୁ ପ୍ରଦାନ କରିଥିଲେ। ରଥଯାତ୍ରା ସୁରୁଖୁରୁରେ ଶେଷ ହେଲା। ଉଭୟ ସେବକ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗିଲା। ଜଣକ ପାଖରେ ମହାରାଜାଙ୍କ ସନନ୍ଦ ଥିବା ବେଳେ ଆଉ ଜଣକ ପାଖରେ ମହାରାଣୀଙ୍କ ପ୍ରଦତ୍ତ ସେବା ସନନ୍ଦ ଥିଲା। ଏବେ ଏବେ ଏହି ବିବାଦର ସମାଧାନ କରି ଶ୍ରୀମନ୍ଦିର ପ୍ରଶାସନ ଉଭୟ ଗୋଷ୍ଠୀଙ୍କୁ ମହାପ୍ରଭୁଙ୍କ ସେବାକାର୍ଯ୍ୟ ନିମନ୍ତେ ସମାନ ସୁଯୋଗ ଦେଇଛନ୍ତି। ରଥଟଣା ବା ଶ୍ରୀଜୀଉମାନଙ୍କର ପହଣ୍ଡି ବିଜେ ସମୟରେ ତିନି ଠାକୁରଙ୍କ ବାମପାର୍ଶ୍ୱରେ ଭଟିମୁଣ୍ଡା ଘଣ୍ଟୁଆମାନେ ରହୁଥିବା ବେଳେ ଡାହାଣ ପାର୍ଶ୍ୱରେ ରହିଲେ ଖରୁଡ଼ା ଘଣ୍ଟୁଆ । ଏବେ ତାଳଧ୍ୱଜ ରଥରେ ରଥଚକ ଅନୁଯାୟୀ ଉଭୟ ପକ୍ଷରୁ ୧୪ ଜଣ ଲେଖାଏଁ ୨୮ ଜଣ, ଦର୍ପଦଳନ ରଥରେ ୧୨ ଜଣ ଲେଖାଏଁ ୨୪ ଜଣ ଏବଂ ନନ୍ଦିଘୋଷ ରଥରେ ୧୬ ଜଣ ଲେଖାଏଁ ୩୨ ଜଣ ସେବକ ଘଣ୍ଟସେବା କରୁଛନ୍ତି। ପୁରୀର ଖରୁଡ଼ା ଘଣ୍ଟୁଆ ସେବକମାନଙ୍କ ମଧ୍ୟରୁ କେହି ତ୍ରୁଟି କଲେ ତାଙ୍କ ସ୍ଥାନରେ ଭଟିମୁଣ୍ଡାର କଂସାରୀ ସେବକଙ୍କୁ ଏହି ସେବାକାର୍ଯ୍ୟ ଦିଆଯାଏ ଏବଂ ଭଟିମୁଣ୍ଡା ସେବକମାନଙ୍କର ତ୍ରୁଟି ବିଚ୍ୟୁତି ସମୟରେ ପୁରୀର ଖରୁଡ଼ା ସେବକ ସେବାକାର୍ଯ୍ୟ ତୁଲାଇଥାନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ପୁରୀ ସହରର ୨୩ ଘର ଖରୁଡ଼ା ଓ ଭଟିମୁଣ୍ଡାର ୧୨ ଘର କଂସାରୀ ଘଣ୍ଟୁଆ ସେବକ ସେବା କାର୍ଯ୍ୟ କରୁଛନ୍ତି। ଘଣ୍ଟୁଆମାନେ ଦେବସ୍ନାନ ପୂର୍ଣ୍ଣମୀ ଠାରୁ ନୀଳାଦ୍ରି ବିଜେ ଶେଷ ପର୍ଯ୍ୟନ୍ତ ଯାବତ ଚନ୍ଦ୍ରାର୍କ ଏହି ‘ଅଷ୍ଟସେବା’ କରିଥାଆନ୍ତି।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**








ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୯୦

## ନହୁଷ ହେଲେ ଇନ୍ଦ୍ର-୩



ଶଚୀଦେବୀଙ୍କ କଥାର ଗୂଢ଼ ଅର୍ଥ ବାହାରକରିବା ଅବସ୍ଥାରେ ନହୁଷ ନଥିଲେ। ଏଇ କଥା! ହସିଲେ ନହୁଷ। ମୁଁ ଏବେ ଡକେଇ ପଠାଉଛି ଋଷିଙ୍କୁ। ତୁମେ ଯାଅ। ମୁଁ ସନ୍ଧ୍ୟା ପରେ ପହଞ୍ଚୁଛି। ସତରେ ରାଣୀ, ତୁମର ବୁଦ୍ଧିକୁ ମାନିବାକୁ ହେବ।

ଶଚୀଦେବୀ ମନଖୁସିରେ ଫେରିଗଲେ ନିଜ ପ୍ରାସାଦକୁ।

କାମ ଭାବରେ ଅସ୍ଥିର ନହୁଷ। ସତେବା ପାଗଳଟିଏ। ଡକେଇ ପଠେଇଲେ ସାତଜଣ ଋଷି। କହିଲେ- ପାଲିଙ୍କି କାନ୍ଧାଅ, ମୁଁ ଶଚୀ ଦେବୀଙ୍କ ପ୍ରାସାଦକୁ ଯିବି।

ପାଲିଙ୍କି କାନ୍ଧେଇଛନ୍ତି ଋଷି। ପାଲିଙ୍କିରେ ବସିଛନ୍ତି ନହୁଷ। ସେ ଅସମ୍ଭାଳ। ଖୁବ୍‌ଶୀଘ୍ର ପହଞ୍ଚିବାକୁ ସେ ଅସ୍ଥିର ହୋଇଉଠିଲେ। ଆହାଃ, ଶଚୀ ଅପେକ୍ଷା କରିଥିବେ!

ସର୍ପ .... ସର୍ପ ....

ଚିତ୍କାର ଛାଡ଼ିଲେ ନହୁଷ। ସେଥିସହ ସେ ଅଗସ୍ତ୍ୟ ଋଷିଙ୍କୁ ଗୋଇଠା ମାରିଲେ।

(ସର୍ପ'ର ଅର୍ଥ ଚଞ୍ଚଳ ଚାଲ)

ଅଗସ୍ତ୍ୟ ଋଷିଙ୍କର କ୍ରୋଧ ଚରମ ସୀମାରେ। ସେ ଜାଣୁଥିଲେ ନହୁଷ ତାଙ୍କୁ ନାତ ମାରୁଛନ୍ତି।

ରେ ମୂର୍ଖ! ତୁ ତତ୍‌କ୍ଷଣାତ୍ ସର୍ପ ହୋଇଯାଅ। ବାସ୍! ନହୁଷ ପରିଣତ ହୋଇଗଲେ ଅଜଗରଟିଏରେ। ଏବଂ ମୁଣ୍ଡପଟେ ଦୁମ୍‌କରି ଖସିପଡ଼ିଲେ ପୃଥିବୀରେ ଏକ ଅରଣ୍ୟ ମଧ୍ୟକୁ। ନହୁଷ ନିଜ କୃତକର୍ମର ଫଳ ପାଇଲେ। ଅଜଗର ଜନ୍ମରୁ ମୁକ୍ତି ପାଇବା ପାଇଁ ତାଙ୍କୁ କେତେ ହଜାର ବର୍ଷ ଲାଗିଲା।

ଇନ୍ଦ୍ର ପାପ ମୁକ୍ତ ହୋଇ ଫେରିଆସିଲେ। ଏବଂ ସ୍ୱର୍ଗର ରାଜପଦ ଫେରି ପାଇଲେ। ଇନ୍ଦ୍ର ଓ ଶଚୀ ଦେବୀଙ୍କ ଦୁଃଖର ଅନ୍ତ ଘଟିଗଲା।

ଯେତେବେଳେ ଯୁଧିଷ୍ଠିର ଓ ଭାଇମାନେ ବିରାଟ ରାଜ୍ୟର 'ଉପଲବ୍ୟ' ସ୍ଥାନରେ ରହିଥିଲେ ନକୁଳ ଓ ସହଦେବଙ୍କ ମାମୁ ସାଲ୍ୟ, ଯୁଧିଷ୍ଠିରଙ୍କୁ ନହୁଷ-କାହାଣୀ ଶୁଣେଇଥିଲେ। ଆଶ୍ୱାସନା ଦେଇଥିଲେ- ଇନ୍ଦ୍ର ଓ ଶଚୀ ଯେପରି ଯାତନା ଭୋଗରୁ ରକ୍ଷା ପାଇଥିଲେ, ସେପରି ତୁମର ଦୁଃଖର ଖୁବ୍‌ଶୀଘ୍ର ଅନ୍ତଘଟିବ।

**ଆସ ମନେରଖିବା :**

୧) ନହୁଷ ଜଣେ ରାଜା ଓ ଋଷି। ରାଜର୍ଷି। ପ୍ରୟାଗ ରାଜ୍ୟର ରାଜା। ଚନ୍ଦ୍ରବଂଶର ସେ ପଞ୍ଚମ ପିଢ଼ିର ମଣିଷ। ପଦ୍ମ ପୁରାଣ ଅନୁସାରେ ଶିବ-ପାର୍ବତୀଙ୍କ କନ୍ୟା ଆଲୋକସୁନ୍ଦରୀ ତାଙ୍କର ପତ୍ନୀ। ଜଣେ ଅତି ଧର୍ମପରାୟଣ ରାଜା ହୋଇଥିବାରୁ ଦେବଗଣ ତାଙ୍କୁ ଇନ୍ଦ୍ରାସନରେ ବସାଇଥିଲେ। ପାଣ୍ଡବମାନଙ୍କର ପୂର୍ବପୁରୁଷ ଥିଲେ ନହୁଷ।

(୨) ବ୍ରହ୍ମ ଅଭିଶାପ ଫଳରେ ନହୁଷ ଅଜଗର ରୂପ ଧରି ଅରଣ୍ୟରେ ଖସିପଡ଼ିଥିଲେ। ଅଭିଶାପରୁ ମୁକ୍ତ ହେବା ଏକ ଲମ୍ବା କାହାଣୀ। ତେବେ ସଂକ୍ଷେପରେ ରଖୁଛି। ପାଣ୍ଡବମାନଙ୍କର ହିମାଳୟ ଅଞ୍ଚଳରେ ରହିବା ସମୟର କଥା। ଭୀମସେନ୍ ଏକୁଟିଆ ସୁନ୍ଦର ଅରଣ୍ୟ ମଧ୍ୟରେ ବୁଲୁଥିଲେ। ଅଜଗର ରୂପୀ ନହୁଷ ତାଙ୍କୁ ଜାବୋଡ଼ି ଧରିନେଲା ଯେ ଭୀମସେନ୍‌ଙ୍କର ପ୍ରଚଣ୍ଡ ଶକ୍ତି ଲୋପପାଇଲା। ତାଙ୍କୁ ଖୋଜି ଖୋଜି ଯୁଧିଷ୍ଠିର ଆସି ପହଞ୍ଚିଲେ। ଯକ୍ଷ ଓ ଯୁଧିଷ୍ଠିର ସମ୍ବାଦ ଭଳି ଅଜଗର ଓ ଯୁଧିଷ୍ଠିରଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ଚାଲିଲା। ନହୁଷ ଖୁସିହେଲେ ଓ ନିଜର ପରିଚୟ ଦେଲେ। ଏବଂ ଅଜଗର ଜନ୍ମରୁ ମୁକ୍ତି ପାଇ ସ୍ୱଦେହରେ ସ୍ୱର୍ଗ ଗମନ କଲେ। (**କ୍ରମଶଃ ...**)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ମାଆ ନାମେ ଆସ ଗଛ ଲଗାଇବା

*ସୁରମା ମିଶ୍ର*



ମାଆ ନାମେ ଆସ ଗଛ ଲଗାଇବା
ମା'କୁ ଉତ୍ସର୍ଗ କରିବା
ମାଆଠୁ ପାଇଥିବା ସ୍ନେହ ମମତାଟି
ଗଛକୁରେ ଆମେ ଦେବା ॥

ଅତି ଯତନରେ ବଢ଼ାଇବା ତାକୁ
ମାଆ ବଢ଼ାଏ ଯେପରି
ଗଛ ମୂଳେ ଖତ ପାଣି ଦେବା ନେଇ
ଅବହେଳାରେ ନକରି ॥

ଗାଈ ଛେଳିଙ୍କଠୁ ରକ୍ଷା କରିବାକୁ
ଚାରି ପଟେ ବାଡ ଦେଇ
ନିରାପଦେ ଆମେ ଗଛକୁ ରଖିବା
ଖାଇ ପାରିବେନି କେହି ॥

ଗଛଟି ଆମର ପରମ ମିତ୍ରରେ
କେତେ ଉପକାରୀ ସିଏ
ଅଙ୍ଗାରକାମ୍ଳକୁ ଶୋଷି ନେଇ ଯାଇ
ଅମ୍ଳଜାନ ଭରିଦିଏ ॥

ଡହ ଡହ ଡହ ତାତିଲା ଖରାରେ
ଦିଏ ସେ ଆମକୁ ଛାଇ
ସୁଲୁ ସୁଲୁ ସୁଲୁ ଶୀତଳ ପବନ
ଯାଉଥାଏ ସଦା ବହି ॥

ଫୁଲ ଦିଏ ଫଳ ଦିଏ ସେ ଆମକୁ
ଦିଏ ଶୀତଳ ପବନ
ପଶୁ ପକ୍ଷୀ ମାନେ ଖରା ବେଳେ ଆସି
ନେଉଥାନ୍ତିରେ ବିଶ୍ରାମ ॥

କ୍ଳାନ୍ତ ପଥିକଟି କ୍ଳାନ୍ତ ହୋଇ ଆସି
ଗଛର ସାହାରା ନିଏ
ଗଛ ମୂଳେ ବସି ଗାମୁଛାଟା ପାରି
ଆରାମରେ ଶୋଇଯାଏ ॥

ଗଛ ଉପକାର ବୁଝିପାରିଲ ତ
ଭୁଲିଯିବ ନାହିଁ କେହି
ସାଙ୍ଗସାଥୀ ମେଳେ ଲଗାଇବ ଗଛ
ଯତ୍ନ ତାର ନେବ ଯାଇ ॥

*ବିଏଲ-୩୯, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଜୀବନରେ ବଡ଼ କାମ

*ନୀଳମଣି ଚାନ୍ଦ*

ଚାରାଟିଏ ଲାଗୁ ଗଛ ସିଏ ହେଉ
ରହୁ ସଭିଙ୍କର ଲକ୍ଷ୍ୟ
ସବୁଜିମାଟିରେ ଭରିଯିବ ସିନା
ଆମ ଧରିତ୍ରୀର ବକ୍ଷ।

ତା'ର ଉପକାର ତା'ର ଦରକାର
ହିସାବ ଗଲେରେ କରି
କେତେଯେ କାଗଜ କେତେ କଲମର
କାଳିଟି ଯିବରେ ସରି।

ବୃକ୍ଷ ମିଶିଗଲେ ହୁଅଇ ଅରଣ୍ୟ
ଯା ମୂଳ ଅମୂଳ ମୂଳ
ଉପକାରୀ କିଏ ହୋଇପାରିବେନି
ବୃକ୍ଷ, ଜଙ୍ଗଲର ତୁଲ।

ଜନମ କାଳରୁ ମୃତ୍ୟୁ ଦିନ ଯାଏ
ସିଏ ଲାଗେ ଆମ କାମେ
ଜାତୀୟ ସମ୍ପଦ ପଦଟି ଲଗାଉ
ତେଣୁ ଆମେ ତା'ର ନାମେ।

ତା'ର ଅଭାବରେ ଧରାଟି ପାଲଟି
ହୋଇଯିବ ପରା ମରୁ
ତେଣୁ ଚାରାଟିଏ ରୋପଣ କରିବା
ସଂକଳ୍ପଟି ମନେ କରୁ।

ଗୋଟିଏ ମଣିଷ ଗୋଟିଏ ଚାରାକୁ
ଯଦି ଗଛ କରିପାରେ
ଜୀବନରେ ଇଏ ବଡ଼ କାମଟିଏ
ଭୁଲ୍ ନୁହେଁ କହିବାରେ।

*ମନ୍ତ୍ରମାନୋର,ଗୋଠପାଟଣା,ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*



# ଜୀବ ଜଗତର ବନ୍ଧୁ

*ପ୍ରଫୁଲ୍ଲ କୁମାର ସାହୁ*

ଆସରେ ପାଳିବା ବନ ମହୋତ୍ସବ
ଅମେରେ ସଭିଏଁ ମିଶି,
ଧାଡ଼ି ଧାଡ଼ି ଚାରା ପୋତି ଦେବା ଆମେ
ଦେଖିଲେ ଲାଗିବ ଖୁସି ।୧।

ପୋତିଦେଇ ଚାରା ବାଡ଼ା ଘେରାଇବା
ତାହାର ସୁରକ୍ଷା ପାଇଁ,
ନ ଖାଇବେ ଗୋରୁ ଛେଳି ମେଣ୍ଢା କେହି
ବଢ଼ିବେ ଯତନ ପାଇ ।୨।

ଧାର ଧାର ଧାର ଝରୁଛି ବରଷା
ଟିକି ଚାରା ମନ ଜାଣି,
ବରଷା ଦିନରେ ଦେବାକୁ ହେବନି
ଚାରା ମୂଳେ ନିତି ପାଣି ।୩।

ମୂଳରୁ ତାହାର ଘାସ ବାଛି ଦେବା
ଦେବା ନେଇ ସାର ଖତ,
ଯତନରେ ଆମ ବଢ଼ିଗଲେ ଚାରା
ହସିବ ସାରା ଜଗତ ।୪।

ଚାରା ବଢ଼ିଗଲେ ଟିକି ଗଛ ହୋଇ
ସବୁଜିମା ଯିବ ଭରି,
ଗଛେ ଫୁଟି ଫୁଲ ବାସ ବିତରିବେ
ଦେଖି ମନ ଯିବ ପୁରି ।୫।

ଗଛ ଦିଏ ଫୁଲ ଗଛ ଦିଏ ଫଳ
ଗଛ ଦିଏ ପରା ଛାଇ,
ଟାଣ ଖରା ହେଲେ ତା' ମୂଳେ ବସଇ
ବାଟୋଇ ଭାଇଟି ଯାଇ ।୬।

ଜୀବ ଜଗତର ବନ୍ଧୁ ଅଟେ ଗଛ
ଦେଉଛି ସେ ଅମ୍ଳଜାନ,
ପ୍ରଶ୍ୱାସରେ ଆମେ କରୁଛେ ଗ୍ରହଣ
ରାତି ହେଉ ଅବା ଦିନ ।୭।

*ରାଜ୍ୟ ପୁରସ୍କୃତ ପ୍ରାକ୍ତନ ପ୍ରଧାନ ଶିକ୍ଷକ,*
*ଶକ୍ତି ବିହାର/ବାଲିପଡ଼ା, ମାହାଙ୍ଗା, କଟକ*
*ମୋ-୭୬୦୯୦୪୪୩୮୩*

# ଆଗକୁ ଆସୁଛି ରଥ ଯାତରା

*ସୁଜିତ କୁମାର ମିଶ୍ର*



ଆଗକୁ ଆସୁଛି ରଥ ଯାତରା
ଜମିବ ଭକତ ଭିଡ,
ଦେଖାଦେବେ ପ୍ରଭୁ ଭକତି ରସେ
ଜିଣିବେ ହୃଦୟ ଗଡ।

ହୁଳହୁଳି ଆଉ ହରିବୋଲରେ
ବହିବ ଭାବର ନଈ,
ପ୍ରଭୁଙ୍କ ଆଶିଷ କୃପାରେ ହେବ
ଧରଣୀ ପୁଣ୍ୟର ଭୂଇଁ।

ଟାଣୁଥିବେ ରଥ ଆବାଳ ବୃଦ୍ଧ
ଆନନ୍ଦେ ଗାଇଣ ଗୀତ,
ଶୁଭୁଥିବ ଖାଲି ଚାରିପଟରୁ
ଜୟ ଜୟ ଜଗନ୍ନାଥ।

ଜଗନ୍ନାଥ ଥିବେ ନନ୍ଦିଘୋଷରେ
ବଳଭଦ୍ର ତାଳଧ୍ୱଜେ,
ଦର୍ପଦଳନରେ ସୁଭଦ୍ରା ମାତା
କରୁଥିବେ ଆଜି ବିଜେ।

ଏକାଠି ହୋଇବେ ବଡଦାଣ୍ଡରେ
ଭିନ୍ନ ଜାତି ଧର୍ମ ଲୋକ,
ହାତେ ଧରିଥିବେ ଭୋଗଥାଳି ଓ
ଆରାଧନା ପାଇଁ ଦୀପ।

ବରଷକେ ଥରେ ହୁଏ ଯାତରା
ଜେଜେ କହୁଥିଲେ ଦିନେ,
ଦର୍ଶନ କରିବ ଦିଅଁଙ୍କୁ ଯାଇ
କୁନା ଭାବିଲାଣି ମନେ।

ବରଷକେ ଏଇ ଯାତରା ଆମ
ସଂସ୍କୃତି ଓ ପରମ୍ପରା,
ବୁଣୁଥାଏ ସିଏ ଭାବରେ ବାନ୍ଧି
ପ୍ରତିଦିନ ଭାଇଚାରା।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

# ଆସ କାଳିଆ ଗୋସାଇଁ



*ଅନନ୍ତ କୁମାର ସେନାପତି*

ନନ୍ଦିଘୋଷ ରଥ ବଡ଼ ଦାଣ୍ଡେ ଦାଣ୍ଡେ
ଗଡ଼ିଲେ ସୁନ୍ଦର ଦିଶେ,
ସେ ରଥରେ ବସି କାଳିଆ ସାଆନ୍ତ
ମୁରୁକି ମୁରୁକି ହସେ।

ସେ ହସରେ ଥାଏ ବିଶାଳ ଆକାଶ,
ପାତାଳ, ମରତ, ଭୂଇଁ,
ତା' ଲାଗି ଝରଣା ଝରେ ହରଷରେ
ପାହାଡ଼, ପବନ ଛୁଇଁ।

ଖଞ୍ଜି ଦେଇଅଛି ଷାଠିଏ ପଉଟି
ପଣ୍ଡା ପଢ଼ିଆରୀ ଜନ,
ତା' ଆଦେଶ ବିନା ସାଗର ହଲେନା
ଆସେ ନାହିଁ ରାତିଦିନ।

କୋଟି କୋଟି ଜୀବ ମୁଖରେ ଆହାର
ନିଇତି ଯୋଗାଏ ଯିଏ,
ନର ପଶୁ ପକ୍ଷୀ କୀଟ ତରୁ ଲତା
ତାଙ୍କୁ ବା ବୁଝିବ କିଏ ?

ସେଇ ପରା ତୁମେ ଜଗତ ଠାକୁର
ତୁମ ଦରଶନ ପାଇଁ,
ଆକୁଳ ଚିତ୍ତରେ ଚାହିଁ ରହିଅଛି
ଆସ କାଳିଆ ଗୋସାଇଁ।

ସଜାଇ ରଖିଛି ଛୋଟିଆ ରଥଟି
ଗଢ଼ି କେତେ ଯତନରେ
ବସିଗଲେ ହାତେ ଆଉଁସି ଦେବି ମୁଁ
କହି କହି ମୋ ଧନରେ।

*ବାଣ୍ଡୁପଡା, ରାଜଗାଙ୍ଗପୁର, ସୁନ୍ଦରଗଡ଼*
*ଫୋନ୍-୭୦୦୮୩୦୪୨୨୫*

# ତୁମ ରଥଯାତ

*ଜୟନ୍ତ କୁମାର ମଲ୍ଲିକ୍*

ତୁମ ରଥଯାତ ଜଗତେ ବିଖ୍ୟାତ
ଯାହାର ତୁଳନା ନାହିଁ
ତୁମ ମହିମାର ନାହିଁ ପଟାନ୍ତର
ତୁମପରି ଦିଅଁ କାହିଁ ?
ଜରରୁ ଉଠିକି ଜରୁରୀ ଭାବିକି
ବଡ଼ଦାଣ୍ଡେ ହୁଅ ଉଭା
ରଥରେ ବସିକି ମୁରୁକି ହସିକି
ଦେଖାଅ ସ୍ୱର୍ଗୀୟ ପ୍ରଭା।
ମାଉସୀ ଘରକୁ ଯାଇଥାଅ ତୁମେ
ଭାଇ ଭଉଣୀଙ୍କୁ ଧରି
ନଅ ଦିନ ପାଇଁ ମନ୍ଦିରୁ ବାହାର
ଘରଣୀଙ୍କୁ ପର କରି।
ରଥରେ ତୁମକୁ କରି ଦରଶନ
ଭକତ ଯାଆନ୍ତି ତରି
ତୁମେ ଅଟ ପ୍ରଭୁ ଭାବ ବିନୋଦିଆ
କିଏ ହେବ ତୁମ ପରି।
ତୁମ ଲୀଳା ପ୍ରଭୁ ଅତି ଚମତ୍କାର
ଯେଣୁ ତୁମେ ଲୀଳାମୟ
ତୁମେ ଏକା ପ୍ରଭୁ ଘୁଞ୍ଚାଇ ପାରିବ
ଅକାଳ ମରଣ ଭୟ।

*ଶୁଭଡିହ,ନନ୍ଦିପୁର,ଦଶରଥପୁର,ଯାଜପୁର*
*ମୋ-୯୪୩୭୮୬୫୭୨୭*

# ମୋ କୁନି ରଥ

*ସୁଧାକର ରାଉତ*



କୁନି ହାତରେ ମୁଁ ଗଢ଼ିଛି ରଥ
ଆସ ସେଠିକି ହେ ଜଗତ ନାଥ।
ଭାଇ ଭଉଣୀଙ୍କୁ ସଙ୍ଗତେ ଘେନି
ବସ ତହିଁରେ ମୋ ସାନ କଥା ମାନି।

କେଡ଼େ ଯତନେ ସଜାଇଛି ମୁହିଁ
ମନାକରନି ହେ ଜଗତ ସାଇଁ।
ମନ୍ତ୍ର, ତନ୍ତ୍ର ଜଣା ନାହିଁଟି ମୋତେ
'ଭାବ' ବି ଧରା ଦିଏନି ମୋ ହାତେ।

ତୁମ କଥା ଭାବି ଦୀପଟେ ଜାଳି
ଖୁସିରେ ପକାଇବି ହୁଳହୁଳି।
ମନରେ ତୁମର କିଛି ନଧରି
ଯାହା ଦେବି ତାକୁ ନେବଟି ହରି।

ଫୁଲ ଗୁନ୍ଥି ମୁହିଁ କରିଛି ହାର
ପିନ୍ଧିବ ତାହାକୁ ନଭାବି ପର।
ସବୁ ଲୋକଙ୍କ ମନର କଥା
ଜାଣିପାରି ଦୂର କରଟି ବ୍ୟଥା।

କହୁଥିଲେ ପରା ଆମରି ଜେଜେ
ତାଙ୍କ କଥା ମାନି ତୁମକୁ ପୂଜେ।
ହେଲେ ତାଙ୍କୁ ଏବେ ହୋଇଛି ରୋଗ
ତାଙ୍କୁ ଭଲ କରି ଦିଅଟି ଆଗ।

ମାଗୁ ନାହିଁ ତୁମକୁ କିଛି ଆଉ
ତାଙ୍କ ଦେହଟି ଖାଲି ଭଲ ହେଉ।
ତୁମକୁ ଆଉ ମୁଁ ମାଗିବି କିସ
ଯା' ଇଚ୍ଛା ତା' କର ଜଗତ ଈଶ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

# ଆସୁଛି ପବିତ୍ର ଗୁଣ୍ଡିଚା ଯାତ

*ରାମଚନ୍ଦ୍ର ବେହେରା*



ଆସୁଛି ପବିତ୍ର ଗୁଣ୍ଡିଚା ଯାତ
ଯିବା ଶିରୀକ୍ଷେତ୍ର ମିତ
କଳା ମାଣିକକୁ ଦର୍ଶନ କରିବା
ଗାଇ ଜୟ ଜଗନ୍ନାଥ।

ତାଳଧ୍ୱଜ ରଥେ ଥିବେ ବଳରାମ
ସୁଭଦ୍ରା ଦେବଦଳନେ
ଚକାଆଖି ଥିବେ ନନ୍ଦିଘୋଷ ରଥେ
ସହସ୍ର ଭକ୍ତ ଗହଣେ।

ଘଣ୍ଟ ତୂରୀ ଭେରୀ ମୃଦଂଗ କାହାଳୀ
ଶବଦ ଉଛୁଳୁ ଥିବ
ମହା ଆଡମ୍ବରେ ତିନିଗୋଟି ରଥ
ବଡଦାଣ୍ଡେ ଗଡୁଥିବ।

ଶଂଖ ହୁଳହୁଳି ହରିବୋଲ ଧ୍ୱନି
ଭରିବ ଶ୍ରଦ୍ଧା ପରାଣେ
ସତର୍କ ପରଖି ରଥ ଦଉଡିକୁ
ଟାଣିବା ହରଷ ମନେ।

ରଥ ପରେ ବସି କାଳିଆ ସାଆନ୍ତ
ଢାଳିବେ କରୁଣା ବାରି
ତାଙ୍କ ଶୁଭାଶିଷେ ପରାଣରେ ଆମ
ମିଠା ଭାବ ଯିବ ଭରି।

ସବୁ ଯାତ ଠାରୁ ରଥ ଯାତ ସାର
ଆମ ପରମ୍ପରା କୁହେ
ରଥରେ ଯେ କରେ ପ୍ରଭୁଙ୍କ ଦର୍ଶନ
କୋଟି ପୁଣ୍ୟ ମିଳିଥାଏ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

# ନବଯଉବନ ଦର୍ଶନ...

*ନଗେନ୍ଦ୍ର ନାଥ ପଟ୍ଟନାୟକ*

ଚାରି ଦିଅଁଯାକ ଜ୍ୱରରେ ପୀଡ଼ିତ
ଦେହେ ଖଇଫୁଟା ତାତି
ଅଣସର ଘରେ ଖାଉଛନ୍ତି ଦିଅଁ
ପ୍ରସ୍ତୁତ ମୋଦକ ନିତି ॥

ସେବା କରୁଛନ୍ତି ଦଇତା ସେବକ
ଗୁପତ ଭାବରେ ରହି
ଅଣସର ପଣା ଘଣା-ଖଳି ଲାଗି
କେତେ ନୀତି ଚାଲୁଥାଇ ॥

ଦାରୁ ଦିଅଁଙ୍କର ଜ୍ୱର ତାତି ପରା
କମୁଅଛି ଧୀରେ ଧୀରେ
ପନ୍ଦର ଦିନରେ ଚାରି ଦିଅଁଯାକ
ଭଲ ହୋଇଯିବେ ବଳେ ॥

ନବଯଉବନ ବେଶେ ଦାରୁଦିଅଁ
ଶୋଭା ମନଲୋଭା ଅତି
ଭକତ ଜନଙ୍କୁ ଦରଶନ ଦେବେ
ଭକତି ଭାବରେ ମାତି ॥

ସକାଳେ ସରିଲେ ମଙ୍ଗଳ ଆଳତୀ
ଅବକାଶ ବେଶ ନୀତି
ଚକା ପରେ ପଟିଦିଅଁ ବିଜେ ହେବେ
ଖୋଲିଗଲେ ଘର ତାଟି ॥

ପ୍ରଭୁଙ୍କ ସାହଣ ମେଲା ଦର୍ଶନରେ
ମିଳେ ପରା କୋଟିପୁଣ୍ୟ
ବେନିଆଖି ଆମ ହୁଅଇ ପବିତ୍ର
ମରତେ ଜୀବନ ଧନ୍ୟ ॥

*ଓସ୍କାର ସିଟି, ଲକ୍ଷ୍ମୀ ସାଗର କେନାଲ ରୋଡ*
*ମୋ-୯୪୩୮୩୩୨୧୩୮*



# ଆଗକୁ ଆସୁଛି ରଥ ଯାତରା

*ବସନ୍ତ କୁମାର ପ୍ରଧାନ*

ବରଷକୁ ଥରେ ବିଶ୍ୱ ପରସିଦ୍ଧ
ହୁଅଇ ରଥ ଯାତରା
ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ
ଅଛିବିଧି ପରମ୍ପରା।

ବଡ଼ଦାଣ୍ଡେ ତିନି ରଥ ପରେ ବିଜେ
ହୋଇବେ ଚତୁର୍ଦ୍ଧା ମୂର୍ତ୍ତି
ଭକତ ଭିଡ଼ରେ ରଥ ଗଡ଼ି ଯାଏ
ଘେନନ୍ତି ଭାବ ଭକତି।

ପତିତଜନଙ୍କୁ ଉଦ୍ଧରିବା ପାଇଁ
ପ୍ରଭୁଙ୍କର ଏହି ଲୀଳା
ତାଙ୍କ ମହିମାକୁ କେ'ବୁଝିପାରିବ
ଧନ୍ୟ ତାଙ୍କ ଲୀଳା ଖେଳା।

ନଅ ଦିନ ପାଇଁ ମାଉସୀ ଘରକୁ
ଯାଇଥାନ୍ତି ଜଗନ୍ନାଥ

ମାନବ ଲୀଳାକୁ କରିଥାନ୍ତି ସେହି
ମହିମା ତାଙ୍କ ଅନନ୍ତ।

ରଥ ପରେ ଦେଖି ଚତୁର୍ଦ୍ଧା ମୂରତି
ପାପ ତାପ ହୁଏ ନାଶ
ବହୁତ ଦୂରରୁ ଆସନ୍ତି ଭକତ
ଲଭିବା ପାଇଁ ଆଶିଷ।

*ହରିହରପୁର, ଛେଣ୍ଡିପଦା, ଅନୁଗୋଳ*
*ମୋ-୭୭୩୫୬୧୧୪୮୪*



ପ୍ରଭାତ କୁମାର ମହାପାତ୍ର

# ଚତୁର ସାପ ଓ ବୁଦ୍ଧିମାନ ମାଛ



ଏକ ଘଞ୍ଚ ଜଙ୍ଗଲ କୂଳରେ ଏକ ଶାନ୍ତ ଏବଂ ସୁନ୍ଦର ପୋଖରୀ ଥିଲା। ସେହି ପୋଖରୀରେ ଅନେକ ପ୍ରକାରର ମାଛ ରହୁଥିଲେ- ଛୋଟ, ବଡ଼, ରଙ୍ଗବେରଙ୍ଗୀ ଏବଂ ଚଞ୍ଚଳ। ସେମାନେ ସମସ୍ତେ ମିଳିମିଶି ଖୁସିରେ ନିଜ ଜୀବନ ବିତାଉଥିଲେ। ସେହି ପୋଖରୀ ପାଖରେ ଏକ ଗାତରେ ଏକ ଚତୁର ସାପ ମଧ୍ୟ ରହୁଥିଲା। ସେ ବହୁତ ଧୂର୍ତ୍ତ ଏବଂ ଲୋଭୀ ଥିଲା। ଏକଦା ସାପଟି ବହୁତ ଭୋକିଲା ଥିଲା। ସେ ଭାବିଲା, 'ଯଦି ମୁଁ ସିଧାସଳଖ ପାଣି ଭିତରକୁ ଯାଇ ମାଛ ଧରିବାକୁ ଚେଷ୍ଟା କରିବି, ତେବେ ସେମାନେ ଡରିଯାଇ ପଳାଇବେ। ମତେ କିଛି ଉପାୟ କରିବାକୁ ପଡ଼ିବ।' ବହୁତ ଭାବିବା ପରେ ତାକୁ ଏକ ଯୋଜନା ସୁଝିଲା। ପରଦିନ ସେ ପୋଖରୀ କୂଳକୁ ଯାଇ ଏକ ଉଦାସ ମୁହଁ କରି ବସି ରହିଲା। ତା' ଆଖିରେ ନକଲି ଲୁହ ଥିଲା। ପୋଖରୀର ଏକ ବୁଢ଼ୀ ଏବଂ ବୁଦ୍ଧିମାନ ମାଛ ତାକୁ ଦେଖିଲା ଏବଂ ପଚାରିଲା, 'ଆରେ ସାପ ଭାଇ, ଆଜି ତୁମେ ଏତେ ଉଦାସ କାହିଁକି?' ସାପଟି ଏକ ଦୀର୍ଘଶ୍ୱାସ ପକାଇ କହିଲା, 'ଭଉଣୀ, ଏବେ ମୁଁ ପାପ କରି କରି ବିରକ୍ତ ହୋଇଗଲିଣି। ମୁଁ ଜୀବନସାରା ଅନେକ ଜୀବଙ୍କୁ କଷ୍ଟ ଦେଇଛି। ଏବେ ମୁଁ ପ୍ରାୟଶ୍ଚିତ କରିବାକୁ ଚାହୁଁଛି। ଜଣେ ସାଧୁ ମତେ ଅଭିଶାପ ଦେଇଛନ୍ତି କି ଯଦି ମୁଁ କୌଣସି ଜୀବକୁ କଷ୍ଟ ଦିଏ, ତେବେ ମୁଁ ତୁରନ୍ତ ମରିଯିବି।' ଏହା ଶୁଣି ମାଛମାନେ ଆଶ୍ଚର୍ଯ୍ୟ ହୋଇଗଲେ। ସେମାନେ ଭାବିଲେ ଯେ ଏବେ ସାପ ଆଉ ସେମାନଙ୍କର ଶତ୍ରୁ ହୋଇ ରହିନାହିଁ। ଧୀରେ ଧୀରେ ପୋଖରୀର ସବୁ ମାଛ ସେଠାରେ ରୁଣ୍ଡ ହେଲେ। ସାପ ଆଗକୁ କହିଲା, 'ମୁଁ ଏବେ ଭୋକିଲା ରହି ନିଜ ଜୀବନ ବିତାଇବାକୁ ଚାହୁଁଛି। ମୁଁ କାହାରିକୁ କ୍ଷତି ପହଞ୍ଚାଇବି ନାହିଁ।' ମାଛମାନେ ନିଜ ନିଜ ଭିତରେ ଆଲୋଚନା କଲେ। କିଛି ମାଛ କହିଲେ, 'ବୋଧହୁଏ ସେ ସତ କହୁଛି!' କିନ୍ତୁ ବୁଢ଼ୀ ମାଛକୁ ଟିକେ ସନ୍ଦେହ ହେଲା। ତଥାପି, ବାକି ମାଛମାନଙ୍କ କଥାରେ ସେ ଚୁପ୍ ରହିବା ଭଲ ବୋଲି ଭାବିଲା। କିଛି ଦିନ ପରେ ସାପ ଆଉ ଏକ ଉପାୟ ପାଞ୍ଜିଲା। ସେ କହିଲା, 'ମତେ ଆଉ ଏକ ଅଭିଶାପ ମିଳିଛି କି ମୁଁ ଏହି ସ୍ଥାନରୁ ଅନ୍ୟ କୁଆଡ଼େ ଯାଇପାରିବି ନାହିଁ। ଯଦି ତୁମେ ଚାହୁଁଛ, ତେବେ ମୁଁ ତୁମକୁ ମୋ ପିଠିରେ ବସାଇ ପୋଖରୀର ଅନ୍ୟ ଆଡ଼କୁ ବୁଲାଇ ଆଣିପାରିବି।' ଏହା ଶୁଣି ଛୋଟ ମାଛମାନେ ବହୁତ ଖୁସି ହୋଇଗଲେ। ସେମାନେ ଭାବିଲେ ଏହା ଏକ ମଜାଦାର ଭ୍ରମଣ ହେବ। ଏକ ଛୋଟ ମାଛ ସାପ ପିଠିରେ ବସିଲା। ସାପ ଧୀରେ ଧୀରେ ପାଣି ଭିତରକୁ ଗଲା ଏବଂ କିଛି ସମୟ ପରେ ସେହି ମାଛଟି ଉଭେଇ ଗଲା। ସାପ ତାକୁ ଚୁପ୍‌ଚାପ୍ ଖାଇଦେଲା। ପରଦିନ ସାପ ପୁଣି ଆସି କହିଲା, 'ଗତକାଲିର ସେହି ମାଛଟି ବହୁତ ଖୁସି ହୋଇଥିଲା। ସେ ମତେ ଧନ୍ୟବାଦ ଜଣାଇଛି।' ଏହା ଶୁଣି ବାକି ମାଛମାନେ ମଧ୍ୟ ତା' କଥାରେ ଭାଳିଗଲେ। ଜଣ ଜଣ କରି ମାଛ ତା' ପିଠିରେ ବସିଲେ ଏବଂ ସାପ ସେମାନଙ୍କୁ ଗୋଟି ଗୋଟି କରି ଖାଇବାକୁ ଲାଗିଲା। ଏବେ ପୋଖରୀରେ ମାଛଙ୍କ ସଂଖ୍ୟା କମିବାକୁ ଲାଗିଲା। ଏଣେ ବୁଢ଼ୀ ମାଛର ସନ୍ଦେହ ବଢ଼ିବାକୁ ଲାଗିଲା। ସେ ଧ୍ୟାନର ସହ ଦେଖିଲା ଯେ ଯେଉଁ ମାଛମାନେ ସାପ ସହିତ ଯାଉଛନ୍ତି, ସେମାନେ ଆଉ ଫେରୁନାହାନ୍ତି। ଦିନେ ସେ ସାହସ କରି ସାପକୁ କହିଲା, 'ସାପ ଭାଇ, ମୁଁ ମଧ୍ୟ ତୁମ ସଙ୍ଗେ ବୁଲିବାକୁ ଚାହୁଁଛି।' ସାପ ମନେ ମନେ ଖୁସି ହୋଇ କହିଲା, 'ଆସ ଭଉଣୀ, ବସ।' ଯେମିତି ବୁଢ଼ୀ ମାଛ ତା' ପିଠିରେ ବସିଲା, ସେ ଦେଖିଲା ଯେ ସାପ ତାକୁ ପୋଖରୀ କୂଳ ଆଡ଼କୁ ନେଇଯାଉଛି। ସେତେବେଳେ ସେ ଜୋର୍‌ରେ କହି ଉଠିଲା, 'ତୁମେ ଆମକୁ ଠକୁଛ! ତୁମେ ଆମକୁ ଖାଉଛ!' ବାକି ମାଛମାନେ ଏହା ଶୁଣି ସତର୍କ ହୋଇଗଲେ। ବୁଢ଼ୀ ମାଛ ତୁରନ୍ତ ଡେଇଁପଡ଼ି ନିଜକୁ ବଞ୍ଚାଇ ନେଲା ଏବଂ ପୁଣି ପାଣି ଭିତରକୁ ଆସିଗଲା। ସେ ସମସ୍ତଙ୍କୁ ସାପର ସତ୍ୟତା ଜଣାଇଲା। ଏବେ ସବୁ ମାଛ ଏକ୍‌ଜୁଟ୍ ହୋଇଗଲେ। ସେମାନେ ମିଶି ଏକ ଯୋଜନା କଲେ ଏବଂ ସାପ ପାଖକୁ ଯିବାକୁ ମନା କରିଦେଲେ। ଭୋକିଲା ସାପ ଆଉ ଏବେ କିଛି କରିପାରିଲା ନାହିଁ। ଶେଷରେ ସେ ସେଠାରୁ ପଳାଇ ଯିବାକୁ ବାଧ୍ୟ ହେଲା।

*ସ୍ୱାମୀ ବିବେକାନନ୍ଦ ବନ ଭାରତୀ*
*ବିଦ୍ୟାପୀଠ, କୋରାପୁଟ*
*ମୋ-୭୮୯୪୦୦୫୪୫୫*

# ଭାରତରେ ଖେଳାଯିବ ଅଷ୍ଟ୍ରେଲିଆର ବିଗ୍ ବ୍ୟାଶ ଲିଗ୍

## ଶୁକ୍ରବାର କରିବେ ଘୋଷଣା ପିଏମ୍ ମୋଦୀ




**ନୂଆଦିଲ୍ଲୀ**

ଅଷ୍ଟ୍ରେଲିଆ ଟି-୨୦ ଲିଗ୍ ତଥା ବିଗ୍ ବ୍ୟାଶ୍ ଲିଗ୍ (ବିବିଏଲ୍) ଆଗାମୀ ସିଜନର ପ୍ରଥମ ମ୍ୟାଚ୍ ଭାରତ ମାଟିରେ ଖେଳାଯିବ। ଯାହାର ଘୋଷଣା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଷ୍ଟ୍ରେଲିଆର ମାଟିରେ କରିବେ। ପ୍ରକାଶ ଯେ, ପିଏମ୍ ମୋଦୀ ଏବେ ୩ ଦେଶର ଗସ୍ତରେ ଅଛନ୍ତି। ଯେଉଁଥିରେ ତାଙ୍କର ଆଗାମୀ ଦେଶ ଅଷ୍ଟ୍ରେଲିଆ ହେବ। ଅଷ୍ଟ୍ରେଲିଆ ଗସ୍ତରେ ସେ ଭାରତରେ ହେବାକୁ ଥିବା ବିଗ୍ ବ୍ୟାଶ ଲିଗ୍ ମ୍ୟାଚ୍‌ର ଘୋଷଣା କରିବେ। ଅଷ୍ଟ୍ରେଲିଆର ସାମ୍ବାଦିକ ଟମ୍ ମୋରିସ ଏହି ଘୋଷଣାକୁ ନେଇ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ବି ମୋରିସ ଏସମ୍ବନ୍ଧ ଯୋଡ଼ି ହୋଇଥିବା ସୂଚନା ଦେଇ ସାରିଛନ୍ତି। ଏଥିରେ ସେ କହିଛନ୍ତି କି ମ୍ୟାଚ୍‌ର ଘୋଷଣା କେଉଁଦିନ ହେବ। ସେ ତାଙ୍କର ସୋସିଆଲ ମିଡ଼ିଆରେ କହିଛନ୍ତି କି, ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଏନ୍ଥୋନୀ ଅଲବାନାଜ ମେଲବର୍ଣ୍ଣରେ ଶୁକ୍ରବାର ମ୍ୟାଚ୍‌ର ଘୋଷଣା କରିବେ। ମ୍ୟାଚ୍ ରେନେଗେଡ୍ସ ବନାମ ସ୍କର୍ଚର୍ସ ମଧ୍ୟରେ ୧୨ ଡିସେମ୍ବରରେ ଚେନ୍ନାଇରେ ଖେଳାଯିବ, ଏହି ବିଷୟରେ ବିବିଏଲ୍ ତରଫରୁ ଅଫିସିଆଲ ସୂଚନା ଆସିବା ବାକି ରହିଛି। ଏହା ପ୍ରଥମ ଥର ହେବ କି ଯେତେବେଳେ ଅଷ୍ଟ୍ରେଲିଆର ବିଗ୍ ବ୍ୟାଶ ଲିଗର ମ୍ୟାଚ୍ ଭାରତ ମାଟିରେ ଖେଳାଯିବ। ଏହିଭଳି ଭାବେ ଏହା ଐତିହାସିକ ଘୋଷଣା ହେବ।

‘ରିସେଟ’ର ମୂଲ୍ୟ ଦେଉଛି ଟିମ୍ ଇଣ୍ଡିଆ

# ଲଗାତାର ପରାଜୟ ଉପରେ ମୁହଁ ଖୋଲିଲେ ଗୌତମ ଗମ୍ଭୀର

**ନୂଆଦିଲ୍ଲୀ**

ଇଂଲଣ୍ଡ ବିପକ୍ଷରେ ୧୨୫ ରନର ଦମ୍‌ଦାର ପରାଜୟ ପରେ ଏହା କ୍ରମାଗତ ଚତୁର୍ଥ ଟି-୨୦ ପରାଜୟ, ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ପ୍ରଥମ ଥର ପାଇଁ ଦଳର ଖରାପ ପ୍ରଦର୍ଶନକୁ ଖୋଲାଖୋଲି ଭାବରେ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି ଯେ ଦଳ ବର୍ତ୍ତମାନ ‘ପୁନଃସ୍ଥାପନ’ ବା ରିସେଟ୍ ପର୍ଯ୍ୟାୟ ଦେଇ ଗତି କରୁଛି ଏବଂ ଯୁବ ଖେଳାଳିମାନଙ୍କୁ ନିଜକୁ ପ୍ରମାଣିତ କରିବା ପାଇଁ ସମୟ ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଲଗାତାର ଚାରୋଟି ଟି-୨୦ ମ୍ୟାଚ୍ ହାରିବା ପରେ, ଗମ୍ଭୀର ସ୍ୱୀକାର କରିଛନ୍ତି ଯେ ଦଳର ସମସ୍ୟାଗୁଡ଼ିକ କେବଳ ଖରାପ ଫର୍ମ କିମ୍ବା ଅଭିଜ୍ଞତାର ଅଭାବ ବ୍ୟତୀତ ଅନ୍ୟ କିଛି ନୁହେଁ। ଇଂଲଣ୍ଡ ବିପକ୍ଷରେ ଭାରୀ ପରାଜୟ ପରେ, ସେ ସେହି ନିର୍ଦ୍ଦିଷ୍ଟ କ୍ଷେତ୍ରକୁ ଉଜ୍ଜ୍ୱଳ କରିଛନ୍ତି ଯେଉଁଠାରେ ଭାରତୀୟ ଦଳ ସବୁଠାରୁ ପଛରେ ଅଛି: ‘ଖେଳ ସଚେତନତା’। ସେ ବିଶ୍ୱାସ କରନ୍ତି




ଯେ ଆୟର୍ଲାଣ୍ଡ ଗସ୍ତରୁ ଇଂଲଣ୍ଡ ସିରିଜ ପର୍ଯ୍ୟନ୍ତ, ଭାରତୀୟ ଖେଳାଳିମାନେ ମ୍ୟାଚ ପରିସ୍ଥିତିକୁ ସଠିକ ଭାବରେ ବୁଝିପାରି ନାହାନ୍ତି, ଯାହାର ପରିଣାମ ସ୍ୱରୂପ ପରାଜୟର ଧାରା ସୃଷ୍ଟି ହୋଇଛି।


ଗମ୍ଭୀର କହିଛନ୍ତି ଯେ ବର୍ତ୍ତମାନର ଭାରତୀୟ ଦଳକୁ ଟି-୨୦ ବିଶ୍ୱକପ ଜିତିଥିବା ଦଳ ସହିତ ତୁଳନା କରିବା ଅନୁଚିତ ହେବ। ସେ ଦର୍ଶାଇଛନ୍ତି ଯେ ଅଧିନାୟକତ୍ୱ ପରିବର୍ତ୍ତନ ହୋଇଛି, ପ୍ରାରମ୍ଭିକ ଯୋଡ଼ି ନୂତନ, ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଜସପ୍ରିତ ବୁମ୍‌ରାହଙ୍କ ପରି ଅଭିଜ୍ଞ ଖେଳାଳିମାନେ ବର୍ତ୍ତମାନର ସେଟ୍‌ଅପ୍‌ରେ ଅଂଶ ନୁହନ୍ତି।

ଗମ୍ଭୀର ଉଲ୍ଲେଖ କରିଛନ୍ତି ଯେ ସମସ୍ୟା ଖେଳାଳିଙ୍କ କୌଶଳ ଅପେକ୍ଷା ସେମାନଙ୍କ ମାନସିକତା ଏବଂ ନିଷ୍ପତ୍ତି ନେବାରେ ଅଧିକ ରହିଛି। ତାଙ୍କ ଅନୁସାରେ, ଭାରତୀୟ ଦଳ ମ୍ୟାଚ ପରିସ୍ଥିତିକୁ ସଠିକ ଭାବରେ ପଢ଼ିବାରେ କ୍ରମାଗତ ଭାବରେ ବିଫଳ ହୋଇଛି। ସେ ଜୋର ଦେଇ କହିଛନ୍ତି ଯେ ବ୍ୟାଟ୍‌ସମ୍ୟାନ ଏବଂ ବୋଲରମାନଙ୍କୁ ପିଚ କିପରି ବ୍ୟବହାର କରୁଛି, ପବନର ଦିଗ, ଗ୍ରାଉଣ୍ଡର କେଉଁ ଅଂଶରେ ଲମ୍ବା ସୀମା ଅଛି ଏବଂ କେବେ ବିପଦ ନେବାକୁ ପଡ଼ିବ ତାହା ବୁଝିବା ଆବଶ୍ୟକ। ଟି-୨୦ କ୍ରିକେଟରେ, ଏହି ଛୋଟ ଛୋଟ ବିବରଣୀ ପ୍ରାୟତଃ ଏକ ମ୍ୟାଚର ଫଳାଫଳ ନିର୍ଣ୍ଣୟ କରେ। ସେ ଆହୁରି ମଧ୍ୟ କହିଛନ୍ତି, ‘ଆୟାରଲ୍ୟାଣ୍ଡ ଗସ୍ତ ପରଠାରୁ, ଆମେ ପରିସ୍ଥିତି ସହିତ ନିଜକୁ ଖାପ ଖୁଆଇ ପାରିନାହୁଁ।’ ‘ଯଦି ଆମେ ପରିସ୍ଥିତିକୁ ଭଲ ଭାବରେ ବୁଝିଥାଆନ୍ତୁ, ତେବେ ଆମେ ଲଗାତାର ଚାରୋଟି ମ୍ୟାଚ୍ ହାରି ନଥାଆନ୍ତୁ।’

ଭାରତ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ୦-୨ରେ ପଛରେ ଅଛି। ଫଳସ୍ୱରୂପ, ପରବର୍ତ୍ତୀ ମ୍ୟାଚ୍‌ରେ, ଟିମ୍ ଇଣ୍ଡିଆ କେବଳ ପ୍ରତ୍ୟାବର୍ତ୍ତନର ଚ୍ୟାଲେଞ୍ଜର ସମ୍ମୁଖୀନ ନୁହେଁ ବରଂ ଗୌତମ ଗମ୍ଭୀରଙ୍କ ‘ପୁନଃନିର୍ମାଣ ଯୋଜନା’ ରିସେଟ୍ ପ୍ଲାନ ବର୍ତ୍ତମାନର ଦଳ ଏବଂ ଦଳର ଭବିଷ୍ୟତକୁ ବିଜୟୀ ପଥ ଆଡ଼କୁ ନେଇପାରିବ ବୋଲି ପ୍ରମାଣ କରିବାର ଆବଶ୍ୟକତା ମଧ୍ୟ ରହିଛି।

# ସୌରଭ ଗାଙ୍ଗୁଲିଙ୍କ ବାୟୋପିକ୍ ‘ଦାଦା’ର ପୋଷ୍ଟର ଲୁକ୍ ଆଉଟ୍

**ନୂଆଦିଲ୍ଲୀ**




ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ବାୟୋପିକ୍ ‘ଦାଦା – ଦି ସୌରଭ ଗାଙ୍ଗୁଲି ଷ୍ଟୋରୀ’ ରିଲିଜ୍ ପାଇଁ ପ୍ରଶଂସକମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଏହି ବହୁ ପ୍ରତୀକ୍ଷିତ ଫିଲ୍ମରେ ରାଜକୁମାର ରାଓ ସୌରଭ ଗାଙ୍ଗୁଲିଙ୍କ ଭୂମିକାରେ ଅଭିନୟ କରିବେ। ସୌରଭ ଗାଙ୍ଗୁଲିଙ୍କ ଜନ୍ମଦିନ ଅବସରରେ ବାୟୋପିକ୍ ‘ଦାଦା – ଦି ସୌରଭ ଗାଙ୍ଗୁଲି ଷ୍ଟୋରୀ’ର ପ୍ରଥମ ଲୁକ୍ ରିଲିଜ୍ ହୋଇଛି। ଫିଲ୍ମର ପ୍ରଥମ ଲୁକ୍ ପ୍ରଶଂସକଙ୍କ ଉତ୍ସାହକୁ ବଢ଼ାଇ ଦେଇଛି। ନିର୍ମାତା ଫିଲ୍ମର ମୁକ୍ତି ତାରିଖ ମଧ୍ୟ ଘୋଷଣା କରିଛନ୍ତି। ୨୦୨୭ ମେ’ ୧୪ ତାରିଖରେ ଫିଲ୍ମ ରିଲିଜ୍ ହେବ।

ଫିଲ୍ମର ପ୍ରଥମ ଲୁକ୍ ପୋଷ୍ଟରରେ ରାଜକୁମାର ରାଓ ୨୦୦୨ ମସିହାରେ ଇଂଲଣ୍ଡ ବିପକ୍ଷରେ ନାଟୱେଷ୍ଟ ଟ୍ରଫି ଜିତିବା ପରେ ଲର୍ଡସ୍ ବାଲକୋନିରୁ ସୌରଭ ଗାଙ୍ଗୁଲିଙ୍କ ଜର୍ସି ହଲାଇବାର ଐତିହାସିକ ମୁହୂର୍ତ୍ତକୁ ଦେଖାଯାଇଛି। ଏହି ମୁହୂର୍ତ୍ତକୁ ଭାରତୀୟ କ୍ରିକେଟର ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଏହା ଗାଙ୍ଗୁଲିଙ୍କ ଅଧିନାୟକତ୍ୱରେ ଭାରତୀୟ କ୍ରିକେଟ ପାଇଁ ଏକ ନୂଆ ଯୁଗର ଆରମ୍ଭର ପ୍ରତୀକ ଥିଲା। ଏବେ ବି ଏହାକୁ ଆତ୍ମବିଶ୍ୱାସ, ଉତ୍ସାହ ଉଦାହରଣ ବୋଲି କୁହାଯାଏ।

‘ଦାଦା – ସୌରଭ ଗାଙ୍ଗୁଲି ଷ୍ଟୋରୀ’ ହେଉଛି ଜଣେ ବ୍ୟକ୍ତିଙ୍କ ପ୍ରେରଣାଦାୟକ କାହାଣୀ ଯିଏ କେବଳ କ୍ରିକେଟ୍ ଖେଳି ନଥିଲେ ବରଂ ଭାରତୀୟ କ୍ରିକେଟ୍ର ଚିତ୍ର ବଦଳାଇ ଦେଇଥିଲେ। ଏହି ଚଳଚ୍ଚିତ୍ରଟି ଜଣେ ପ୍ରତିଭାଶାଳୀ ଯୁବ କ୍ରିକେଟ୍ ଖେଳାଳିରୁ ଭାରତର ସବୁଠାରୁ ପ୍ରଭାବଶାଳୀ ଅଧିନାୟକ ହେବା ପର୍ଯ୍ୟନ୍ତ ଯାତ୍ରାକୁ ଦେଖିବେ ଦର୍ଶକ। ଯାହା ତାଙ୍କ ସଂଘର୍ଷ ଏବଂ ଦୃଢ଼ ନିଷ୍ପତ୍ତି ସାମ୍ନାକୁ ଆଣିବ ଏବଂ ସମ୍ପୂର୍ଣ୍ଣ ପିଢ଼ିକୁ ପ୍ରେରଣା ଦେଇଥିଲା। ପୂର୍ବତନ ଟିମ୍ ଇଣ୍ଡିଆ ଅଧିନାୟକ ତଥା ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କ କ୍ରିକେଟ୍ କ୍ୟାରିୟର କଥା କହିବାକୁ ଗଲେ ସେ, ୪୨୪ ଇଣ୍ଟରନ୍ୟାସନାଲ ମ୍ୟାଚ୍ ଖେଳିଛନ୍ତି। ୧୮, ୫୭୫ ରନ୍ କରିଛନ୍ତି। ୩୮ଟି ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି। ତାଙ୍କୁ ଭାରତୀୟ କ୍ରିକେଟର ‘ଦାଦା’ ବୋଲି କୁହାଯାଏ।




# ୨୩ ବର୍ଷର ପ୍ରତୀକ୍ଷାର ଅନ୍ତ : ଶ୍ରୀଲଙ୍କା ବିପକ୍ଷରେ ଟେଷ୍ଟ ସିରିଜ୍ ଜିତିଲା ୱେଷ୍ଟଇଣ୍ଡିଜ୍

**ନର୍ଥସାଉଣ୍ଡ**

ୱେଷ୍ଟଇଣ୍ଡିଜ୍ ଏବଂ ଶ୍ରୀଲଙ୍କା ମଧ୍ୟରେ ଭିଭିଆନ୍ ରିଚାର୍ଡସ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଡ୍ର’ ଭାବେ ଶେଷ ହୋଇଛି। ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ନିଜର ଦ୍ୱିତୀୟ ପାଳିରେ ୯ ୱିକେଟ୍ ହରାଇ ୨୫୧ ରନ୍ କରିବା ପରେ ପାଳି ସମାପ୍ତି ଘୋଷଣା କରିଥିଲା ଏବଂ ୱେଷ୍ଟଇଣ୍ଡିଜ୍ ସାମ୍ନାରେ ଜିତିବା ପାଇଁ ୩୦୨ ରନ୍‌ର ବିଜୟ ଲକ୍ଷ୍ୟ ରଖିଥିଲା। ୱେଷ୍ଟଇଣ୍ଡିଜ୍ ନିଜର ଦ୍ୱିତୀୟ ଇନିଂସରେ କୌଣସି ୱିକେଟ୍ ନହରାଇ ୧୦୯ ରନ୍ କରିଥିଲା ଏବଂ ମ୍ୟାଚ୍‌ଟି ଡ୍ର’ ରହିଥିଲା।

ଦ୍ୱିତୀୟ ଟେଷ୍ଟ ଡ୍ର’ ଭାବରେ ଶେଷ ହେବା ସହ ୱେଷ୍ଟଇଣ୍ଡିଜ୍ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୧-୦ରେ ନିଜ ନାମରେ କରିନେଇଛି। ୱେଷ୍ଟଇଣ୍ଡିଜ୍ ଦୀର୍ଘ ୨୩ ବର୍ଷ ପରେ ଶ୍ରୀଲଙ୍କା ବିପକ୍ଷରେ କୌଣସି ଟେଷ୍ଟ ସିରିଜ୍ ଜିତିଛି। ଏହାସମେତ ଗତ ୩ ବର୍ଷ ୫ ମାସ ମଧ୍ୟରେ କ୍ୟାରିବିଆନ୍ ଦଳର ଏହା ପ୍ରଥମ ଟେଷ୍ଟ ସିରିଜ୍ ବିଜୟ ଅଟେ।

ଦ୍ୱିତୀୟ ପାଳିରେ ଜନ୍ କ୍ୟାମ୍ପବେଲ୍ ଏବଂ ବ୍ରାଣ୍ଡନ କିଙ୍ଗ୍ ୱେଷ୍ଟଇଣ୍ଡିଜ୍‌କୁ ଏକ ଚମତ୍କାର ଆରମ୍ଭ ଦେଇଥିଲେ। ଉଭୟ ବ୍ୟାଟ୍ସମ୍ୟାନ୍ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। କ୍ୟାମ୍ପବେଲ୍ ୧୧୩ଟି ବଲ୍‌ର ସାମ୍ନା କରି ୫୧ ରନ୍ କରି ଅପରାଜିତ ରହିଥିବା ବେଳେ, କିଙ୍ଗ୍ ୫ଟି ଚୌକା ଏବଂ ଗୋଟିଏ ଛକା ସହାୟତାରେ ୫୧ ରନ୍ କରି ନଟ୍‌ଆଉଟ୍ ରହିଥିଲେ। ଏହାପୂର୍ବରୁ ଶ୍ରୀଲଙ୍କା ନିଜର ଦ୍ୱିତୀୟ ପାଳିରେ ୯ଟି ୱିକେଟ୍ ହରାଇ ୨୫୧ ରନ୍ କରିବା ପରେ ପାଳି ଘୋଷଣା କରିଥିଲା।

ଦଳ ପକ୍ଷରୁ ଦିନେଶ ଚାନ୍ଦିମଲ୍ ଚମତ୍କାର ବ୍ୟାଟିଂ କରି ୧୦୭ଟି ବଲ୍‌ର ସାମ୍ନା କରି ୭୧ ରନ୍‌ର ଏକ




ଦମଦାର ପାଳି ଖେଳିଥିଲେ। ସମପରି କାମିନ୍ଦୁ ମେଣ୍ଡିସ୍ ୫୮ଟି ବଲ୍‌ରେ ୪୪ ରନ୍ କରିଥିଲେ। ସୋନାଲ୍ ଦିନୁଶା ୨୮ ରନ୍ ଏବଂ ଧନଞ୍ଜୟ ଡି’ ସିଲଭା ୩୪ ରନ୍‌ର ଯୋଗଦାନ ଦେଇଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ବୋଲିଂରେ ଅଲଜାରୀ ଜୋସେଫ୍ ୨ଟି ୱିକେଟ୍ ଅଖତିଆର କରିଥିବା ବେଳେ, ଶେମାର୍ ଜୋସେଫ୍, ରୋଷ୍ଟନ୍ ଚେଜ୍ ଏବଂ ଜେଡନ୍ ସିଲ୍ସ ଗୋଟିଏ ଲେଖାଏଁ ୱିକେଟ୍ ନେବାରେ ସଫଳ ହୋଇଥିଲେ।

ଶ୍ରୀଲଙ୍କା ନିଜର ପ୍ରଥମ ଇନିଂସରେ ୯ଟି ୱିକେଟ୍ ହରାଇ ୫୪୯ ରନ୍ କରିବା ପରେ ନିଜର ପ୍ରଥମ ପାଳି ଘୋଷଣା କରିଥିଲା। ଦଳ ପକ୍ଷରୁ ଲାହିରୁ ଉଦାରା ଚମତ୍କାର ବ୍ୟାଟିଂ କରି ୧୮୮ ରନ୍‌ର ଏକ ଉନ୍ନତ ପାଳି ଖେଳିଥିବା ବେଳେ, ସୋନାଲ୍ ୯୨ ରନ୍ ଏବଂ କାମିନ୍ଦୁ ମେଣ୍ଡିସ୍ ୮୪ ରନ୍‌ର ଯୋଗଦାନ ଦେଇଥିଲେ। ଏହାର ଜବାବରେ ୱେଷ୍ଟଇଣ୍ଡିଜ୍‌ର ସମ୍ପୂର୍ଣ୍ଣ ଦଳ ପ୍ରଥମ ପାଳିରେ ୪୯୯ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

କ୍ୟାରିବିଆନ୍ ଦଳ ପକ୍ଷରୁ ଅଧିନାୟକ ଶାଇ ହୋପ୍ ଏବଂ ଜଷ୍ଟିନ୍ ଗ୍ରୀଭ୍ସ ଶତକୀୟ ପାଳି ଖେଳିଥିଲେ। ହୋପ୍ ୧୧୨ ରନ୍ କରିଥିବା ବେଳେ, ଗ୍ରୀଭ୍ସ ୧୮୦ ରନ୍ କରି ପ୍ରଭାତ ଜୟସୂର୍ଯ୍ୟାଙ୍କ ଶିକାର ହୋଇଥିଲେ। ସେହିପରି କ୍ୟାମ୍ପବେଲ୍ ୭୨ ରନ୍‌ର ଯୋଗଦାନ କରିଥିଲେ। ଏହି ପରି ପ୍ରଥମ ଇନିଂସ ଆଧାରରେ ଶ୍ରୀଲଙ୍କା ୫୦ ରନ୍‌ର ଅଗ୍ରଣୀ ହାସଲ କରିଥିଲା। ପ୍ରଥମ ଟେଷ୍ଟ ମ୍ୟାଚ୍‌କୁ ୱେଷ୍ଟଇଣ୍ଡିଜ୍ ଏକ ପାଳି ଏବଂ ୨୧୭ ରନ୍‌ରେ ନିଜ ନାମରେ କରିଥିଲା।

ୱେଷ୍ଟଇଣ୍ଡିଜ୍‌କୁ ୧-୦ରେ ଟେଷ୍ଟ ସିରିଜ୍ ଜିତିବା ସହ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ୨୦୨୫-୨୭ ମାନ୍ୟତାରେ ଚାରି ପଏଣ୍ଟ ମଧ୍ୟ ପାଇଛି। ଶ୍ରୀଲଙ୍କାକୁ ମଧ୍ୟ ଏହି ଡ୍ର’ ମ୍ୟାଚ୍ ପାଇଁ ଚାରୋଟି ଗୁରୁତ୍ୱପୂର୍ଣ୍ଣ ପଏଣ୍ଟ ମିଳିଛି। ତେବେ ଏହି ପଏଣ୍ଟ ଦ୍ୱାରା ଉଭୟ ଦଳର ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନାହିଁ।

# ଫିଫା ବିଶ୍ୱକପ୍ କ୍ୱାର୍ଟର ଫାଇନାଲ : ମୁହାଁମୁହିଁ ହେବେ ୮ ଶକ୍ତିଶାଳୀ ଦଳ

**ନୂଆଦିଲ୍ଲୀ**

ଫିଫା ବିଶ୍ୱକପ୍ ୨୦୨୬ର ପ୍ରି-କ୍ୱାର୍ଟର ଫାଇନାଲ୍ ରାଉଣ୍ଡ ଶେଷ ହୋଇଛି। ବୁଧବାର ପ୍ରି-କ୍ୱାର୍ଟର ଫାଇନାଲ୍‌ର ଶେଷ ମ୍ୟାଚ୍ ସ୍ୱିଜରଲାଣ୍ଡ ଏବଂ କଲୋମ୍ବିଆ ମଧ୍ୟରେ ଖେଳାଯାଇଥିଲା। ୪୮ଟି ଦଳକୁ ନେଇ ଖେଳା ଯାଉଥିବା ଏହି ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟରୁ ୪୦ଟି ଦଳ ବାଦ୍ ପଡ଼ିଛନ୍ତି ଏବଂ ବର୍ତ୍ତମାନ କେବେଳ ୮ଟି ଦଳ ବିଶ୍ୱକପ୍ ଟାଇଟଲ୍ ଦୌଡ଼ରେ ରହିଛନ୍ତି। ପ୍ରି-କ୍ୱାର୍ଟର ଫାଇନାଲ୍ ରାଉଣ୍ଡରେ ପର୍ତ୍ତୁଗାଲ୍, କାନାଡା, ପାରାଗୁଏ, ବ୍ରାଜିଲ୍, ମେକ୍ସିକୋ, ଆମେରିକା, ଇଜିପ୍ଟ ଓ କଲୋମ୍ବିଆର ଯାତ୍ରା ସମାପ୍ତ ହୋଇଯାଇଛି।

ଫିଫା ବିଶ୍ୱକପ୍ ୨୦୨୬ କ୍ୱାର୍ଟର ଫାଇନାଲରେ ୮ଟି ଦଳ ପହଞ୍ଚିଛନ୍ତି। ଏଥିରେ ମରକ୍କୋ, ଫ୍ରାନ୍ସ, ଆର୍ଜେଣ୍ଟିନା, ସ୍ୱିଜରଲ୍ୟାଣ୍ଡ, ସ୍ପେନ, ନରୱେ, ବେଲଜିୟମ୍ ଓ ଇଂଲଣ୍ଡ ସାମିଲ ଅଛନ୍ତି। ୯ ଜୁଲାଇରୁ କ୍ୱାର୍ଟର ଫାଇନାଲ୍ ରାଉଣ୍ଡ ଆରମ୍ଭ ହେବାକୁ ଯାଉଛି। ତେବେ ଏହି ମ୍ୟାଚ୍ ଯେତେବେଳେ ଆରମ୍ଭ ହେବ, ସେତେବେଳେ ଭାରତରେ ୧୦ ଜୁଲାଇ ହୋଇସାରିଥିବ। ଫ୍ରାନ୍ସ ଏବଂ ମରକ୍କୋ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ବୋଷ୍ଟନଠାରେ ଖେଳାଯିବ।

ବିଶ୍ୱକପ୍ କ୍ୱାର୍ଟର ଫାଇନାଲର ପୂରା ସୂଚୀ : ଫ୍ରାନ୍ସ ବନାମ ମରକ୍କୋ (୧୦ ଜୁଲାଇ, ଅପରାହ୍ଣ ୧:୩୦) – ଫିଫା ବିଶ୍ୱକପ୍ ୨୦୨୬ର ପ୍ରଥମ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ୟୁରୋପର ଅନ୍ୟତମ ସର୍ବଶ୍ରେଷ୍ଠ ଦଳ ଫ୍ରାନ୍ସର ସାମ୍ନା ମରକ୍କୋ ସହ ହେବ। ଏହି ମ୍ୟାଚ୍ ଭାରତୀୟ ସମୟ ଅନୁସାରେ ୧୦ ଜୁଲାଇରେ ଖେଳାଯିବ। ଫ୍ରାନ୍ସ ଟୁର୍ଣ୍ଣାମେଣ୍ଟର ଅନ୍ୟତମ ଶକ୍ତିଶାଳୀ ଦଳ ଭାବେ ଉଭା ହୋଇଛି, କିନ୍ତୁ ମରକ୍କୋ ମଧ୍ୟ ଚମତ୍କାର ଖେଳ ପ୍ରଦର୍ଶନ କରି ସମସ୍ତଙ୍କୁ ଚକିତ କରି କ୍ୱାର୍ଟର ଫାଇନାଲରେ ପହଞ୍ଚିଛି।

ସ୍ପେନ ବନାମ ବେଲଜିୟମ୍ (୧୧ ଜୁଲାଇ, ଅପରାହ୍ଣ ୧୨:୩୦) – ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ସ୍ପେନ ଏବଂ ବେଲଜିୟମ୍ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍ ଭାରତୀୟ ସମୟ ଅନୁସାରେ ୧୧ ଜୁଲାଇରେ ଖେଳାଯିବ। ସ୍ପେନ ୨୦୧୦ ଫିଫା ବିଶ୍ୱକପ୍ ଜିତିଥିଲା, କିନ୍ତୁ ଏହାପରେ ଦଳ ସେଭଳି ପ୍ରଦର୍ଶନର ପୁନରାବୃତ୍ତି କରିପାରି ନାହିଁ।

ନରୱେ ବନାମ ଇଂଲଣ୍ଡ (୧୨ ଜୁଲାଇ, ଅପରାହ୍ଣ ୨:୩୦) – ଫିଫା ବିଶ୍ୱକପ୍ ୨୦୨୬ର ତୃତୀୟ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ନରୱେ ବନାମ ଇଂଲଣ୍ଡ ମଧ୍ୟରେ ଖେଳାଯିବ। ନରୱେ ଦଳ ରାଉଣ୍ଡ-୧୬ ମ୍ୟାଚ୍‌ରେ ୫ ଥରର ଚାମ୍ପିଅନ ବ୍ରାଜିଲ୍‌କୁ ୨-୧ ରେ ହରାଇ ବିଶ୍ୱକପ୍ ଇତିହାସରେ ପ୍ରଥମ ଥର ପାଇଁ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛି। ଅନ୍ୟପଟେ ଆୟୋଜକ ମେକ୍ସିକୋ ବିପକ୍ଷରେ ଏକ ରୋମାଞ୍ଚକର ମୁକାବିଲାରେ ୩-୨ରେ ବିଜୟ ହାସଲ କରି ଇଂଲଣ୍ଡ କ୍ୱାର୍ଟର ଫାଇନାଲ୍ ପହଞ୍ଚିଛି।

ଆର୍ଜେଣ୍ଟିନା ବନାମ ସ୍ୱିଜରଲାଣ୍ଡ (୧୨ ଜୁଲାଇ, ସକାଳ ୬:୩୦) – ଆର୍ଜେଣ୍ଟିନା ଫିଫା ବିଶ୍ୱକପ୍ ୨୦୨୬ର ଶେଷ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ସ୍ୱିଜରଲାଣ୍ଡର ସାମ୍ନା କରିବ। ଆର୍ଜେଣ୍ଟିନା ଦଳ ମିଶର ବିପକ୍ଷରେ ବିଜୟ ହାସଲ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଅନ୍ୟପଟେ ସ୍ୱିଜରଲାଣ୍ଡ ଦଳ ଏକ ବଡ଼ ବିପର୍ଯ୍ୟୟ ଘଟାଇ କଲୋମ୍ବିଆକୁ ପେନାଲ୍ଟି ସୁଟଆଉଟ୍‌ରେ ୪-୩ ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

# ଶ୍ରେୟସ ଆୟରଙ୍କ ମୁଣ୍ଡରେ କଳଙ୍କ : ପ୍ରଥମ ଥର ଟିମ୍ ଇଣ୍ଡିଆରେ ଯୋଡ଼ି ହେଲା ଲଜ୍ଜାଜନକ ରେକର୍ଡ

**ନୂଆଦିଲ୍ଲୀ**

ପୁଣି ଲଜ୍ଜିତ କରିଛି ଶ୍ରେୟସ ବାହିନୀ। ଟି-ଟ୍ୱେଣ୍ଟିରେ ଭାରତର ସବୁଠୁ ବଡ଼ ପରାଜୟ ହୋଇଛି। ସୂର୍ଯ୍ୟକୁମାରଙ୍କୁ କ୍ୟାପ୍ଟେନ୍ସିଂରୁ ହଟାଇବା ପରେ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଆୟର୍ଲାଣ୍ଡ ବିପକ୍ଷରେ ଟି-ଟ୍ୱେଣ୍ଟି ସିରିଜ୍ ଖେଳିଥିଲା ଭାରତ। ୨-୦ରେ ହାରିଥିଲା। ଏହାପରେ ଇଂଲଣ୍ଡ ବିପକ୍ଷ ଟି-ଟ୍ୱେଣ୍ଟି ସିରିଜ୍‌ରେ ଭାରତର ଅବସ୍ଥା ଶୋଚନୀୟ ହୋଇଛି। ପ୍ରଥମ ମ୍ୟାଚ୍ ବାତିଲ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ୪ ୱିକେଟରେ ଜିତିଥିଲା ଇଂଲଣ୍ଡ। ମଙ୍ଗଳବାର ଖେଳାଯାଇଥିବା ତୃତୀୟ ଟି-ଟ୍ୱେଣ୍ଟିରେ ଭାରତ ଶୋଚନୀୟ ଭାବେ ହାରିଛି। ମାତ୍ର ୭୦ ବଲ୍ ଖେଳି ୭୬ ରନରେ ଅଲଆଉଟ୍ ହୋଇଥିଲା ଟିମ୍ ଇଣ୍ଡିଆ। ୧୨୫ ରନର ବିରାଟ ବିଜୟ ହାସଲ କରିଥିଲା ଘରୋଇ ଇଂଲଣ୍ଡ। ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆର ଏହି ପରାଜୟ ସହ ଲଜ୍ଜାଜନକ ରେକର୍ଡ ଯୋଡ଼ି ହୋଇଛି। ୨୦ ବର୍ଷ ଭିତରେ ଟିମ୍ ଇଣ୍ଡିଆ ସହିତ ଏମିତି ପ୍ରଥମ ଥର ପାଇଁ ହୋଇଛି।

ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ ଭାରତୀୟ କ୍ରିକେଟ୍ ଦଳ ବର୍ତ୍ତମାନ ଏମିତି ଫସିଛି ଯେ, କିପରି ଜିତିବେ ତାହା ବୁଝିପାରୁନାହିଁ। ତୃତୀୟ ମ୍ୟାଚ୍ ପୂର୍ବରୁ ହୋଇଥିବା ଦୁଇଟି ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ପ୍ରଥମେ ବ୍ୟାଟିଂ କରି ପ୍ରାୟ ୧୯୦ ରନ୍ କରିଥିଲା। ପ୍ରଥମ ମ୍ୟାଚ୍ ବର୍ଷା ହୋଇଥିଲା, କିନ୍ତୁ ଇଂଲଣ୍ଡ ଦ୍ୱିତୀୟ ମ୍ୟାଚ୍‌ରେ ସହଜରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ଭାରତ। ଇଂଲଣ୍ଡ ୨୦୦ରୁ ଅଧିକ ରନ୍ କରିଥିଲା। ଭାରତ ପାଳିରେ ୭୬ ରନରେ ଅଲଆଉଟ୍ ହୋଇଥିଲା। ୧୧.୪ ଓଭରରେ ଟିମ୍ ପ୍ୟାଭିଲିୟନ ଫେରିଯାଇଥିଲା।

ଗତ ୫ଟି-ଟ୍ୱେଣ୍ଟି ମ୍ୟାଚରୁ ଗୋଟିଏ ବି ଜିତିନି ଭାରତ- ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍ ଇତିହାସରେ ପୂର୍ବରୁ କେବେ ବି ଟିମ୍ ଇଣ୍ଡିଆ ଲଗାତାର ୫ଟି ମ୍ୟାଚ୍ ହାରିନାହିଁ। ୨୦୦୯ ମସିହାରେ, ଟି-୨୦ କ୍ରିକେଟ୍ ନୂଆ ଭାବେ ଆରମ୍ଭ ହୋଇଥିଲା। ଭାରତୀୟ ଦଳ ୪ଟି ମ୍ୟାଚ୍‌ରୁ ୪ଟି ହାରିଥିଲା, କିନ୍ତୁ ପରବର୍ତ୍ତୀ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ୨୦୨୧ ମସିହାରେ ପୁଣି ସମାନ ଘଟଣା ଘଟିଥିଲା। ଟିମ୍ ଇଣ୍ଡିଆ ସମସ୍ତ ୪ଟି ମ୍ୟାଚ୍ରେ ପରାସ୍ତ ହୋଇଥିଲା, କିନ୍ତୁ ତା’ପରେ ମ୍ୟାଚ୍‌ଗୁଡ଼ିକ ଜିତିଥିଲା। ବର୍ତ୍ତମାନ, ଟିମ୍ ଇଣ୍ଡିଆ ତା’ର ଶେଷ ୫ଟି ଟି-୨୦ ମ୍ୟାଚ୍‌ରେ ପରାସ୍ତ ହୋଇଛି। ତୃତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍ ହାରିବା ସହ ଭାରତ ନାଁରେ ୫ଟି ଲଜ୍ଜାଜନକ ରେକର୍ଡ ଯୋଡ଼ି ହୋଇଛି।

ପ୍ରଥମ ଥର ୫ଟି ଟି-ଟ୍ୱେଣ୍ଟି ମ୍ୟାଚ୍‌ରେ ଜିତିପାରିନାହିଁ ଭାରତ। ପ୍ରଥମ ଥର ଟି-ଟ୍ୱେଣ୍ଟିରେ ୧୦୦ରୁ ଅଧିକ ରନରେ ପରାଜୟ। ୭୬ ରନରେ ଆଉଟ୍ ହୋଇ ଟି-ଟ୍ୱେଣ୍ଟିରେ ଦ୍ୱିତୀୟ କମ୍ ସ୍କୋର। ପ୍ରଥମ ଥର ଟି-ଟ୍ୱେଣ୍ଟିରେ ପାୱାର ପ୍ଲେରେ ୫ ୱିକେଟ୍ ହରାଇଲା। ଆୟରଙ୍କ ଲଗାତାର ଟି-ଟ୍ୱେଣ୍ଟି ଅଧିନାୟକ ଭାବେ ଚତୁର୍ଥ ପରାଜୟ।

ଏହି ପରାଜୟ ଧାରା ଆୟର୍ଲାଣ୍ଡ ବିପକ୍ଷ ସିରିଜ ସହିତ ଆରମ୍ଭ ହୋଇଥିଲା। ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ଆୟର୍ଲାଣ୍ଡ ଗସ୍ତ କରିଥିଲା। ଭାରତ ସିରିଜ ଜିତିବ ବୋଲି ଆଶା କରାଯାଉଥିଲା, କିନ୍ତୁ ପ୍ରଥମ ମ୍ୟାଚ୍‌ରେ ସେମାନେ ପରାସ୍ତ ହେଲେ। ଦ୍ୱିତୀୟ ମ୍ୟାଚ୍ ବି ହାରିଲା। ଭାରତ ତୁଳନାରେ ଆୟର୍ଲାଣ୍ଡ ଦୁର୍ବଳ ଦଳ। କିନ୍ତୁ ଭାରତ ତାଠାରୁ ୨-୦ରେ ହ୍ୱାଇଟ୍‌ୱାସ୍ ହୋଇଥିଲା। ଇଂଲଣ୍ଡ ବିପକ୍ଷରେ ବି ପରାଜୟ ଧାରା ଜାରି ରହିଛି। ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱ ଏବଂ ଟିମ୍ ଇଣ୍ଡିଆର ଥିଙ୍କ୍ ଟ୍ୟାଙ୍କଙ୍କ ରଣନୀତି ଉପରେ ଏବେ ପ୍ରଶ୍ନ ଉଠିଛି।

13001/1112/2627

**କଟକ ଉନ୍ନୟନ କର୍ତ୍ତୃପକ୍ଷ**

CDA

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-7ରେ ପ୍ଲଟ୍ ନଂ-G/190 ଟିକୁ ଶ୍ରୀ ଗୋପାଳ ସେଠୀ, ପିତା-ଂ ବ୍ରଜକିଶୋର ସେଠୀ, ସା-ନିମସାହି, ପୋ-ବକ୍ସି ବଜାର, ଥା-ପୁରୀଘାଟ, ଜିଲ୍ଲା-କଟକ, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଗୋପାଳ ସେଠୀ ଉକ୍ତ ପ୍ଲଟ୍ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସବିତା ଜାନା, ସ୍ୱାମୀ-ବୈଦ୍ୟନାଥ ଜାନା, ସା-ବିଜୟ ଛକ, ପୋ-ଭୁତ, ଥା-ଦାସପୁର, ଜିଲ୍ଲା-ୱେଷ୍ଟ, ମେଦିନୀପୁର, ରାଜ୍ୟ-ୱେଷ୍ଟବେଙ୍ଗଲଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13001/13037/1/26-27/0068 ସ୍ୱା/- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)

13001/1119/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
R.W. (P.H) DIVISION, BHUBANESWAR
BEHIND ESPLANADE MALL PO: RASULGARH, BHUBANESWAR, 751010
TEL-(0674)2301801, E-MAIL: EERWPHDIVN BBSR@REDIFFMAIL.COM

**e-Procurement Notice for SI,SD AND WS to Building works**
**e Procurement Notice No. 09/2026-27**

The Superintending Engineer, RW (PH) Division, Bhubaneswar on behalf of Governor of Odisha invites percentage rate bids in **single cover** system through e-procurement for different work as per Annexure. The bid should be submitted on-line in the website www.tenderorissa.gov.in by eligible class of contractors of Government of Odisha or of equivalent class of other State Government / Railways/CPWD/MES. The bidders should have the necessary Portal Enrolment (With his own Digital Signature certificate)

| | |
|---|---|
| Name of the work | SI,SD AND WS to Building Works. (As per Annexure-1) |
| Estimated cost | Rs 5.37 lakhs to 17.13 Lakhs (approximately) |
| No. of Works | 32 (Thirty Two) Nos. |
| Tender Paper Cost | Rs. 4000.00 to Rs 6000.00 (Non-refundable) |
| Class of Contractors | 'D' and C |
| Date and Time of Availability of Bid document in portal | Dt. 13.07.2026 from 11.00 A.M. |
| Date of seeking clarification | During office hours from dt. 13.07.2026 to 21.07.2026. |
| Last date and time of receipt of Bids through online | Dt. 22.07.2026 upto 05.00 P.M. |
| Opening of Bid document | Dt. 23.07.2026 at 11.00 A.M. |
| Digital signature certificate | The bidder must possess a compatible digital signature certificate |

Further details can be seen in the bidding documents which is available in the e-procurement portal, subsequent corrigendum if required shall be appeared in the web site. Authority reserves the right to reject any or all tenders without assigning any reason thereof.

Sd/- (Er. Debashis Soren)
Executive Engineer
R.W (P.H) Division, Bhubaneswar

OIPR-13001/13051/1/26-27/0001

# ଆଇସିସି ବୋର୍ଡକୁ ନିର୍ବାଚିତ ହେଲେ ପଲାନି, ଉସ୍‌ମାନି, ରୁଡ଼ି

**ନୂଆଦିଲ୍ଲୀ**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ସହଯୋଗୀ ସଦସ୍ୟ ନିର୍ଦ୍ଦେଶକ ଭାବେ ଗୁରୁମୂର୍ତ୍ତି ପଲାନି, ମୁବାସିର ଉସ୍‌ମାନି ଓ ରୁଡି ଭାନ୍ ଭୁରେନ୍ ନିର୍ବାଚିତ ହୋଇଛନ୍ତି। ତେବେ ଅଭିଜ୍ଞ ପ୍ରଶାସକ ଇମ୍ରାନ ଖୱାଜା ଆଶ୍ଚର୍ଯ୍ୟଜନକ ଭାବେ ପରାଜୟର ସମ୍ମୁଖୀନ ହୋଇଛନ୍ତି। ବୁଧବାର ଏଡିନ୍‌ବର୍ଗରେ ଆଇସିସି ବାର୍ଷିକ ସମ୍ମିଳନୀ ଅବସରରେ ଏହି ନିର୍ବାଚନ ହୋଇଥିଲା। ପଲାନି ୩୫, ଉସ୍‌ମାନି ଓ ଭୁରେନ୍ ୨୬ ଲେଖାଏଁ ପାଇଥିଲା ବେଳେ ଅନ୍ୟ ଦୁଇ ପ୍ରାର୍ଥୀ ଖୱାଜା ୨୩ ଓ ମହିନ୍ଦା ଭାଲିପୁରମ ୧୯ ଭୋଟ ପାଇ ଥିଲେ। ପଲାନି ଓ ଭୁରେନ ପ୍ରଥମ ଥର ପାଇଁ ୧୭ ସଦସ୍ୟ ବିଶିଷ୍ଟ ବୋର୍ଡରେ ପ୍ରବେଶ କରିଥିଲା ବେଳେ ବର୍ତ୍ତମାନର ଡେପୁଟି ଚେୟାରମ୍ୟାନ୍ ଖୱାଜାଙ୍କ ପରାଜୟ ସମସ୍ତଙ୍କୁ ବିସ୍ମିତ କରିଛି। ରବିବାର ଲର୍ଡସରେ ଆୟୋଜିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଫାଇନାଲ୍‌ରେ ଆଇସିସି ଅଧ୍ୟକ୍ଷ ଜୟ ଶାହଙ୍କ ସହ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏହାପରେ ବାର୍ଷିକ ସମ୍ମିଳନୀ ପାଇଁ ସ୍କଟଲାଣ୍ଡ ଗସ୍ତ କରିଥିଲେ।


# ମଛୁଆ ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କଲା ଏଫଏମୟୁ

**ବାଲେଶ୍ୱର, ନ୍ୟୁଜ୍**

ବନ ମହୋତ୍ସବ ସପ୍ତାହ ପାଳନ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଛୁଆ ଗ୍ରାମରେ ଏକ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଭାରତ ସରକାରଙ୍କ ‘ଉନ୍ନତ ଭାରତ ଅଭିଯାନ’ ଅଧୀନରେ ମଛୁଆ ଗ୍ରାମକୁ ବିଶ୍ୱବିଦ୍ୟାଳୟର ତୃତୀୟ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରାଯାଇଛି। ଏହାପୂର୍ବରୁ ବିଶ୍ୱବିଦ୍ୟାଳୟ ନୂଆପାଢ଼ୀ ଓ ମର୍ଦ୍ଦରାଜପୁର ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିଅଛି। ମଛୁଆ ଗ୍ରାମକୁ ସାମିଲ କରିବା ଫଳରେ ସ୍ଥାୟୀ ଗ୍ରାମୀଣ ବିକାଶ ଓ ସମାଜ ସହ ବିଶ୍ୱବିଦ୍ୟାଳୟର ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ଉତ୍କର୍ଷ ସହ ସାମାଜିକ ଦାୟିତ୍ୱବୋଧକୁ ସମାନ ଗୁରୁତ୍ୱ



ଦେବାର ଦୃଷ୍ଟିଭଙ୍ଗୀକୁ ବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ, ନିକଟ ଭବିଷ୍ୟତରେ ‘ଉନ୍ନତ ଭାରତ ଅଭିଯାନ’ ଅଧୀନରେ ଆଉ ଦୁଇଟି ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରି ସେଠାରେ ବିକାଶମୂଳକ କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରାଯିବ ଏବଂ ବିଶ୍ୱବିଦ୍ୟାଳୟ-ସମାଜ ସହଭାଗିତାକୁ ଆହୁରି ସୁଦୃଢ଼ କରାଯିବ। ମଛୁଆ ଗ୍ରାମର ସରପଞ୍ଚ ଓ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ, ସ୍ୱେଚ୍ଛାସେବୀ ଏବଂ ଗ୍ରାମବାସୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଗ୍ରାମର ବିଭିନ୍ନ ସ୍ଥାନରେ ଜାମୁ, ବେଲ, ନିମ୍ବ, କରଞ୍ଜ ଓ ପଣସ ପ୍ରଭୃତି ପରିବେଶ ଉପଯୋଗୀ ଏବଂ ଦେଶଜ ପ୍ରଜାତିର ସର୍ବମୋଟ ୧୨୦ଟି ଚାରାରୋପଣ କରାଯାଇଥିଲା। ପ୍ରତ୍ୟେକ ଚାରାର ସୁରକ୍ଷା ଓ ସୁସ୍ଥ ବିକାଶ ନିମନ୍ତେ ଧାତବ ସୁରକ୍ଷା ବେଷ୍ଟନୀ ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା, ଜାତୀୟ ସେବା ଯୋଜନାର ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ପ୍ରତିମା ପ୍ରଧାନ ଓ ସ୍ୱେଚ୍ଛାସେବୀମାନଙ୍କ ସମନ୍ୱୟରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା। ପରିବେଶ ସଂରକ୍ଷଣ, ଗ୍ରାମୀଣ ସଶକ୍ତୀକରଣ ଏବଂ ସ୍ଥାୟୀ ବିକାଶ ପ୍ରତି ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରୟାସର, ଏହି କାର୍ଯ୍ୟକ୍ରମ ଏକ ଉଜ୍ଜ୍ୱଳ ନିଦର୍ଶନ। ଏଥିସହିତ ସାମାଜିକ ସହଭାଗିତା ମାଧ୍ୟମରେ ସବୁଜ, ସମୃଦ୍ଧ ଓ ସମାବେଶୀ ଭବିଷ୍ୟତ ଗଠନ କରିବା ଦିଗରେ ବିଶ୍ୱବିଦ୍ୟାଳୟ ନିରନ୍ତର କାର୍ଯ୍ୟ କରିଆସୁଛି।





# ୯ ମାସ ମଧ୍ୟରେ ୨୨୦୦ ସ୍ଥାପିତ ହେବ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ମାର୍ଚ୍ଚ ୨୦୨୭ ମଧ୍ୟରେ ରାଜ୍ୟରେ ୨୨୦୦ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହେବ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ତେବେ ଚଳିତ ବର୍ଷ ଏହି ଯୋଜନାରେ ଅନୁଦିତ ଅର୍ଥ ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ ହୋଇନଥିବାରୁ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବୈଠକରୁ ମିଳିଥିବା ସୂଚନାନୁସାରେ, ଚଳିତ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପ ପାଇଁ ସରକାର ପ୍ରାୟ ୨୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସ୍ଥା କରିଛନ୍ତି, ଯେଉଁଠାରେ କି ପ୍ରଥମ ବଜେଟ୍‌ରେ ମାତ୍ର ୫୦ କୋଟି ଟଙ୍କାର ପ୍ରାବଧାନ ରହିଥିଲା। ତେବେ ବିଦ୍ୟାଳୟ ନିର୍ମାଣ ପାଇଁ ଜମି ଚିହ୍ନଟ ପ୍ରକ୍ରିୟାରେ ବିଳମ୍ବ ହେଉଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୈଠକରେ ବିରକ୍ତି ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଜମି ପାଇବାରେ କିଛି ସମସ୍ୟା ଥାଇପାରେ, କିନ୍ତୁ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକରେ ଜମି ମିଳିବାରେ କୌଣସି ଅସୁବିଧା ହେବା କଥା ନୁହେଁ। ମେଗା କ୍ୟାମ୍ପସ ନିର୍ମାଣ ପାଇଁ ୫ ଏକର ଜମିର ଆବଶ୍ୟକତା ରହିଛି ଏବଂ ପଞ୍ଚାୟତ ମଧ୍ୟରେ ଗ୍ରୀନ ଫିଲ୍ଡ ପ୍ରକଳ୍ପ ପାଇଁ ୫ ଏକର ଜମି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଯେଉଁ ବିଦ୍ୟାଳୟଗୁଡ଼ିକରେ ୫ ଏକରରୁ କମ୍ ଜମି ଥିବ, ସେଠାରେ ବିଦ୍ୟାଳୟକୁ ଲାଗି ରହିଥିବା ସରକାରୀ କିମ୍ବା ବେସରକାରୀ ଜମିକୁ କିଣାଯାଇ ବ୍ୟବହାର କରାଯାଇପାରିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ କହିଛନ୍ତି ଯେ, ଏହି ପ୍ରକଳ୍ପର ସଫଳତା ପାଇଁ ଜିଲ୍ଲାପାଳମାନଙ୍କ ଆନ୍ତରିକତା ଓ ସହଯୋଗ ଏକାନ୍ତ ଜରୁରୀ। ସମସ୍ତେ ଏହାକୁ ଗୁରୁତ୍ୱର ସହ ନେଇ ଧାର୍ଯ୍ୟ ଟାର୍ଗେଟ୍ ସମ୍ପୂର୍ଣ୍ଣ କରନ୍ତୁ। ଯଦି ପ୍ରଶାସନ ଗମ୍ଭୀରତାର ସହ କାମ କରେ, ତେବେ ୨୨୦୦ ବିଦ୍ୟାଳୟ ଖୁବ୍ ଶୀଘ୍ର ନିର୍ମାଣ ହୋଇପାରିବ। ରାଜ୍ୟରେ ସମୁଦାୟ ପ୍ରାୟ ୭୦୦୦ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବାର ଲକ୍ଷ୍ୟ ରହିଛି। ପ୍ରଥମ ପର୍ଯ୍ୟାୟରେ ମାର୍ଚ୍ଚ ୨୦ ରକ୍ଷଭଙ୍ଗ ସୁଦ୍ଧା ୨୨୦୦ ସ୍କୁଲ୍ ନିର୍ମାଣ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ସମୟସୀମା ଧାର୍ଯ୍ୟ କରିଛନ୍ତି।

କାର୍ଯ୍ୟର ଅଗ୍ରଗତି ପାଇଁ ଜିଲ୍ଲାପାଳମାନେ ପ୍ରତି ସପ୍ତାହରେ ଏହାର ତଦାରଖ କରିବେ ଏବଂ ଏକ ସାପ୍ତାହିକ ରିପୋର୍ଟ ପ୍ରସ୍ତୁତ କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବଙ୍କୁ ପ୍ରଦାନ କରିବେ। ଏହା ସହିତ ମୁଖ୍ୟମନ୍ତ୍ରୀ ନିଜେ ପ୍ରତି ମାସରେ ଏହି ପ୍ରକଳ୍ପର ସମୀକ୍ଷା କରିବେ। ଆବଶ୍ୟକ ସ୍ଥଳେ ସ୍ଥାନୀୟ ଜମି ସମସ୍ୟା ସମାଧାନ ପାଇଁ ସମ୍ପୃକ୍ତ ଅଞ୍ଚଳର ବିଧାୟକମାନଙ୍କ ସାହାଯ୍ୟ ଲୋଡ଼ିବାକୁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି କେ ସିଂ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ଏନ୍. ତିରୁମାଲା ଏବଂ ଓସେପାର ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କାଳିଆ ଦୁଆରେ ପଞ୍ଚମ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀର ପୋଷ୍ଟର ଉନ୍ମୋଚିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ନବିନ (ନୂତନ ଭବିଷ୍ୟତ ନିର୍ମାଣର ସୂତ୍ରଧର ) ଟ୍ରଷ୍ଟ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ଆୟୋଜିତ ହେଉଥିବା ରାଜ୍ୟ ସ୍ତରୀୟ ପ୍ରଦର୍ଶନୀ ନିମନ୍ତେ ଆଗ୍ରହୀ ଫଟୋଗ୍ରାଫରଙ୍କ ଠାରୁ ଫଟୋ ଆମନ୍ତ୍ରଣର ଶୁଭାରମ୍ଭ ମହାପ୍ରଭୁ ଜଗନ୍ନାଥଙ୍କ ସିଂହ ଦ୍ୱାର ସମ୍ମୁଖରେ ହୋଇଯାଇଛି। ପୁରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଟ୍ରଷ୍ଟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାସ ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିଙ୍କ କରକମଳରେ ଆଜି ସନ୍ଧ୍ୟାରେ ଏହା ଉନ୍ମୋଚିତ ହୋଇଯାଇଛି। ବିଗତ ଚାରି ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏହି ରାଜ୍ୟସ୍ତରୀୟ ପ୍ରଦର୍ଶନୀ ନିମନ୍ତେ ରାଜ୍ୟର ସମସ୍ତ ଫଟୋଗ୍ରାଫର ଙ୍କ ନିକଟରୁ ଏହି ପଞ୍ଚମ ସଂସ୍କରଣ ନିମନ୍ତେ ୪ଟି ଥିମ୍ (୧- ଆଡ୍ଡୁଆଳରେ ରହିଥିବା ଐତିହ୍ୟରାଜି, ୨-ଶାରୀରିକ ଅକ୍ଷମ ଏକ ବୋଝ ନୁହେଁ ସମ୍ମାନ,୩- ରାସ୍ତାଘାଟରେ ଜୀବନର ଜଳ ଛବି ଏବଂ୪- ପ୍ରକୃତି ଉପରେ ପାଣିପାଗ ପରିବର୍ତ୍ତନ ର ପ୍ରଭାବ )ଉପରେ ଫଟୋ ଆମନ୍ତ୍ରଣ କରାଯାଉଛି। ଆଗ୍ରହୀ ବ୍ୟକ୍ତି ବିଶେଷ ଆସନ୍ତା ଅଗଷ୍ଟ ମାସ ୫ ତାରିଖ ସୁଦ୍ଧା ସେମାନଙ୍କ ନିର୍ବାଚିତ ଫଟୋ ନିର୍ଦ୍ଧାରିତ ନିୟମ ଅନୁସାରେ ପ୍ରେରଣ କରିବାକୁ ଟ୍ରଷ୍ଟ ପକ୍ଷରୁ ଅନୁରୋଧ କରାଯାଇଛି। ଅଧିକ ବିବରଣୀ ନିମନ୍ତେ ମୋବାଇଲ ନମ୍ବର ୯୪୩୯୬୧୪୬୭୭ ରେ ଯୋଗାଯୋଗ କରିବାକୁ ଟ୍ରଷ୍ଟ ର ଅଧକ୍ଷ ଲକ୍ଷ୍ମୀକାନ୍ତ ଦାସ ନିବେଦନ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପ୍ରମ୍ବନନ୍ ମନ୍ଦିର...

ଯେ ଲାସା ଠାରୁ କୈଳାସ ମାନସରୋବର ପର୍ଯ୍ୟନ୍ତ ଯାତ୍ରା ହେଉ କିମ୍ବା ଇଣ୍ଡୋନେସିଆର ପବିତ୍ର ପ୍ରମ୍ବନନ୍ ମନ୍ଦିର, ମହାମୃତ୍ୟୁଞ୍ଜୟ ମନ୍ତ୍ର ଏବଂ ଓମ୍ ନମଃ ଶିବାୟର ଜପ ସବୁଆଡ଼େ ଶୁଣିବାକୁ ମିଳେ। ସେ କହିଛନ୍ତି ଯେ ଏହି ଦୃଶ୍ୟ ଅତ୍ୟନ୍ତ ଭାବପ୍ରବଣ ଥିଲା। ବିଶ୍ୱ ଐତିହ୍ୟ ସ୍ଥଳ ଭାବେ ଏହି ଭବ୍ୟ ମନ୍ଦିର ପରିସରର ପୁନରୁଦ୍ଧାର ପରେ ବହୁ ସଂଖ୍ୟକ ଭାରତୀୟ ଭକ୍ତ ଏବଂ ପର୍ଯ୍ୟଟକ ଏହାକୁ ପରିଦର୍ଶନ କରିବେ ବୋଲି ସେ ଆତ୍ମବିଶ୍ୱାସ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ବିଶ୍ୱର ଯେକୌଣସି ଅଂଶକୁ ଯାଆନ୍ତୁ ନା କାହିଁକି, ଭାରତର ସାଂସ୍କୃତିକ ଐତିହ୍ୟର ଝଲକ ଦେଖିବାକୁ ମିଳିଥାଏ। ପ୍ରମ୍ବନନ୍ ମନ୍ଦିର ଦକ୍ଷିଣ ପୂର୍ବ ଏସିଆରେ ଭାରତୀୟ ସାଂସ୍କୃତିକ ଐତିହ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଲ୍ୟାଣ୍ଡମାର୍କ ମଧ୍ୟରୁ ଗୋଟିଏ । ଭଗବାନ ଶିବ, ମା ଦୁର୍ଗା ଏବଂ ଭଗବାନ ଗଣେଶଙ୍କ ମୂର୍ତ୍ତି ମନ୍ଦିର ପରିସରରେ ପ୍ରତିଷ୍ଠିତ ହୋଇଛି ଏବଂ ଶହ ଶହ ବର୍ଷ ଧରି ଗଭୀର ବିଶ୍ୱାସର ସହ ପୂଜା କରାଯାଉଛି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ତାଙ୍କୁ ନିଜେ ଏହି ମନ୍ଦିର ପରିଦର୍ଶନ ଏବଂ ପୂଜା କରିବାର ସୌଭାଗ୍ୟ ମିଳିଛି, ଯାହାକୁ ସେ ତାଙ୍କ ଜୀବନର ସବୁଠାରୁ ଜୀବନ୍ତ ଏବଂ ଅବିସ୍ମରଣୀୟ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଛନ୍ତି। ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ବନ୍ଧୁତ୍ୱକୁ ଆହୁରି ସୁଦୃଢ଼ କରିବା, ଉଭୟ ଦେଶର ନାଗରିକଙ୍କ କଲ୍ୟାଣ ଏବଂ ଉଭୟ ଦେଶର ଦ୍ରୁତ ବିକାଶ ପାଇଁ ସେ ଭଗବାନଙ୍କୁ ପ୍ରାର୍ଥନା କରିଛନ୍ତି। ସେ ଆତ୍ମବିଶ୍ୱାସ ବ୍ୟକ୍ତ କରିଛନ୍ତି ଯେ ପୁନରୁଦ୍ଧାର ପ୍ରକଳ୍ପ ୨୦୨୯ ମସିହା ପୂର୍ବରୁ ସମ୍ପୂର୍ଣ୍ଣ ହେବ ଏବଂ ସମ୍ପୂର୍ଣ୍ଣ ହେବା ପରେ ସେ ପୁଣିଥରେ ପ୍ରମ୍ବନନ୍ ମନ୍ଦିର ପରିଦର୍ଶନ କରିବେ।

## ଇରାନ ଉପରେ...

କିନ୍ତୁ ସବୁ ବିଗାଡ଼ି ଦେଇଛି ଟ୍ରମ୍ପଙ୍କ ଗୋଟିଏ ନିଷ୍ପତ୍ତି। ତେଲ ବଜାରରେ ଅସ୍ଥିରତାର ପ୍ରଭାବ କ୍ରାସ୍ କରିଛି ବିଶ୍ୱ ଷ୍ଟକ୍ ମାର୍କେଟକୁ। ଭାରତରେ ଗତ ତିନି ମାସରେ ଆଜି ସବୁଠାରୁ ବଡ଼ ଦିନିକିଆ କ୍ଷତି ସହିଛନ୍ତି ନିବେଶକ।

## ଉପରାଷ୍ଟ୍ରପତି ସିପି ...

ମତ୍ସ୍ୟପାଳନ ପାଇଁ ଅନୁମୋଦନ ପତ୍ର ପ୍ରଦାନ କରିବେ । ଏହି ଅବସରରେ ସେ ଓଡ଼ିଶା ଗଭୀର ସମୁଦ୍ର ମାଛ ଧରା ମିଶନ ଦସ୍ତାବିଜକୁ ମଧ୍ୟ ଉନ୍ମୋଚନ କରିବେ। ଗୁରୁବାର ଅପରାହ୍ଣରେ ଉପରାଷ୍ଟ୍ରପତି ଖୋର୍ଦ୍ଧାସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ସଂସ୍ଥାନ (ନାଇଜର)ର ପଞ୍ଚଦଶ ଦୀକ୍ଷାନ୍ତ ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ପିଏମ୍-ସୂର୍ଯ୍ୟ ଘର...

ଦ୍ୱାରା ବାତ୍ୟା କିମ୍ବା କାଳବୈଶାଖୀ ସମୟରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହେବ ନାହିଁ। ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ ପାଇଁ ଏକ ସମଗ୍ର ସୁରକ୍ଷା ଡିପିଆର ପ୍ରସ୍ତୁତ କରାଯାଉଛି। ବିପଜ୍ଜନକ ଖୋଲା, ତଳକୁ ଝୁଲୁଥିବା ତାର ସ୍ଥାନାନ୍ତର, ଖାଲି କଣ୍ଡକ୍ଟର ସ୍ଥାନରେ ଇନସୁଲେଟେଡ୍ କଣ୍ଡକ୍ଟର(ଆବରଣ ଥିବା), ବିତରଣ ସବଷ୍ଟେସନ୍‌ରେ ଫେନ୍ସିଂ(ତାର ଜାଲି) ସ୍ଥାପନ, ପାୱାର ସବଷ୍ଟେସନ ବାଉଣ୍ଡ୍ରି ୱାଲ୍ ଏବଂ ସୁରକ୍ଷା ପାଇଁ କ୍ରେଡେଲ/ଗାର୍ଡ ତାର ବ୍ୟବସ୍ଥା କରାଯିବ। ପିଏମ୍ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା ଓ ୟୁଟିଲିଟି ଲେଡ୍ ଆଗ୍ରିଗେସନ ମଡେଲ୍‌ର କାର୍ଯ୍ୟାନ୍ୱୟନର ମଧ୍ୟ ସମୀକ୍ଷା କରାଯାଇଛି। ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଓଡ଼ିଶାର ପ୍ରତ୍ୟେକ ଘରକୁ ସୁରକ୍ଷିତ, ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ବିଜୁଳି ଯୋଗାଇବା ପାଇଁ ରାଜ୍ୟ ସରକାର ଅହରହ ଚେଷ୍ଟିତ। ଶକ୍ତି, ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ଆଦି ବିଭାଗ ଗୁଡ଼ିକର ସମନ୍ୱୟରେ ଏହି ସୁଧାର କାର୍ଯ୍ୟ ଗୁଡ଼ିକ ପର୍ଯ୍ୟାୟକ୍ରମେ ସମ୍ପାଦନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିଜୁଳି ବିଲ୍‌ରୁ ମୁକ୍ତି ସହିତ ସୁରକ୍ଷିତ ଓଡ଼ିଶା ଗଠନ ଦିଗରେ ଏହା ଏକ ପ୍ରଶଂସନୀୟ ପଦକ୍ଷେପ। ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ, ବିଶାଳ କୁମାର ଦେବ ଓପିଟିସିଏଲ୍‌ର ସିଏମ୍‌ଡି ଭାସ୍କର ଜ୍ୟୋତି ଶର୍ମା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଏସ୍ ଏନ୍ ଗିରୀଶ ଏବଂ ଶକ୍ତି ବିଭାଗ ଓ ବିଦ୍ୟୁତ ବିତରଣ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅଣମୌସୁମୀ ଜଳ...

ଜଳ ନିଷ୍କାସନର ସୂଚନାକୁ ସଠିକ୍ ସମୟରେ ହୀରାକୁଦ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବା ପାଇଁ ଏକ ବ୍ୟବସ୍ଥା ଉପରେ ସହମତି ପ୍ରକାଶ ପାଇଛି। ଏହାଦ୍ୱାରା ହୀରାକୁଦ ଜଳଭଣ୍ଡାରର ଜଳସ୍ତରକୁ ସନ୍ତୁଳିତ ରଖିବା ସହ ବନ୍ୟା ସମୟରେ ଗେଟ୍ ପରିଚାଳନା ଅଧିକ ସୁଗମ ଓ ସଠିକ୍ ହୋଇପାରିବ ବୋଲି ଆଶା କରାଯାଇଛି। ତେବେ ବୈଠକ ଶେଷରେ ଏକ ବଡ଼ ବିବାଦୀୟ ସ୍ଥିତି ଦେଖିବାକୁ ମିଳିଥିଲା, ଯେତେବେଳେ ଅଣମୌସୁମୀ ଋତୁରେ ଛତିଶଗଡ଼ର ମନମାନୀ ଏବଂ ଓଡ଼ିଶାକୁ ପାଣି ପାଇଁ ହଇରାଣ କରିବା ପ୍ରସଙ୍ଗ ଉପରେ ପ୍ରଶ୍ନ ଉଠିଥିଲା। ଅଣମୌସୁମୀ ସମୟରେ ଉପରମୁଣ୍ଡରେ ବ୍ୟାରେଜ୍ ଗୁଡ଼ିକର ଗେଟ୍ ବନ୍ଦ କରି ଓଡ଼ିଶାକୁ ଜଳ ପ୍ରବାହ ସଙ୍କୁଚିତ କରାଯାଉଥିବା ନେଇ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ ପଚାରିବାରୁ ଛତିଶଗଡ଼ ଜଳସମ୍ପଦ ବିଭାଗର ଅଧିକାରୀମାନେ ସମ୍ପୂର୍ଣ୍ଣ ଭାବେ ମୁହଁ ବନ୍ଦ କରିଦେଇଥିଲେ ଏବଂ କୌଣସି ଉତ୍ତର ନଦେଇ ଏଡ଼ାଇ ଯାଇଥିଲେ। ଅନ୍ୟପଟେ ବନ୍ୟା ପରିଚାଳନା କ୍ଷେତ୍ରରେ ଛତିଶଗଡ଼ ସରକାର ଓଡ଼ିଶାକୁ ସଠିକ୍ ସହଯୋଗ କରୁନଥିବା ନେଇ ହେଉଥିବା ଅଭିଯୋଗକୁ ସେଠାକାର ଅଧିକାରୀମାନେ ଦୃଢ଼ତାର ସହ ଖଣ୍ଡନ କରିଛନ୍ତି ଏବଂ ଉଭୟ ରାଜ୍ୟ ମିଳିତ ଭାବେ ବିପତ୍ତିର ମୁକାବିଲା କରୁଥିବା ପ୍ରକାଶ କରିଛନ୍ତି। ଏହି ବୈଠକ ରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିବା ନେଇ ହୀରାକୁଦ ବନ୍ଧ ମୁଖ୍ୟଯନ୍ତ୍ରୀ ସୂଚନା ଦେଇଛନ୍ତି । ଏହି ବୈଠକରେ ଓଡିଶାରୁ ୩ ଜଣ ଯନ୍ତ୍ରୀ ଥିବା ବେଳେ ଛତିଶଗଡରୁ ମଧ୍ୟ ୩ ଜଣ ଯନ୍ତ୍ରୀ ଆସିଥିଲେ । ବନ୍ୟା ନିୟନ୍ତ୍ରଣ କିପରି ଭଲ ଭାବରେ ହେବା ସହ ସୂଚନା ଆଦାନ ପ୍ରଦାନ କିପରି ସଠିକ ଭାବରେ ହେବ ସେନେଇ ଆଲୋଚନା ହୋଇଥିଲା । ଛତିଶଗଡ଼ରେ ଥିବା ସରାଡିହି ବ୍ୟାରେଜ ଠାରେ ଏକ ଅତ୍ୟାଧୁନିକ 'ନନ୍-କଣ୍ଟାକ୍ଟ ଟାଇପ୍ ଡିସଚାର୍ଜ ମେଜରମେଣ୍ଟ ସିଷ୍ଟମ' (ଜଳ ପ୍ରବାହ ମାପକ ଯନ୍ତ୍ର) ସ୍ଥାପନ କରାଯିବ। ଏହି ପ୍ରକଳ୍ପ ପାଇଁ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ୬୭ ଲକ୍ଷ ୫୨ ହଜାର ୬୪୫ ଟଙ୍କାର ଆନୁମାନିକ ଖର୍ଚ୍ଚ ସହ ଗୋ-ଅହେଡ୍ ଅନୁମତି ପ୍ରଦାନ କରାଯାଇଛି।ସାରାଡିହି ଗେଜ୍ ସାଇଟ୍‌ରୁ ହୀରାକୁଦ ଜଳଭଣ୍ଡାରକୁ ପାଣି ଆସିବା ପାଇଁ ପ୍ରାୟ ୧୨ ଘଣ୍ଟା ସମୟ ଲାଗୁଥିବାରୁ ଏହାକୁ ବନ୍ୟା ପୂର୍ବାନୁମାନ ଏବଂ ଜଳଭଣ୍ଡାର ପରିଚାଳନା ପାଇଁ ଏକ ଅତି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭାବେ ବିବେଚନା କରାଯାଏ। ଏହି ସମସ୍ୟାର ସମାଧାନ ପାଇଁ ଏବେ ସେଠାରେ ଅତ୍ୟାଧୁନିକ ଟେକ୍ନୋଲୋଜି ସହାୟତାରେ ନୂତନ ଜଳ ମାପକ ବ୍ୟବସ୍ଥା କରାଯାଉଛି।ଏହି ନୂତନ ବ୍ୟବସ୍ଥା ଦ୍ୱାରା ବାସ୍ତବ ସମୟରେ (ରିଅଲ୍-ଟାଇମ୍) ଜଳ ପ୍ରବାହର ସଠିକ୍ ତଥ୍ୟ ମିଳିପାରିବ, ଯାହା ବନ୍ୟା ପୂର୍ବାନୁମାନକୁ ଅଧିକ ସୁଦୃଢ଼ କରିବା ସହ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ସମନ୍ୱିତ ଜଳ ପରିଚାଳନା ପାଇଁ ବେଶ୍ ସହାୟକ ହେବ।

## ପ୍ରକାଶ ପାଇଲା...

ବାଣିଜ୍ୟରେ ୧୯,୮୪୪, ଉପଶାସ୍ତ୍ରୀରେ ୬,୧୩୪, ଧନ୍ଦାମୂଳକ ଶିକ୍ଷାରେ ୪,୮୨୨ ଜଣ ରହିଛନ୍ତି। ସେହିଭଳି ୨,୦୦,୪୯୩ ଛାତ୍ର ଥିବାବେଳେ ୨,୨୮,୬୭୫ ଛାତ୍ରୀ ଏବଂ ୫୧ ଜଣ ଅନ୍ୟାନ୍ୟ ବର୍ଗର ଛାତ୍ରଛାତ୍ରୀ ଅଛନ୍ତି। ଏଥିସହ ମୋଟ ମନୋନୀତଙ୍କ ମଧ୍ୟରୁ ୨,୭୪,୪୫୪ ଜଣଙ୍କୁ ସେମାନଙ୍କର ପ୍ରଥମ ପସନ୍ଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମିଳିଥିବା ବେଳେ ୩୨,୧୦୬ ଜଣ ପ୍ରଥମ ପର୍ଯ୍ୟାୟରେ ଅନୁପଯୁକ୍ତ ରହି ଦ୍ୱିତୀୟ ଓ ସ୍ପଟ୍ ସିଲେକ୍ସନ ପାଇଁ ସୁଯୋଗ ପାଇବେ। ବିଭିନ୍ନ ବିଭାଗର କଟ୍-ଅଫ୍ ମାର୍କକୁ ଦେଖିଲେ, କଟକର ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳାରେ ୮୧%, ବାଣିଜ୍ୟରେ ୮୨.୪୦% ଏବଂ ବିଜ୍ଞାନରେ ସର୍ବାଧିକ ୯୩.୪୦% କଟ୍-ଅଫ୍ ସହ ଶୀର୍ଷରେ ରହିଛି। ଯେଉଁଠି ଧନ୍ଦାମୂଳକ ଶିକ୍ଷାରେ କଳାହାଣ୍ଡି ଧର୍ମଗଡ଼ର ସରକାରୀ ଭୋକେସନାଲ୍ ବିଦ୍ୟାଳୟ ୭୪.୬୭%, ଉପଶାସ୍ତ୍ରୀରେ କନ୍ଧମାଳ ଚକାପାଦର ଗୁରୁକୁଳ ସଂସ୍କୃତ ବିଦ୍ୟାଳୟ ୫୭% ନିଜ ନିଜ ବର୍ଗରେ ଆଗୁଆ ରହିଛନ୍ତି। ଏହାସହ ବିଏସଇ ଓଡ଼ିଶାରୁ ଆବେଦନ କରିଥିବା ୪,୨୬,୪୦୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩,୯୫,୬୮୧ ଜଣ ଏହି ରାଉଣ୍ଡରେ ସ୍ଥାନ ପାଇଛନ୍ତି। ଆସନ୍ତା ୨୩ ତାରିଖରୁ ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଶ୍ରେଣୀ ଗୃହ ପାଠପଢ଼ା ଆରମ୍ଭ ହେବାକୁ ଯାଉଥିବା ଜଣାପଡ଼ିଛି।

## ଭିତ୍ତିଭୂମି ସୁଦୃଢ଼ ...

ସାବ୍ୟସ୍ତ ହେବ ବୋଲି ମନ୍ତ୍ରୀ ବୈଠକରେ ମତପ୍ରକାଶ କରିଛନ୍ତି । ସୂଚନଯୋଗ୍ୟ ଯେ, ଖୁବ୍ ଶୀଘ୍ର ଭୁବନେଶ୍ୱରଠାରେ କଳ୍ପନା ଛକ ନିକଟରେ ନୂତନ ରାଜସ୍ୱ ଭବନ ନିର୍ମାଣ ଆରମ୍ଭ ହେବ । ଏ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ସହ ଏହାର ସମ୍ପୂର୍ଣ୍ଣ ରୂପରେଖ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଦଶ ମହଲା ବିଶିଷ୍ଟ ଏହି ବିଲଡିଂରେ ସମସ୍ତ ପ୍ରକାର ସୁବିଧା ସହିତ ବୋର୍ଡ଼ ଅଫ୍ ରେଭେନ୍ୟୁର କ୍ୟାମ୍ପ କୋର୍ଟ ଏବଂ ବିଭିନ୍ନ ରାଜସ୍ୱ ମାମଲା ଫଇସଲା କରୁଥିବା ଅଧିକାରୀଙ୍କ କୋର୍ଟ ନିମନ୍ତେ ମଧ୍ୟ ବ୍ୟବସ୍ଥା ରହିବ । ସେହିପରି ରାଜସ୍ୱ ବିଭାଗର ଅଧିକାରୀମାନଙ୍କ ବୈଠକ ତଥା ସମ୍ମିଳନୀ ନିମନ୍ତେ ପ୍ରେକ୍ଷାଳୟ ଏବଂ ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥା ମଧ୍ୟ ରହିବ । ଆଗାମୀ ଦୁଇ ବର୍ଷ ମଧ୍ୟରେ ରାଜସ୍ୱ ଭବନ ନିର୍ମାଣ ସମାପ୍ତ ନିମନ୍ତେ ମନ୍ତ୍ରୀ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ପ୍ରସ୍ତାବିତ ବିପର୍ଯ୍ୟୟ ପରିଚାଳନା ଭବନର ସମ୍ପୂର୍ଣ୍ଣ ରୂପରେଖ ସମ୍ପର୍କରେ ମନ୍ତ୍ରୀ ସମୀକ୍ଷା କରିବା ସହ ଆସନ୍ତା ଅଗଷ୍ଟ ମାସରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ବିଭିନ୍ନ ମହଲାରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସ୍ୱତନ୍ତ୍ର ସହାୟତା ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ, ରାଜ୍ୟ ଜରୁରୀକାଳିନ ପରିଚାଳନା କେନ୍ଦ୍ର ଏବଂ ଓଡ୍ରାଫ୍ ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟମାନ ଅବସ୍ଥାପିତ ହେବ । ସେହିପରି ସମ୍ପୂର୍ଣ୍ଣ ରୂପେ ସବୁଜିମା ଆଚ୍ଛାଦିତ ହୋଇ ସମସ୍ତ ପ୍ରକାର ବିପର୍ଯ୍ୟୟ ପ୍ରତିରୋଧୀ ସହ ଭୂକମ୍ପ ପ୍ରତିରୋଧୀ ହେବ ଏହି ବିପର୍ଯ୍ୟୟ ପରିଚାଳନା ଭବନ। ଏଥିରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ସାମ୍ବାଦିକମାନଙ୍କ ଖବର ସଂଗ୍ରହକୁ ଦୃଷ୍ଟିରେ ରଖି ବିଭିନ୍ନ ଆନୁସଙ୍ଗିକ ସୁବିଧା ସହ ସ୍ୱତନ୍ତ୍ର ମିଡିଆ ସେଣ୍ଟରର ବ୍ୟବସ୍ଥା ମଧ୍ୟ ହେବ । ସେହିପରି ବିପର୍ଯ୍ୟୟ ପରିଚାଳନାରେ ସହଯୋଗ କରୁଥିବା ଶକ୍ତି ବିଭାଗ, ନିର୍ମାଣ ବିଭାଗ ସହ ଏନ୍‌ଡିଏମ୍‌ଏ, ଏନ୍‌ଡିଆରଏଫ୍ ଏବଂ ଅନ୍ୟାନ୍ୟ ଜାତୀୟ ତଥା ଅନ୍ତର୍ଜାତୀୟ ଅନୁଷ୍ଠାନ ନିମନ୍ତେ ମଧ୍ୟ ବ୍ୟବସ୍ଥା ରହିବ । ନୂତନ ଅତ୍ୟାଧୁନିକ ନିୟନ୍ତ୍ରଣ କକ୍ଷ ସହ ପୂର୍ବ ସତର୍କ ସୂଚନା ନିମନ୍ତେ ବୈଷୟିକ ଯନ୍ତ୍ରପାତି ମଧ୍ୟ ରହିବ । ଆଗାମୀ ଅଠର ମାସରେ ଏହି ଭବନ ନିର୍ମାଣ ସମାପ୍ତ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ଗୋଟିଏ ହିଁ ବିଲଡିଂରେ ବିଭିନ୍ନ କାର୍ଯ୍ୟାଳୟ ରହିବା ଦ୍ୱାରା ସମନ୍ୱିତ ଭାବେ ବିପର୍ଯ୍ୟୟ ପରିଚାଳନା ସୁନିଶ୍ଚିତ ହୋଇପାରିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ସେହିପରି ଗୋଠପାଟଣାସ୍ଥିତ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ଅନ୍ତର୍ଜାତୀୟସ୍ତରର ଅତ୍ୟାଧୁନିକ ପ୍ରେକ୍ଷାଳୟ କମ୍ପ୍ଲେକ୍ସ, ନୂତନ ପ୍ରଶାସନିକ କୋଠା, ଡିଜିଟାଲ୍ ଲାଇବ୍ରେରୀ, ଜିଆଇଏସ୍ ଲ୍ୟାବ୍ ସହିତ ଆନୁସଙ୍ଗିକ ବ୍ୟବସ୍ଥା କରାଯିବ । ଏହା ସହିତ ଭୁବନେଶ୍ୱରଠାରେ ନୂତନ ସ୍ପେଶାଲ୍ ସର୍କିଟ୍ ହାଉସ୍ ନିର୍ମାଣର ସମୀକ୍ଷା କରି ତୁରନ୍ତ ନୂତନ ସ୍ଥାନ ଚିହ୍ନଟ କରି କାର୍ଯ୍ୟ ଆରମ୍ଭ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ସ୍ୱତନ୍ତ୍ର ସହାୟତା ଆୟୁକ୍ତ ରାଜେଶ ପ୍ରଭାକର ପାଟିଲ୍, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ, ଓବିସିସି ଏବଂ ନିର୍ମାଣ ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ ।ସାଇବର ଅପରାଧ...

ଭାବେ ଇ-ଜିରୋ ଏଫଆଇଆର ଅନୁରୋଧ ସୃଷ୍ଟି ହେବ ଏବଂ ତାହା ଅପରାଧ ଶାଖାର ସାଇବର ପୋଲିସ ଷ୍ଟେସନ୍‌କୁ ପଠାଯିବ। ପ୍ରାଥମିକ ଯାଞ୍ଚ ପରେ ସାଇବର ପୋଲିସ ଷ୍ଟେସନ୍ ନିୟମିତ ଏଫଆଇଆର୍ ପଞ୍ଜୀକରଣ କରି ତଦନ୍ତ ଆରମ୍ଭ କରିପାରିବ। ପ୍ରୟୋଜନ ଅନୁଯାୟୀ ମାମଲାକୁ ସମ୍ପୃକ୍ତ ଥାନାକୁ ସ୍ଥାନାନ୍ତର, ଜିରୋ ଏଫଆଇଆର୍ ଭାବେ ପଞ୍ଜୀକରଣ, ପୂର୍ବରୁ ଥିବା ମାମଲା ସହ ସଂଯୋଗ କିମ୍ବା ନିର୍ଦ୍ଧାରିତ ମାନଦଣ୍ଡ ପୂରଣ ନ କରୁଥିବା ଅଭିଯୋଗକୁ ବନ୍ଦ କରାଯାଇପାରିବ। ଏହି ବ୍ୟବସ୍ଥା ମାଧ୍ୟମରେ ମାମଲା ପଞ୍ଜୀକରଣ ଓ ସୂଚନା ଆଦାନ-ପ୍ରଦାନ ଅଧିକ ଦ୍ରୁତ ଏବଂ ସୁବ୍ୟବସ୍ଥିତ ହେବ। ଅଭିଯୋଗକାରୀମାନେ ମଧ୍ୟ ନିଜ ମାମଲାର ଅଗ୍ରଗତି ସମ୍ପର୍କରେ ସହଜରେ ସୂଚନା ପାଇପାରିବେ। ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ କହିଥିଲେ, "ସାଇବର ଅପରାଧର ମୁକାବିଲା ପାଇଁ ଆଧୁନିକ ପ୍ରଯୁକ୍ତିର ସର୍ବାଧିକ ବ୍ୟବହାର କରି ନାଗରିକଙ୍କୁ ତ୍ୱରିତ, ସ୍ୱଚ୍ଛ ଓ ଜନକଲ୍ୟାଣମୂଳକ ପୋଲିସ ସେବା ପ୍ରଦାନ କରିବାକୁ ଓଡ଼ିଶା ପୋଲିସ ପ୍ରତିବଦ୍ଧ। ସେ ସାଧାରଣ ଲୋକଙ୍କୁ ଅନୁରୋଧ କରିଥିଲେ ଯେ, ସାଇବର ଆର୍ଥିକ ଠକେଇର ଶିକାର ହେଲେ ବିଳମ୍ବ ନ କରି ତୁରନ୍ତ ୧୯୩୦ରେ ଅଭିଯୋଗ କରନ୍ତୁ। ଶୀଘ୍ର ଅଭିଯୋଗ କଲେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇପାରିବ ଏବଂ ଠକେଇ ହୋଇଥିବା ଅର୍ଥ ଫେରିପାଇବାର ସମ୍ଭାବନା ମଧ୍ୟ ବଢ଼ିବ। ଡିଜିପି ଏହି ବ୍ୟବସ୍ଥାର ସଫଳ କାର୍ଯ୍ୟକାରିତା ପାଇଁ ରାଜ୍ୟ ଅପରାଧ ଅଭିଲେଖ ବ୍ୟୁରୋ, ଅପରାଧ ଶାଖା ଓ ସମ୍ପୃକ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। 'ଇ-ଜିରୋ ଏଫଆଇଆର ବ୍ୟବସ୍ଥା ଓଡ଼ିଶା ପୋଲିସର ପ୍ରଯୁକ୍ତିନିର୍ଭର, ଆଧୁନିକ ଓ ଦକ୍ଷ ପୋଲିସିଂ ବ୍ୟବସ୍ଥା ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ସାଇବର ଅପରାଧର ମୁକାବିଲା ସହ ପୀଡ଼ିତଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନରେ ସହାୟକ ହେବ।

## ସୁରତରେ ବର୍ଷା...

ଇଞ୍ଚ ପର୍ଯ୍ୟନ୍ତ ବର୍ଷା ରେକର୍ଡ ହୋଇଥିବାରୁ ୧୯୪୧ ପରେ ଜୁଲାଇ ମାସର ସର୍ବାଧିକ ବର୍ଷାର ୮୫ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଯାଇଛି।

### ଜନଜାତି ଗବେଷଣା ପ୍ରତିଷ୍ଠାନ ସଶକ୍ତୀକରଣ ନେଇ ଜାତୀୟ କର୍ମଶାଳା ଉଦ୍‌ଯାପିତ

# ସାଂସ୍କୃତିକ ସଂରକ୍ଷଣ ଓ ପ୍ରମାଣଭିତ୍ତିକ ନୀତି ନିର୍ଦ୍ଧାରଣକୁ ଗୁରୁତ୍ୱ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜନଜାତି ଗବେଷଣା ପ୍ରତିଷ୍ଠାନଗୁଡ଼ିକର ସଶକ୍ତୀକରଣ ନେଇ ଆୟୋଜିତ ଦୁଇଦିନିଆ ଜାତୀୟ କର୍ମଶାଳା ଭୁବନେଶ୍ୱର ଘୋଷଣାନାମା ଗ୍ରହଣ ସହ ଉଦ୍‌ଯାପିତ ହୋଇଛି। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ ଦେଶର ଜନଜାତି ଗବେଷଣା ପ୍ରତିଷ୍ଠାନ, ରାଜ୍ୟ ଜନଜାତି କଲ୍ୟାଣ ବିଭାଗ, ବିଶ୍ୱବିଦ୍ୟାଳୟ, ଗବେଷଣା ସଂସ୍ଥା ଓ ବିଭିନ୍ନ କ୍ଷେତ୍ରର ପ୍ରାୟ ୨୦୦ ଜଣ ପ୍ରତିନିଧି ଯୋଗଦେଇଥିଲେ।

ଏହି ଘୋଷଣାନାମାରେ ଜନଜାତି ଜ୍ଞାନ, ଗବେଷଣା, ନବସୃଜନ, ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଓ ପ୍ରମାଣ ଆଧାରିତ ନୀତି ନିର୍ଦ୍ଧାରଣକୁ ଆହୁରି ସୁଦୃଢ଼ କରିବା ପାଇଁ ଜାତୀୟ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଏହା ଦେଶର ଜନଜାତି ବିକାଶ ଓ "ବିକଶିତ ଭାରତ ୨୦୪୭" ଲକ୍ଷ୍ୟ ପୂରଣ ଦିଗରେ ଏକ ମାଇଲଖୁଂଟ ବୋଲି କୁହାଯାଇଛି।

କର୍ମଶାଳାରେ ଜନଜାତି ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ଜ୍ଞାନ ଓ ସାଂସ୍କୃତିକ ସମ୍ବଳ କେନ୍ଦ୍ରରେ ପରିଣତ କରିବା, ଜନଜାତି ବିକାଶ ପାଇଁ ଗୁଣାତ୍ମକ ଗବେଷଣାକୁ ପ୍ରୋତ୍ସାହନ, ଆଧୁନିକ ପ୍ରଯୁକ୍ତିର ବ୍ୟବହାର, ଅନୁଷ୍ଠାନିକ ସଶକ୍ତୀକରଣ ଓ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ଉପରେ ଆଲୋଚନା ହୋଇଥିଲା।

କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟର ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା କହିଥିଲେ ଯେ, ଜନଜାତି ଗବେଷଣା ପ୍ରତିଷ୍ଠାନଗୁଡ଼ିକ ହେଉଛି ଜନଜାତି ସମ୍ପ୍ରଦାୟର ସ୍ୱର। ଉଚ୍ଚମାନର ଗବେଷଣା ଓ ସମ୍ପ୍ରଦାୟର ଆବଶ୍ୟକତା ଆଧାରରେ ଏହି ସଂସ୍ଥାଗୁଡ଼ିକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ଆବଶ୍ୟକ। ଏଥିପାଇଁ ରାଜ୍ୟ ସରକାର, ବିଶ୍ୱବିଦ୍ୟାଳୟ ଓ ଅନ୍ୟାନ୍ୟ ଜ୍ଞାନ ସଂସ୍ଥା ସହ ସମନ୍ୱୟ ବଢ଼ାଇବା ଉପରେ ସେ ଗୁରୁତ୍ୱ ଦେଇଥିଲେ।

ଏହି ଅବସରରେ ଜନଜାତି ଗବେଷଣା, ଜ୍ଞାନ ସୃଷ୍ଟି ଓ ସାଂସ୍କୃତିକ ଐତିହ୍ୟ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାତଟି ଶ୍ରେଷ୍ଠ ଜନଜାତି ଗବେଷଣା ପ୍ରତିଷ୍ଠାନକୁ ସମ୍ମାନିତ କରାଯାଇଥିଲା। ସମ୍ମାନିତ ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ଛତିଶଗଡ଼, ଓଡ଼ିଶା, ତ୍ରିପୁରା, ମହାରାଷ୍ଟ୍ର, କେରଳ, ତେଲେଙ୍ଗାନା ଓ ଝାଡ଼ଖଣ୍ଡର ଜନଜାତି ଗବେଷଣା ପ୍ରତିଷ୍ଠାନ ସାମିଲ ରହିଛି।

ସମାପନୀ ଅଧିବେଶନରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଶ୍ରୀ ଅନନ୍ତ ପ୍ରକାଶ ପାଣ୍ଡେ କହିଥିଲେ ଯେ, ଏହି କର୍ମଶାଳାରୁ ମିଳିଥିବା ପରାମର୍ଶ ଓ ଭୁବନେଶ୍ୱର ଘୋଷଣାନାମା ଜନଜାତି ଗବେଷଣା ପ୍ରତିଷ୍ଠାନଗୁଡ଼ିକର କ୍ଷମତା ବୃଦ୍ଧି, ଉନ୍ନତ ଗବେଷଣା ଓ ପ୍ରଯୁକ୍ତିର ସମନ୍ୱୟ ପାଇଁ ଏକ ସ୍ପଷ୍ଟ ଦିଗ ଦେଖାଇବ।

ଭୁବନେଶ୍ୱର ଘୋଷଣାନାମାରେ ଜନଜାତି ଗବେଷଣା ପ୍ରତିଷ୍ଠାନଗୁଡ଼ିକରେ ଗଠନମୂଳକ ସଂସ୍କାର, ଗବେଷଣାର ଗୁଣବତ୍ତା ବୃଦ୍ଧି, ଜନଜାତି ଭାଷା ଓ ପାରମ୍ପରିକ ଜ୍ଞାନର ସଂରକ୍ଷଣ, ସମ୍ପ୍ରଦାୟର ଅଂଶଗ୍ରହଣ ଏବଂ ବିଭିନ୍ନ ସଂସ୍ଥା ମଧ୍ୟରେ ସହଭାଗିତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଘୋଷଣାନାମା ଜନଜାତି ବିକାଶ କ୍ଷେତ୍ରରେ ଏକ ଦିଗଦର୍ଶକ ଭାବେ କାର୍ଯ୍ୟ କରିବ।

# ନର୍ସିଂ କଲେଜ ପ୍ରତିଷ୍ଠା ଏବଂ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବୈଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ବୁଧବାର ଲୋକସେବା ଭବନ ସ୍ଥିତ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ସମ୍ମିଳନୀ କକ୍ଷରେ ନର୍ସିଂ କଲେଜ ପ୍ରତିଷ୍ଠା ଏବଂ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଛି । ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ଉଚ୍ଚମାନର ନର୍ସିଂ ଶିକ୍ଷା ବ୍ୟବସ୍ଥା ଗଢ଼ି ତୋଳିବା ପାଇଁ ସମସ୍ତ ଅନୁଷ୍ଠାନରେ ନିର୍ଦ୍ଧାରିତ ମାନଦଣ୍ଡର କଡ଼ାକଡ଼ି ପାଳନ ଅତ୍ୟନ୍ତ ଆବଶ୍ୟକ। ଶିକ୍ଷାର ଗୁଣବତ୍ତା, ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ପ୍ରଶିକ୍ଷଣର ମାନକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କୌଣସି ପ୍ରକାରର ଅନିୟମିତତାକୁ ପ୍ରଶ୍ରୟ ଦିଆଯିବ ନାହିଁ। ମନ୍ତ୍ରୀ ସମସ୍ତ ଜିଲ୍ଲାପାଳଙ୍କୁ ସେମାନଙ୍କ ଜିଲ୍ଲାର ସମସ୍ତ ବେସରକାରୀ ନର୍ସିଂ ଶିକ୍ଷାନୁଷ୍ଠାନର ନିରପେକ୍ଷ ଏବଂ ବ୍ୟାପକ ଯାଂଚ ଶୀଘ୍ର ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଜ୍ଞପ୍ତି ଅନୁଯାୟୀ ଗଠିତ ଜିଲ୍ଲାସ୍ତରୀୟ ଯାଂଚ ଦଳ ମାଧ୍ୟମରେ ଏହି ଯାଂଚ କରାଯିବ। ଏଥିସହ ଜିଲ୍ଲା ଅଗ୍ନିଶମ ଅଧିକାରୀଙ୍କୁ ମଧ୍ୟ ଏହି ଯାଂଚ ଦଳର ସଦସ୍ୟ ଭାବେ ସାମିଲ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ସମସ୍ତ ଜିଲ୍ଲାପାଳଙ୍କୁ ଚଳିତ ଜୁଲାଇ ମାସ ଶେଷ ସୁଦ୍ଧା ସେମାନଙ୍କର ଯାଂଚ ରିପୋର୍ଟ ମେଡିକାଲ୍ ଶିକ୍ଷା ଓ ପ୍ରଶିକ୍ଷଣ (ଡିଏମଇଟି), ଓଡ଼ିଶାଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପ୍ରକାରର ଅନିୟମିତତା ଦେଖାଗଲେ, ସେହି ତ୍ରୁଟିପୂର୍ଣ୍ଣ ଅନୁଷ୍ଠାନ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବର୍ଷା ଦିନ ଏବଂ ରଥଯାତ୍ରା ସମୟରେ ଜଳବାହିତ ଓ ସଂକ୍ରାମକ ରୋଗର ପ୍ରାଦୁର୍ଭାବ ବଢ଼ୁଥିବାରୁ 'ଷ୍ଟପ୍ ଡାଇରିଆ କ୍ୟାମ୍ପେନ' ମାଧ୍ୟମରେ ସ୍ୱାସ୍ଥ୍ୟ ବିଭାଗ ଓ ପଂଚାୟତିରାଜ ବିଭାଗର ମିଳିତ ସହଯୋଗରେ ଡାଇରିଆ, ଡେଙ୍ଗୁ, ଚିକେନଗୁନିଆ, ମ୍ୟାଲେରିଆ ଆଦି ସମ୍ବନ୍ଧରେ ବ୍ୟାପକ ଜନ ସଚେତନତା ବିଷୟରେ ସମୀକ୍ଷା କରିଥିଲେ । ଚଳିତ ବର୍ଷ ଜୁନ୍ ୧୬ ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସଚେତନତା ଅଭିଯାନ ଜରିଆରେ ପାନୀୟ ଜଳର ଉତ୍ସଗୁଡ଼ିକୁ ବିଶୋଧନ କରିବା ସହ ତୃଣମୂଳ ସ୍ତରରେ ଆଶା ଦିଦି ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ଜିଙ୍କ୍ ବଟିକା ଓ ଓ.ଆର.ଏସ ବଂଟନ କରି ଲୋକଙ୍କୁ ସତର୍କ କରାଉଛନ୍ତି । ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ଶାସନ ସଚିବ ଅଶ୍ୱଥି ଏସ., ବିଭାଗର ସମସ୍ତ ନିର୍ଦ୍ଦେଶକ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ରାଜ୍ୟର ସମସ୍ତ ଜିଲ୍ଲାପାଳ ଏବଂ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀମାନେ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 22/ET/SBP/ ENGG/2026-27, ତା.03.07.2026ରିଖ

(1) ଇ-ଟେଣ୍ଡର ସଂ. 15-eT-SDENS-SBP-26

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ 17 ନନ-ଇଣ୍ଟରଲକ୍‌ଡ ଲେଭେଲ କ୍ରସିଙ୍ଗ ଫାଟକରେ କଂକ୍ରିଟ୍ 3D ପ୍ରିଣ୍ଟ ହୋଇଥିବା ପ୍ୟାନେଲ / 3D ପ୍ରିଣ୍ଟ ହୋଇଥିବା ଉପାଦାନଗୁଡ଼ିକ ବ୍ୟବହାର କରି ସଙ୍କେତ ଏବଂ ଦୂରସଂଚାର ସେବା କକ୍ଷଗୁଡ଼ିକର ନିର୍ମାଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹6,85,75,228.86, ବିଡ୍ ସିକ୍ୟୁରିଟୀ : ₹13,71,600/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ ।

(2) ଇ-ଟେଣ୍ଡର ସଂ. 09-eT-SDENC-SBP-26

**କାର୍ଯ୍ୟର ନାମ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ / ସେଣ୍ଟ୍ରାଲ / ସମ୍ବଲପୁର ପରିସୀମା ଅଧିନସ୍ଥ ଡୁଙ୍ଗୁରିପାଲି-ବଲାଙ୍ଗୀର ସେକ୍ସନରେ ବିଭିନ୍ନ ସ୍ଥାନରେ CESS-ମରାମତି କାର୍ଯ୍ୟଗୁଡ଼ିକର ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹6,83,67,086.41, ବିଡ୍ ସିକ୍ୟୁରିଟୀ : ₹13,67,400/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 30.07.2026, 1500 ଘଣ୍ଟିକା (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର

PR-287/R/26-27

# ସୁରଟ (ଉଧନା) – ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସର ନିୟମିତ ଚଳାଚଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଓଡ଼ିଶା ଏବଂ ଗୁଜରାଟ ମଧ୍ୟରେ ଯାତ୍ରୀଙ୍କ ସୁବିଧା ଏବଂ ରେଳ ସଂଯୋଗକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଭାରତୀୟ ରେଳବାଇ ୧୯୦୨୧/୧୯୦୨୨ ସୁରଟ (ଉଧନା)-ବ୍ରହ୍ମପୁର-ସୁରଟ (ଉଧନା) ଅମୃତ ଭାରତ ଏକ୍ସପ୍ରେସର ଚଳାଚଳ ସମୟସୀମାକୁ ସପ୍ତାହକୁ ତିନି ଦିନ ପରିବର୍ତ୍ତେ ଦୈନିକ ସେବାକୁ ବୃଦ୍ଧି କରିଛି। ଏହି ପରିବର୍ତ୍ତନ ଦ୍ୱାରା ଉଭୟ ରାଜ୍ୟ ମଧ୍ୟରେ ଯାତାୟାତ କରୁଥିବା ଶ୍ରମିକ, ବ୍ୟବସାୟୀ, ଛାତ୍ରଛାତ୍ରୀ ଏବଂ ପର୍ଯ୍ୟଟକମାନେ ଅଧିକ ସୁବିଧା ପାଇବେ। ସଂଶୋଧିତ ସମୟସୂଚୀ ନିମ୍ନଲିଖିତ ଅଟେ: ଟ୍ରେନ ନଂ ୧୯୦୨୧ ସୁରଟ (ଉଧନା) – ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସ ଉଧନାରୁ ବର୍ତ୍ତମାନର ରବିବାର, ବୁଧବାର ଏବଂ ଶୁକ୍ରବାର ସେବା ବଦଳରେ, ୦୯ ଜୁଲାଇ ୨୦୨୬ ଗୁରୁବାର ଠାରୁ ପ୍ରତିଦିନ ଚାଲିବ। ଟ୍ରେନ ନଂ ୧୯୦୨୨ ବ୍ରହ୍ମପୁର – ସୁରଟ (ଉଧନା) ଅମୃତ ଭାରତ ଏକ୍ସପ୍ରେସ: ବ୍ରହ୍ମପୁରରୁ ବର୍ତ୍ତମାନର ସୋମବାର, ଗୁରୁବାର ଏବଂ ଶନିବାର ସେବା ବଦଳରେ, ୧୦ ଜୁଲାଇ ୨୦୨୬ ଶୁକ୍ରବାର ଠାରୁ ପ୍ରତିଦିନ ଚାଲିବ। ଅମୃତ ଭାରତ ଏକ୍ସପ୍ରେସକୁ ଦୈନିକ ସେବାରେ ପରିଣତ କରିବା, ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା ପ୍ରଦାନ ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ରୁଟରେ ବଢ଼ୁଥିବା ଯାତ୍ରୀଙ୍କ ଚାହିଦାକୁ ପୂରଣ କରିବା ପାଇଁ ଭାରତୀୟ ରେଳବାଇର ଏକ ପ୍ରତିବଦ୍ଧତା। ଏହି ରେଳ ସେବା ଓଡ଼ିଶା ଏବଂ ଗୁଜରାଟ ମଧ୍ୟରେ ଯାତାୟାତକୁ ଅଧିକ ସୁଗମ କରିବ। ଯାତ୍ରୀମାନଙ୍କୁ ଟ୍ରେନ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ ଏନକ୍ୱାରୀ ସିଷ୍ଟମ୍'କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ରୁ ସୂଚନା ନେବାକୁ ପରାମର୍ଶ।

ଭୁବନେଶ୍ୱର, ୦୯ ଜୁଲାଇ, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଏକାଧିକ ଅପରାଧ ପାଇଁ ଏକକାଳୀନ ଲାଗୁ ହେବ ସଜା : ହାଇକୋର୍ଟ



**କଟକ, ୦୮/୦୭ ନ୍ୟୁଜ ବ୍ୟୁରୋ**
ଯଦି ଗୋଟିଏ ଘଟଣାକ୍ରମ ମଧ୍ୟରେ ଏକାଧିକ ଅପରାଧ ଘଟେ, ତେବେ ସେସବୁର ଜେଲ୍ ଦଣ୍ଡାଦେଶ ଗୋଟିଏ ପରେ ଗୋଟିଏ ନୁହେଁ ବରଂ ଏକକାଳୀନ ଲାଗୁ ହେବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି । ଫୁଲବାଣୀର ରମେଶ ଚନ୍ଦ୍ର ବେହେରାଙ୍କ ପକ୍ଷରୁ ଆଗତ ଏକ କ୍ରିମିନାଲ୍ ରିଭିଜନ୍ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ ଭି. ନରସିଂହ ଏହି ଆଦେଶ ଦେଇଛନ୍ତି । ଏଥିସହିତ ଅଦାଲତ ଅଭିଯୁକ୍ତଙ୍କୁ ଜେଲ୍ ନ ପଠାଇ "ପ୍ରୋବେସନ୍ ଅଫ୍ ଅଫେଣ୍ଡର୍ସ ଆକ୍ଟ-୧୯୫୮' ଆଧାରରେ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୩ ମସିହା ମାର୍ଚ୍ଚ ୧୭ ତାରିଖରେ ଫୁଲବାଣୀ ଟାଉନ ଥାନା ଅଞ୍ଚଳରେ ଆସାମୀ ରମେଶ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିଲା। ଏହାର ବିରୋଧ କରିବାରୁ ପୀଡ଼ିତା ଓ ତାଙ୍କ ପୁଅଙ୍କୁ ଶାବଳ ଦ୍ୱାରା ଆକ୍ରମଣ କରିଥିଲା । ଫୁଲବାଣୀ ମହିଳା କୋର୍ଟ (ଜେଏମଏଫସି) ଏହି ମାମଲାର ବିଚାର କରି ରମେଶଙ୍କୁ ଆଇପିସିର ଧାରା ୪୫୧ (ଗୃହ ପ୍ରବେଶ) ପାଇଁ ୧ ବର୍ଷ ଜେଲ୍ ଓ ଧାରା ୩୨୩ (ଆକ୍ରମଣ) ପାଇଁ ୬ ମାସ ଜେଲ୍ ଦଣ୍ଡ ଦେବା ସହ ଏହି ଦଣ୍ଡ ଗୋଟିଏ ପରେ ଗୋଟିଏ ଲାଗୁ ହେବ ବୋଲି ନିର୍ଦ୍ଦେଶ ଦେଇଥିଲେ । ପରେ ଫୁଲବାଣୀ ଜିଲ୍ଲା ଜଜ୍ କୋର୍ଟ ଏହି ଦଣ୍ଡକୁ ସଂଶୋଧନ କରି ଉଭୟ ଧାରାରେ ୬ ମାସ ଲେଖାଏଁ ଜେଲ୍ ଦଣ୍ଡାଦେଶ ଦେଇଥିଲେ ମଧ୍ୟ ଗୋଟିଏ ପରେ ଗୋଟିଏ ଜେଲ୍ ଦଣ୍ଡ ଲାଗୁ ହେବ ବୋଲି ଆଦେଶ ଦେଇଥିଲେ । ଏହି ଆଦେଶ ବିରୋଧରେ ଆସାମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ହାଇକୋର୍ଟ ଏହି ପରିପ୍ରେକ୍ଷୀରେ ସୁପ୍ରିମ୍‌କୋର୍ଟଙ୍କ ଏକ ରାୟକୁ ଉଦାହାରଣ ଭାବେ ନେଇ ଯଦି ଗୋଟିଏ ଘଟଣା କ୍ରମରେ ଏକାଧିକ ଅପରାଧିକ କାର୍ଯ୍ୟ ହୋଇଥିବ ସେଭଳି କ୍ଷେତ୍ରରେ ଦଣ୍ଡାଦେଶ ଏକତ୍ର ଚାଲିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

# ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଚାଲିଛି ହଂସପଟା ପ୍ରସ୍ତୁତି

## ରଥର ସିଂହାସନ ଚାରିପଟେ ରଙ୍ଗ କରୁଛନ୍ତି ଚିତ୍ରକର



**ପୁରୀ, ୮/୭ ନ୍ୟୁଜ ବ୍ୟୁରୋ**
ରଥରେ ଲାଗିବା ପାଇଁ ଚିତ୍ରକରମାନେ ହଂସପଟା ପ୍ରସ୍ତୁତ କରୁଛନ୍ତି। ୮ ଓ ୪ ଫୁଟିଆ ଲମ୍ବ ପଟାରେ ମାଳମାଳ ହଂସ ଚିତ୍ର ସହ ପୂର୍ଣ୍ଣକୁମ୍ଭ ଓ ଉଭୟ ପାର୍ଶ୍ୱରେ ମାଛ ଚିତ୍ର କରାଯାଇଛି। ତିନି ରଥ ପାଇଁ ମୋଟ ୭୬ଟି ହଂସପଟା ପ୍ରସ୍ତୁତ କରାଯାଉଥିବା ନିର୍ମାଣକାରୀ କହିଛନ୍ତି। ତାଳଧ୍ୱଜ ଓ ନନ୍ଦିଘୋଷ ପାଇଁ ୨୮ ଲେଖାଏଁ ଓ ଦେବୀ ରଥ ପାଇଁ ୨୦ଟି ହଂସପଟା ପ୍ରସ୍ତୁତ କରାଯାଉଛି। ଏଥିସହ ଚିତ୍ରକରମାନେ ରଥର ସିଂହାସନ ଚାରିପଟ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦର୍ଜୀ ସେବକମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟ ଉପର ମହଲାରେ ରଥର ମଣ୍ଡଣୀ କନା ତିଆରି ଜାରି ରଖିଛନ୍ତି। ଦୁଆରଘଡ଼ାରେ ଲାଗିବାକୁ ଚନ୍ଦ୍ରଶାଳୀର କନା କଟିଙ୍ଗ ଶେଷ କରି ସେଥିରେ ଲାଗିବାକୁ ଫୁଲ, ଡାଳିଲତା ଆଦି ତିଆରୁଛନ୍ତି। ରଥର ବିଳାସପଟି ଜରି ଜମ୍ଭୁରା ଓ ଲେସ୍ ଆଦି କାର୍ଯ୍ୟ ଶେଷ କରିଛନ୍ତି । ଓଝା ସେବକମାନେ ରଥ ପାଇଁ ଆବଶ୍ୟକ ଲୁହା ସାମଗ୍ରୀ ତିଆରିବା ପରେ ଜରୁରିକାଳୀନ ସ୍ଥିତି ପାଇଁ କିଛି ଦରକାରି ଲୁହା ଜିନିଷ ତିଆରୁଛନ୍ତି । ବିଶ୍ୱକର୍ମାଙ୍କ ବରାଦ ଅନୁସାରେ ଫାଳି କାଠ ଖଳାକୁ ଯୋଗାଯାଇଛି। ରଥ ଚଳା ସମୟରେ ମୋଡ଼ ଖାଇବାକୁ ଫାଳି ଆବଶ୍ୟକ ହୁଏ। ଚକରେ ଫାଳି ଲାଗିଲେ ରଥ ମୋଡ଼ ନିଏ । ନନ୍ଦିଘୋଷ ଓ ତାଳଧ୍ୱଜ ପାଇଁ ୨୦ଟି ଲେଖାଏଁ ଫାଳି ଓ ଦେବୀ ରଥ ପାଇଁ ୧୫ଟି ଫାଳି ଯୋଗାଯାଇଥିବା ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି।

# ତୀରବିଦ୍ଧ ହୋଇଆସିଥିଲେ, ନୂଆ ଜୀବନ ଦେଲେ କିମ୍ସ ଡାକ୍ତର



**ଭୁବନେଶ୍ୱର, ୮।୭ ନ୍ୟୁଜ ବ୍ୟୁରୋ**
ଛାତିରେ ତୀରବିଦ୍ଧ ଅବସ୍ଥାରେ ଆସିଥିବା ଜଣେ ବ୍ୟକ୍ତି କିମ୍ସ ଭୁବନେଶ୍ୱର ଡାକ୍ତରଙ୍କ ଅକ୍ଳାନ୍ତ ପରିଶ୍ରମ ପରେ ନୂଆ ଜୀବନ ପାଇଛନ୍ତି। ରାଉରକେଲାର ଜନୈକ ୨୨ବର୍ଷୀୟ ଯୁବକଙ୍କ ଛାତିରେ ତୀର ବିଦ୍ଧ ହେବା ପରେ ସେ ଗୁରୁତର ହୋଇପଡ଼ିଥିଲେ। ଯୁବକଙ୍କ ପରିବାର ତାଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ଏହାର ଜଟିଳତା ଓ ଏଥିରେ ଅଧିକ ବିପଦ ଥିବାରୁ କୌଣସି ଡାକ୍ତରଖାନରେ ତାଙ୍କ ଦେହରେ ଥିବା ତୀର ବାହାର କରିବା ସମ୍ଭବ ହୋଇପାରିନଥିଲା। ଶେଷ ଆଶା ରଖି ପରିବାର ଲୋକେ ତାଙ୍କୁ କିମ୍ସରେ ଭର୍ତ୍ତି କରିଥିଲେ। ତେବେ କିମ୍ସର ବରିଷ୍ଠ ସର୍ଜନ ଡା. ଅମରେଶ ମିଶ୍ରଙ୍କ ନେତୃତ୍ୱରେ ଡା. ଏସ୍ କେ. ସାହୁ, ଡା. ବିଏସ୍ ପୂଜାରୀ, ଡା. ଏସ୍ ସାମଲ ଓ ଡା. ଡି ହୋତାଙ୍କୁ ନେଇ ଗଠିତ ଡାକ୍ତରୀ ଦଳ ରୋଗୀଙ୍କଠାରେ ଏହି ଜଟିଳ ଅସ୍ତ୍ରୋପଚାର କରିଥିଲେ। ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ଜେନେରାଲ ସର୍ଜରୀ, କାର୍ଡିଓଥୋରାସିକ୍ ଓ ଭାସ୍କୁଲାର ସର୍ଜରୀ (ସିଟିଭିଏସ), ଆନାସ୍ଥେସିଓଲୋଜି ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବିଭାଗର ପ୍ରମୁଖ ବିଶେଷଜ୍ଞଙ୍କୁ ନେଇ ଏକ ଡାକ୍ତରୀ ଦଳ ତୁରନ୍ତ ଏକ ଜରୁରୀକାଳୀନ ଯୋଜନା କରିଥିଲେ। ଅସ୍ତ୍ରୋପଚାରର ଜଟିଳତା ଉପରେ ସୂଚନା ଦେଇ ସର୍ଜରୀ ବିଭାଗ ଡା. ସୁବ୍ରତ ସାହୁ କହିଛନ୍ତି, ଏଭଳି ଘଟଣା ଅତ୍ୟନ୍ତ ବିରଳ ଓ ଅତ୍ୟନ୍ତ ବିପଜ୍ଜନକ। ଏଭଳି ଆଘାତ ଅତ୍ୟନ୍ତ ବିପଦଜନକ। ଅନେକ କ୍ଷେତ୍ରରେ ରୋଗୀମାନେ ତୀର କାଢ଼ିବା ସମୟରେ ରକ୍ତସ୍ରାବ ବନ୍ଦ ହୋଇ ନପାରିବା କାରଣରୁ ଅନେକ ରୋଗୀଙ୍କୁ ବଞ୍ଚାଇବା ସମ୍ଭବ ହୋଇନଥାଏ। ତେବେ ସୌଭାଗ୍ୟର ବିଷୟ ଯେ ସେମାନେ ଯାଇଥିବା ଡାକ୍ତରଖାନାଗୁଡ଼ିକରେ ତୀର ହଟାଇବାକୁ ଚେଷ୍ଟା କରାଯାଇନଥିଲା। ଫଳରେ ଏହା ଆମକୁ ଅସ୍ତ୍ରୋପଚାରର ସଠିକ୍ ଯୋଜନା କରିବାର ସୁଯୋଗ ଦେଇଥିଲା ବୋଲି ଡା. ସାହୁ ପ୍ରକାଶ କରିଛନ୍ତି। ସର୍ଜିକାଲ୍ ଟିମ୍ କ୍ଷତର ମାତ୍ରା ଜାଣିବା ପାଇଁ ପ୍ରଥମେ ରୋଗୀଙ୍କ ତଳ ପେଟ ଓ ପରେ ଛାତିରେ ଅସ୍ତ୍ରୋପଚାର କରିଥିଲେ। ଏଥିରେ ତୀର ଫୁସଫୁସକୁ ଛୁଇଁଥିବା ଜଣାପଡ଼ିଥିଲା। ଭଗବାନଙ୍କ କୃପାରୁ ଏହା ହୃଦୟକୁ ଛୁଇଁ ନଥିଲା। ତେବେ ତୀରଟି ଫୁସଫୁସରୁ ବାହାର ହେବା ମାତ୍ରେ ବହୁତ ପରିମାଣରେ ରକ୍ତସ୍ରାବ ଆରମ୍ଭ ହୋଇଥିଲା। ସଙ୍ଗେ ସଙ୍ଗେ ଏହାକୁ ନିୟନ୍ତ୍ରଣ କରିବାକୁ ପଡୁଥିଲା। କାର୍ଡିଓଥୋରାସିକ୍ ଓ ଭାସ୍କୁଲାର ସର୍ଜରୀ (ସିଟିଭିଏସ) ବିଭାଗର ଡାକ୍ତର ସତ୍ୟଜିତ୍ ସାମଲ କହିଛନ୍ତି, ଅସ୍ତ୍ରୋପଚାର ସମୟରେ ଫୁସଫୁସର କ୍ଷତିଗ୍ରସ୍ତ ହୋଇଥିବା ଅଂଶ ସଫଳତାର ସହ ଅସ୍ତ୍ରୋପଚାର କରାଯାଇଥିଲା। ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ଏବେ ସେ ସ୍ୱାଭାବିକ ଜୀବନଯାପନ କରିବେ ବୋଲି ଡାକ୍ତର ସାମଲ କହିଛନ୍ତି। ଡାକ୍ତରଙ୍କୁ କୃତଜ୍ଞତା ଜଣାଇବା ସହ ଅନେକ ଡାକ୍ତରଖାନାରେ ଚିକିତ୍ସା କରିବାକୁ ମନା କରିବାରୁ ପରିବାର ପ୍ରାୟ ଆଶା ହରାଇ କିମ୍ସ ଆସି ଏଠାରେ ସୁସ୍ଥ ହୋଇଥିବା ରୋଗୀଙ୍କ ଭାଇ ପ୍ରକାଶ କରିଛନ୍ତି। ଏହି ଘଟଣାରେ କିଟ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସଂପୃକ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇବା ସହ ରୋଗୀଙ୍କ ଆରୋଗ୍ୟ କାମନା କରିଛନ୍ତି।

## ନାଲ୍‌କୋ-ଏନଏଲସି ଇଣ୍ଡିଆ ମଧ୍ୟରେ ମିଳିତ ଉଦ୍ୟମ ଚୁକ୍ତିନାମା

# ଅନୁଗୁଳରେ ପ୍ରତିଷ୍ଠା ହେବ ୧୦୮୦ ମେଗାୱାଟ ପାୱାର ପ୍ଲାଣ୍ଟ



**ନୂଆଦିଲ୍ଲୀ /ଭୁବନେଶ୍ୱର, ୮/୦୭ ନ୍ୟୁଜ ବ୍ୟୁରୋ**
ଓଡ଼ିଶାର ଅନୁଗୁଳ ଠାରେ ୧୦୮୦ ମେଗାୱାଟ ଥର୍ମାଲ୍ କ୍ୟାପଟିଭ୍ ପାୱାର ପ୍ଲାଣ୍ଟ ସ୍ଥାପନ ପାଇଁ ନ୍ୟାସନାଲ ଆଲ୍ୟୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ଏବଂ ଏନଏଲସି ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ମିଳିତ ଉଦ୍ୟମ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ କୋଇଲା ମନ୍ତ୍ରଣାଳୟର ଅତିରିକ୍ତ ସଚିବ ତଥା ଏନଏଲସି ଇଣ୍ଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ଓ ପ୍ରବନ୍ଧ ନିର୍ଦ୍ଦେଶକ (ଅତିରିକ୍ତ ଦାୟିତ୍ୱ) ସନୋଜ କୁମାର ଝା, ନାଲ୍‌କୋର ଅଧ୍ୟକ୍ଷ ଓ ପ୍ରବନ୍ଧ ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ, ଖଣି ମନ୍ତ୍ରଣାଳୟର ଯୁଗ୍ମ ସଚିବ ବିବେକ କୁମାର ବାଜପେୟୀ, ନାଲ୍‌କୋର ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ଜଗଦୀଶ ଆରୋରା, ନିର୍ଦ୍ଦେଶକ (ବିତ୍ତ) ଅଭୟ କୁମାର ବେହୁରିଆ, ଏନଏଲସି ଇଣ୍ଡିଆ ଲିମିଟେଡ୍‌ର ନିର୍ଦ୍ଦେଶକ (ବିତ୍ତ) ଡ଼. ପ୍ରସନ୍ନ କୁମାର ଆଚାର୍ଯ୍ୟଙ୍କ ସହ ଖଣି ତଥା କୋଇଲା ମନ୍ତ୍ରଣାଳୟ ଏବଂ ଉଭୟ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ମିଳିତ ଉଦ୍ୟମ କମ୍ପାନୀ ଆଇନ, ୨୦୧୩ ଅନୁଯାୟୀ ପଞ୍ଜିକୃତ ହେବ ଏବଂ ଏହାର ପଞ୍ଜିକୃତ କାର୍ଯ୍ୟାଳୟ ଚେନ୍ନାଇରେ ତଥା କର୍ପୋରେଟ୍ କାର୍ଯ୍ୟାଳୟ ଭୁବନେଶ୍ୱରରେ ରହିବ । ପ୍ରତ୍ୟେକ କମ୍ପାନୀର ୫୦% ଇକ୍ୱିଟି ରହିବା ସହ ବିଦ୍ୟୁତ ଆଇନ, ୨୦୦୩ର ଧାରା ୬୨ ଅନୁଯାୟୀ ୧୦୦% ବିଦ୍ୟୁତ୍ ଯୋଗାଣ ନିମନ୍ତେ ନାଲ୍‌କୋ ସହିତ ୨୫ ବର୍ଷର ବିଦ୍ୟୁତ୍ କ୍ରୟ ଚୁକ୍ତିନାମା ଏବଂ କୋଲ୍ ଇଣ୍ଡିଆ ଅଧିସୂଚିତ ମୂଲ୍ୟରେ କୋଇଲା ନିମନ୍ତେ ଏନଏଲସି ଇଣ୍ଡିଆ ଲିମିଟେଡ୍ ସହିତ ଏକ ଦୀର୍ଘକାଳୀନ ଇନ୍ଧନ ଯୋଗାଣ ଚୁକ୍ତିନାମାର ଅଂଶ ଅଟେ । ଏହି ଚୁକ୍ତିନାମା ଭାରତ ସରକାରଙ୍କ ଖଣି ଏବଂ କୋଇଲା ମନ୍ତ୍ରଣାଳୟ ଅଧୀନରେ ଥିବା ଦୁଇଟି ନବରତ୍ନ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ କ୍ଷେତ୍ର ଉଦ୍ୟୋଗ ମଧ୍ୟରେ ରଣନୈତିକ ସହଭାଗୀତା ଅଟେ । ଉଲ୍ଲେଖନୀୟ ଯେ, ଚଳିତ ବର୍ଷ ଫେବୃୟାରୀରେ ଚେନ୍ନାଇରେ ନାଲ୍‌କୋ ଏବଂ ଏନଏଲସି ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ତାପଜ, ନବୀକରଣୀୟ ଶକ୍ତି ପ୍ରକଳ୍ପ ବିକାଶ ଏବଂ ଦୀର୍ଘକାଳୀନ କୋଇଲା ଯୋଗାଣ ବ୍ୟବସ୍ଥାରେ ସହଯୋଗ ପାଇଁ ବ୍ୟାପକ ଢାଞ୍ଚା ପ୍ରତିଷ୍ଠା ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ସୂଚନାଯୋଗ୍ୟ ଯେ, ଦେଶର ଏକ ଅଗ୍ରଣୀ ଆଲୁମିନା ଏବଂ ଆଲୁମିନିୟମ ନିର୍ମାତା ଭାବେ ନାଲ୍‌କୋ ଓଡ଼ିଶାର ଅନୁଗୁଳ ଠାରେ ବାର୍ଷିକ ୦.୫ ମେଟ୍ରିକ୍ ଟନ୍ ଉତ୍ପାଦନ କ୍ଷମତାର ଆଲୁମିନିୟମ ସ୍ମେଲ୍ଟର ସମ୍ପ୍ରସାରଣ କରୁଛି, ଯାହା ୨୦୩୦ - ୩୧ରେ କାର୍ଯ୍ୟକ୍ଷମ ହେବା ନିମନ୍ତେ ସମୟ ଧାର୍ଯ୍ୟ କରାଯାଇଛି । ଏହି ପ୍ଲାଣ୍ଟ ନିମନ୍ତେ ଅତିରିକ୍ତ ୮୦୦ ମେଗାୱାଟ କ୍ୟାପ୍ଟିଭ୍ ପାୱାର ଆବଶ୍ୟକତା ରହିଛି। ଏହି ଆବଶ୍ୟକତା ପୂରଣ କରିବା ପାଇଁ ପ୍ରସ୍ତାବିତ ମିଳିତ ଉଦ୍ୟମକୁ ପର୍ଯ୍ୟାୟକ୍ରମେ ଅନୁଗୁଳ ସ୍ଥିତ ନାଲ୍‌କୋ ସିପିପି ପରିସରରେ ସ୍ଥାପିତ କରାଯିବ । ଚୁକ୍ତିନାମା ମାଧ୍ୟମରେ ଏନଏଲସି ଇଣ୍ଡିଆ ଲିମିଟେଡ୍ ନାଲ୍‌କୋକୁ ଆରସିଓ ମାନଦଣ୍ଡ ଅନୁଯାୟୀ ୨୦୦ -୨୫୦ ମେଗାୱାଟ ନବୀକରଣୀୟ ଶକ୍ତି ଯୋଗାଇଦେବ ବୋଲି ଲକ୍ଷ୍ୟ ରଖାଯାଇଛି। କୋଇଲା ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ଏନଏଲସି ଇଣ୍ଡିଆ ଲିମିଟେଡ୍‌ର ଲିଗନାଇଟ୍, କୋଇଲା ଖଣି ଏବଂ ତାପଜ/ନବୀକରଣଯୋଗ୍ୟ ବିଦ୍ୟୁତ୍ ଉତ୍ପାଦନରେ ଛଅ ଦଶନ୍ଧିରୁ ଅଧିକ ଅଭିଜ୍ଞତା ରହିଛି । ଏହା ସହିତ କମ୍ପାନୀର ପ୍ରକଳ୍ପ କାର୍ଯ୍ୟକାରୀ କ୍ଷମତା ଏବଂ ଅନୁଗୁଳ ସ୍ଥିତ ମାଛକଟା ଖଣିରୁ ଦୀର୍ଘକାଳୀନ କୋଇଲା ଯୋଗାଣ ସୁନିଶ୍ଚିତ ଏହି ପ୍ରକଳ୍ପକୁ ସଫଳତା ଆଡକୁ ଆଗେଇନେବାରେ ସହାୟକ ହେବ ।

# ରଥଯାତ୍ରା ଉପରେ ସାଇବର ଲୁଟେରାଙ୍କ ନଜର : କ୍ରାଇମବ୍ରାଞ୍ଚ ଡିଜି

**କଟକ, ୦୮/୦୭ ନ୍ୟୁଜ ବ୍ୟୁରୋ**
ରଥଯାତ୍ରାକୁ ଆଖି ଆଗରେ ରଖି ଶ୍ରଦ୍ଧାଳୁଙ୍କୁ ସତର୍କ କରାଇଲେ କ୍ରାଇମବ୍ରାଞ୍ଚ ଡିଜି। ସାଇବର ଲୁଟେରାଙ୍କ ଟାର୍ଗେଟରେ ରହିଛି ପୁରୀର ଅଧିକାଂଶ ହୋଟେଲ। ନକଲି ୱେବସାଇଟ କରି ଶ୍ରଦ୍ଧାଳୁଙ୍କ ଟଙ୍କା ହଡ଼ପ କରିବା ପାଇଁ କରିଛନ୍ତି ନକଲି ୱେବ୍ ସାଇଟ୍। ଏପର୍ଯ୍ୟନ୍ତ ୨୧୨ରୁ ଅଧିକ ନକଲି ୱେବ୍ ସାଇଟ୍ ଏବଂ ୨୬ରୁ ଅଧିକ ନକଲି ୱେବ ପେଜକୁ ଅଚଳ କରିଛି କ୍ରାଇମବ୍ରାଞ୍ଚ । କେବଳ ଜୁନ ମାସରେ ୫୦ରୁ ଅଧିକ ନକଲି ୱେବ୍ ସାଇଟ୍ ଏବଂ ୨୬ଟି ୱେବ୍ ପେଜ୍‌କୁ ବ୍ଲକ କରାଯାଇଛି । ବିଦେଶରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଆସୁଥିବାରୁ ସାଇବର ଲୁଟେରାମାନେ ଏହି ଲୁଟ୍ ପାଇଁ ଜାଲ ବିଛାଇଛନ୍ତି । ଏହି ଜାଲ୍ ୱେବ୍ ସାଇଟ୍ ଦେଶ ତଥା ବିଦେଶରୁ ତିଆରି ହେବା ସହ ହୋଷ୍ଟିଂ ହେଉଛି। ରଥଯାତ୍ରା ଦର୍ଶନ ଲାଗି ଆସୁଥିବା ଶ୍ରଦ୍ଧାଳୁ ହୋଟେଲ ବୁକ୍ କରିବା ବେଳେ କଡା ଯାଞ୍ଚ କରି ହୋଟେଲ ବୁକିଂ କରିବାକୁ ପରାମର୍ଶ ଦେଇଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର। ରାଜସ୍ଥାନ, ମୁମ୍ବାଇ, ଭଳି ସ୍ଥାନରୁ ସାଇବର ଲୁଟେରାମାନେ ପୁରୀ ହୋଟେଲ ନାଁରେ ଫେକ୍ ୱେବ୍ ସାଇଟ୍ କରି ଲୁଟ୍ କରିବାକୁ ଯୋଜନା କରିଛନ୍ତି ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୦୮/୦୭/୨୦୨୬
୧,୪୮,୦୩୦/- ଟଙ୍କା
ସୁନା:- ୦୭ଗ୍ରାମ୍ ୩୦୦ ମିଲିଗ୍ରାମ
ରୂପା:- ଶୂନ୍ୟ



**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**
ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ଚାଉଳିଆଗଞ୍ଜ ଥାନା ଆଇଆଇସି ମୃତ୍ୟୁ ଘଟଣା

# ତଦନ୍ତ ରିପୋର୍ଟ ଅନୁସାରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ : ଡିଜିପି

## ରାଜ୍ୟରେ ଏବେ ଖାଲି ରହିଛି ପ୍ରାୟ ୨୬ ହଜାର ପଦବୀ



**କଟକ, ୮/୦୭ ନ୍ୟୁଜ ବ୍ୟୁରୋ**
ଚାଉଳିଆଗଞ୍ଜ ଥାନା ଆଇଆଇସି ବିଥୁଟି ମହାନ୍ତିଙ୍କ ମୃତ୍ୟୁ ଏକ ସମ୍ବେଦନଶୀଳ ମାମଲା। ଏହି ଘଟଣାର ସଠିକ୍ ତଦନ୍ତ ଚାଲିଛି । ପୂର୍ଣ୍ଣାଙ୍ଗ ତଦନ୍ତ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ତଦନ୍ତରୁ ଯେଉଁ ତଥ୍ୟ ସାମ୍ନାକୁ ଆସିବ, ସେହି ରିପୋର୍ଟ ଅନୁସାରେ ହିଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହା କହିଛନ୍ତି ଡିଜିପି ୱାଇବି ଖୁରାନିଆ। ଆଇଆଇସିଙ୍କ ମୃତ୍ୟୁ ମାମଲାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇ ଡିଜିପି କହିଛନ୍ତି, 'ଏବେ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି । ତଦନ୍ତ ଶେଷ ହେବା ପରେ ସବୁକିଛି ସ୍ପଷ୍ଟ ହେବ। କାର୍ଯ୍ୟାନୁଷ୍ଠାନ ନେବାର ଥିଲେ ଆମେ ନିଶ୍ଚିତ ଭାବେ ନେବୁ ଏବଂ ପୋଲିସ ବ୍ୟବସ୍ଥାରେ କିଛି ସୁଧାର ଆଣିବାକୁ ହେଲେ ତାହା ମଧ୍ୟ ଆଣିବୁ।' ସେହିପରି ପୋଲିସ ଅଫିସର ସଂଘର ଅଭିଯୋଗ ଏବଂ କାର୍ଯ୍ୟକ୍ଷେତ୍ରରେ ପୋଲିସ ଉପରେ ଥିବା ଅତ୍ୟଧିକ ଚାପ ସମ୍ପର୍କିତ ପ୍ରଶ୍ନର ଡିଜିପି ଅତ୍ୟନ୍ତ ସ୍ପଷ୍ଟ ଓ ବାସ୍ତବବାଦୀ ଉତ୍ତର ରଖିଛନ୍ତି । ସେ କହିଛନ୍ତି, 'ଜନସଂଖ୍ୟା ତୁଳନାରେ ଓଡ଼ିଶାରେ ପୋଲିସ କର୍ମଚାରୀଙ୍କ ସଂଖ୍ୟା ବହୁତ କମ୍ ରହିଛି। ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାରେ ଥାନାଗୁଡ଼ିକରେ ଥିବା ଷ୍ଟାଫ୍‌ମାନଙ୍କୁ ଅଧିକ କାମ କରିବାକୁ ପଡୁଛି। ଜନସଂଖ୍ୟା ବଢୁଥିବା ବେଳେ ସେହି ଅନୁପାତରେ ପୋଲିସ ବଳ ନଥିବାରୁ କାର୍ଯ୍ୟକ୍ଷେତ୍ରରେ କାମର ଚାପ ରହିବା ସ୍ୱାଭାବିକ । କିନ୍ତୁ ସରକାର ପୋଲିସ ବିଭାଗରେ ୧୭ ହଜାର ନୂଆ ପଦବୀ ସୃଷ୍ଟି କରିଛନ୍ତି । ଏହା ସହିତ ରାଜ୍ୟରେ ଏବେ ମଧ୍ୟ ପ୍ରାୟ ୨୬ ହଜାର ପଦବୀ ଖାଲି ରହିଛି। ଏହି ସମସ୍ତ ଖାଲି ପଦବୀଗୁଡ଼ିକୁ ଖୁବ୍‌ଶୀଘ୍ର ପୂରଣ କରାଯିବ। ପଦବୀ ଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ପୂରଣ ହେବା ପରେ କର୍ମଚାରୀଙ୍କ ଉପରୁ କାର୍ଯ୍ୟର ଚାପ ହ୍ରାସ ପାଇବ ଏବଂ ଜନସାଧାରଣଙ୍କୁ ଓଡ଼ିଶା ପୋଲିସ ପକ୍ଷରୁ ସୂଚାରୁ ରୂପେ ସେବା ପ୍ରଦାନ କରାଯାଇପାରିବ ।' ତେବେ ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ହଠାତ୍ ଚାକିରିରୁ ଅବ୍ୟାହତି ବା ଇସ୍ତଫା ଆବେଦନକୁ ନେଇ ସମଗ୍ର ରାଜ୍ୟ ପୋଲିସ ମହଲରେ ଚର୍ଚ୍ଚା। ଜୋର୍ ଧରିଥିବା ବେଳେ ଡିଜିପି ୱାଇବି ଖୁରାନିଆ ଏହା ଉପରେ ମତ ରଖିଛନ୍ତି । ଡିଜିପି ସ୍ପଷ୍ଟ କରିଛନ୍ତି ଜଗମୋହନ ମୀନାଙ୍କ ଉପରେ କୌଣସି ଚାପ ଥିବା ନେଇ ସେ ଜାଣି ନାହାନ୍ତି କିମ୍ବା ଜଗମୋହନ ଏନେଇ ତାଙ୍କୁ କହି ନାହାନ୍ତି ବରଂ ସେ ବିଭିନ୍ନ ସମୟରେ ଆସି ବାରମ୍ବାର ଇସ୍ତଫା ବିଷୟରେ ଜଣାଇଛନ୍ତି। ତାଙ୍କର ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ରୂପେ ବ୍ୟକ୍ତିଗତ ଏବଂ ତାଙ୍କର ଇସ୍ତଫା ଆବେଦନ ପତ୍ରକୁ ଗ୍ରହଣ କରାଯାଉ ବୋଲି ଡିଜିପି ଅନୁରୋଧ କରିଛନ୍ତି ।

## ଫରେଷ୍ଟ ରେଞ୍ଜରଙ୍କ ଘରେ ଭିଜିଲାନ୍ସ ଚଢ଼ଉ

# କଟକରୁ କେନ୍ଦ୍ରାପଡ଼ା ଆୟ ବହିର୍ଭୂତ ସମ୍ପତି ଖୋଜୁଛି ଦୁର୍ନୀତି ନିବାରଣ ଟିମ୍

**କେନ୍ଦ୍ରାପଡ଼ା, ୮।୭ ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ଜଣେ ସରକାରୀ ବାବୁଙ୍କ ଘରେ ଭିଜିଲାନ୍ସର ବଡ଼ଧରଣର ଚଢ଼ଉ ହୋଇଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦ୍ରାପଡ଼ା ଫରେଷ୍ଟ ରେଞ୍ଜର ରବୀନ୍ଦ୍ର କୁମାର ନାୟକଙ୍କ ବାସଭବନ ଓ କାର୍ଯ୍ୟାଳୟ ସମେତ ଏକାସଙ୍ଗେ ୪ଟି ସ୍ଥାନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଜୋରଦାର ରେଡ୍ ଚାଲିଛି । ରେଞ୍ଜର ରବୀନ୍ଦ୍ର ନାୟକଙ୍କ ସମ୍ପତିର ଖୋଳତାଡ଼ କରିବା ପାଇଁ ଭିଜିଲାନ୍ସର ଏକ ବିଶାଳ ଟିମ୍ ଗଠନ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଏହି ସ୍ପେଶାଲ୍ ଡ୍ରାଇଭ୍‌ରେ ୫ ଜଣ ଡିଏସ୍‌ପି, ୯ ଜଣ ଇନ୍ସପେକ୍ଟର, ୫ ଜଣ ଏଏସ୍‌ଆଇ ଏବଂ ଅନ୍ୟାନ୍ୟ କର୍ମଚାରୀ ସାମିଲ ହୋଇ ଚଢ଼ଉ ଜାରି ରଖିଛନ୍ତି । ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ କଟକ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ମୋଟ ୪ଟି ପ୍ରମୁଖ ସ୍ଥାନରେ ଏକାସଙ୍ଗେ ଛାନଭିନ୍ ଚଳାଇଛି । ସେଗୁଡ଼ିକ ମଧ୍ୟରେ କଟକ ଜିଲ୍ଲା ମୁଣ୍ଡଳି ନିକଟରେ ଥିବା ତାଙ୍କର ଏକ ଆଲିସାନ ୪ ମହଲା ବିଲ୍ଡିଂ, ବାଙ୍କୀ ସାହାଡ଼ାପଦା ସ୍ଥିତ ତାଙ୍କର ପୈତୃକ ଘର, କେନ୍ଦ୍ରାପଡ଼ାର ବଡ଼ମଙ୍ଗଳା ସ୍ଥିତ ବନ ବିଭାଗ କାର୍ଯ୍ୟାଳୟ ଏବଂ ସରକାରୀ ବାସଭବନ, କେନ୍ଦ୍ରାପଡ଼ା ସହରରେ ଥିବା ତାଙ୍କର ଅନ୍ୟ ଏକ ଭଡ଼ା ଘର ରହିଛି । ଭିଜିଲାନ୍ସ ଟିମ୍ କେନ୍ଦ୍ରାପଡ଼ା ସ୍ଥିତ ସରକାରୀ କାର୍ଯ୍ୟାଳୟ ଓ ବାସଭବନରେ ଚଢ଼ଉ କରିବା ସମୟରେ ରେଞ୍ଜର ରବୀନ୍ଦ୍ର ନାୟକ ସେଠାରେ ଉପସ୍ଥିତ ନଥିଲେ । ଭିଜିଲାନ୍ସର ୫ ଜଣିଆ ବିଶେଷ ଟିମ୍ କାର୍ଯ୍ୟାଳୟର ସମସ୍ତ ଦସ୍ତାବିଜ୍ ଯାଞ୍ଚ କରିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସାଙ୍ଗରେ ନେଇଯାଇଛନ୍ତି। ଚଢ଼ଉ ଜାରି ରହିଥିବାରୁ ବର୍ତ୍ତମାନ ସୁଦ୍ଧା ମୋଟ୍ କେତେ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଜବତ ହୋଇଛି, ସେନେଇ ଭିଜିଲାନ୍ସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ଚଢ଼ଉ ଶେଷ ହେବା ପରେ ସମ୍ପୂର୍ଣ୍ଣ ରିପୋର୍ଟ ସାମ୍ନାକୁ ଆସିବ ।

# ଆମ ସାଇବର ଥାନା ପୁଲିସ : ଧ୍ୱମେଇଛି ପାଟ୍ରୋଲିଂ ୟୁନିଟ୍



**ଭୁବନେଶ୍ୱର, ୮/୭ ନ୍ୟୁଜ ବ୍ୟୁରୋ**
ବିଗତ ୩ ଦିନରେ ଭୁବନେଶ୍ୱର ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପୁଲିସ ସମାନ ତରିକାରେ ଅପରାଧ ପାଇଁ ୨ଜଣଙ୍କୁ ଗିରଫ କଲାଣି । ରବିବାର କଟକ ଜଗତପୁରରୁ ବିଶ୍ୱଜିତ୍ ସାହୁଙ୍କୁ ଉଠାଇଥିଲା। ମଙ୍ଗଳବାର ଅନୁଗୁଳର ମନୋରଞ୍ଜନ ପ୍ରଧାନ ଗିରଫ ହୋଇଛନ୍ତି । ଉଭୟ ଗିରଫଦାରିରେ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି, ଦୁଇ ଅଭିଯୁକ୍ତ କୃତ୍ରିମ ବୁଦ୍ଧିମତା (ଏଆଇ) ଯୋଗେ ଶାସକ ଦଳର ନେତାଙ୍କ ଚରିତ୍ର ସଂହାର କରୁଛନ୍ତି । ବିଭ୍ରାନ୍ତିକର ତଥ୍ୟ ସହ ଆପତ୍ତିଜନକ ମନ୍ତବ୍ୟ ଦେଉଛନ୍ତି। ୨୦୨୪ ମାର୍ଚ୍ଚରେ ଜଣେ ଆଗ ଧାଡ଼ିର କଂଗ୍ରେସ ନେତ୍ରୀ ଥାନାର ଦ୍ୱାରସ୍ଥ ହେଲେ । ଅଭିଯୋଗ କରିଥିଲେ, ସୁଧିର କୁମାର ସୁଧିର ନାମକ ଫେସବୁକ୍ ପ୍ରୋଫାଇଲ୍ ତାଙ୍କ ଚରିତ୍ର ସଂହାରରେ ଲାଗିଥିଲା । ପୁଲିସ ୩-୪ ଦିନରେ ବାଲେଶ୍ୱରରୁ ଫେସବୁକ ଆକାଉଣ୍ଟଧାରୀକୁ ଉଠାଇ ଆଣିଥିଲା। ଅବଶ୍ୟ ଯୁବକଙ୍କ ପରିବାର ଲୋକ କାକୁତିମିନତି ହେବାରୁ ନେତ୍ରୀଜଣକ ସହୃଦୟ ଦେଖାଇ ଯୁବକଙ୍କୁ ମାମଲାରେ ଛନ୍ଦି ନ ଥିଲେ । କେବଳ ଏତିକି ନୁହେଁ, ଶାସକ ଦଳର ଅଭିଯୋଗ କ୍ରମେ ସୁନିଲ ଜେନା ନାମକ ବ୍ୟକ୍ତିଙ୍କୁ ଟାର୍ଗେଟ କରିଛି ସାଇବର ଥାନା ପୁଲିସ । ତାଙ୍କୁ ଧରିବାକୁ ପୁଲିସ ସ୍ୱତନ୍ତ୍ର ଟିମ୍ ଗଢ଼ିଛି । ଓଡ଼ିଶାର ବିଶିଷ୍ଟ ରାଜନେତାଙ୍କୁ ନେଇ ସେ ଫେସବୁକ୍‌ରେ ବିଭ୍ରାନ୍ତିକର ଓ ଅପମାନଜନକ ଟିପ୍ପଣୀ ଦେଉଥିବା ଅଭିଯୋଗ ଉଠିଛି । ଉପରୋକ୍ତ ୩ଟି ଘଟଣାକୁ ପରଖିଲେ ସୋସିଆଲ ମିଡିଆ ୟୁଜରର୍ସଙ୍କ ଚରିତ୍ର ସଂହାର ଓ ନାନା ବିଭ୍ରାନ୍ତିକର ପୋଷ୍ଟକୁ ନେଇ ସାଇବର ଥାନା ପୁଲିସ ବେଶ୍ ତତ୍ପର ବୋଲି ଲାଗୁଥିବ । କିନ୍ତୁ ବାସ୍ତବ ଚିତ୍ର ପୂରା ଭିନ୍ନ । କାହିଁକି ନା, ଗତବର୍ଷ ନଭେମ୍ବରରେ ଫେସ୍‌ବୁକରେ ବ୍ଲାକ୍‌ମେଲିଂର ଅଭିଯୋଗ ଆଣିଥିଲେ ଇନ୍‌ଫୋସିଟି ଅଞ୍ଚଳର ଜଣେ କର୍ମଜୀବୀ ଯୁବତୀ । ପୁଲିସ ମାମଲା ରୁଜୁ କଲା ସତ, କିନ୍ତୁ ଆଜି ଯାଏଁ ଅପରାଧୀକୁ ଧରିପାରିଲାନି । ସମ୍ବଲପୁର, କଟକ, ବାଲେଶ୍ୱର, ସୁନ୍ଦରଗଡ଼ ସମେତ ଅନ୍ୟ ଜିଲ୍ଲାର ସାଇବର ଥାନାରେ ମଧ୍ୟ ସାଧାରଣ ଲୋକଙ୍କୁ ନ୍ୟାୟ ମିଳୁନି। ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏନ୍‌ସିଆରବି) ତଥ୍ୟ ମୁତାବକ, ୨୦୨୪ ମସିହାରେ ସାରା ରାଜ୍ୟରେ ମୋଟ ୨,୫୦୧ଟି ସାଇବର ଅପରାଧଜନିତ ମାମଲା ରୁଜୁ ହୋଇଥିଲା । ସର୍ବାଧିକ ୭୨୭ଟି ମାମଲା ବୈଦ୍ୟୁତିକ ମାଧ୍ୟମରେ ଆପତ୍ତିଜନକ ଫଟୋ, ଭିଡିଓ ଭାଇରାଲଜନିତ । ବାସ୍ତବରେ କାଁ ଭାଁ ଅଭିଯୋଗକାରୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଲୋକଲଜ୍ଜା ଭୟରେ ଅଧିକାଂଶ ମୁହଁ ଖୋଲୁନାହାନ୍ତି । ତଥାପି ସୋସିଆଲ ମିଡିଆରେ ପ୍ରତିଦିନ ଏଭଳି ଶହ ଶହ ବ୍ୟକ୍ତିଙ୍କ ଇଜ୍ଜତ ବାଜିରେ ଲାଗୁଥିବା ଅଭିଯୋଗ ଉଠୁଛି । ଫେସବୁକ୍, ଇନ୍‌ଷ୍ଟାଗ୍ରାମ ଖେଳାଇଲେ, ସେମାନଙ୍କ ଚରିତ୍ର ସଂହାର ପାଇଁ ହୀନ ଉଦ୍ୟମ କରାଯାଉଥିବାର ସ୍ପଷ୍ଟ ପ୍ରମାଣ ମଧ୍ୟ ମିଳିଯିବ । କିନ୍ତୁ ଏସବୁ ବ୍ୟକ୍ତିଙ୍କୁ ନ୍ୟାୟ ଦେବାରେ ପୁଲିସ ପଛଘୁଞ୍ଚା ଦେଉଛି। ସଦ୍ୟ ୨ ଅଭିଯୁକ୍ତଙ୍କ ଗିରଫଦାରି ଭଳି ପୁଲିସ ସ୍ୱାଭାବିକ ଭାବେ କିଛି ବି ପଦକ୍ଷେପ ନେଉନି ।
କ୍ରାଇମ୍‌ବ୍ରାଞ୍ଚ ସାଇବର ସେଲ୍ ସମେତ ପ୍ରତି ପୁଲିସ ଜିଲ୍ଲାରେ ଥିବା ସାଇବର ଥାନାରେ ସ୍ୱତନ୍ତ୍ର ଭାବେ ଏକ ସୋସିଆଲ ମିଡିଆ ପାଟ୍ରୋଲିଂ ୟୁନିଟ୍ ଖୋଲାଯାଇଛି। ଜଣେ ଇନ୍ସପେକ୍ଟର ପାହ୍ୟା ଅଧିକାରୀଙ୍କ ନେତୃତ୍ୱରେ ଏହି ୟୁନିଟ୍‌ର କାମ ହେଉଛି, ପ୍ରତିଦିନ ସୋସିଆଲ ମିଡିଆରେ ଏହିଭଳି ସନ୍ଦିଗ୍ଧ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବା। କୌଣସି ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଯଦି କେହି ଏଆଇ ଓ ମର୍ଫିଂକୁ ଅସ୍ତ୍ର କରି ସୋସିଆଲ ମିଡିଆରେ ଅସାମ୍ବିଧାନିକ, ଅପମାନଜନକ, ଅଶ୍ଳୀଳ, ମିଥ୍ୟା ଓ ବିଭ୍ରାନ୍ତିକର ଭିଡିଓ ପୋଷ୍ଟ କରୁଛି ନଚେତ୍ କେହି କାହାରି ଚରିତ୍ର ସଂହାର ଉଦ୍ଦେଶ୍ୟରେ ଅଶ୍ଳୀଳ କମେଣ୍ଟ ଓ ବ୍ଲାକମେଲିଂ କରୁଛି ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବ। ବିଶେଷକରି, ରାଜନେତାଙ୍କ ବିରୋଧରେ କେହି ଘୃଣ୍ୟ ଟିପ୍ପଣୀ ରଖିଲେ, ରାଜନୈତିକ ଛବି ମଳିନ ପାଇଁ ଉଦ୍ୟମ କଲେ ଗୁଇନ୍ଦା ତଥ୍ୟ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହାଛଡ଼ା ସାମ୍ପ୍ରଦାୟିକ ମତଭେଦ ଓ ଗୁଜବ ପ୍ରଚାର କ୍ଷେତ୍ରରେ ମଧ୍ୟ ୟୁନିଟ୍ ସକ୍ରିୟ ରହୁଛି । କିନ୍ତୁ ସାଧାରଣ ଜନତାଙ୍କ କଥା କିଏ ପଚାରେ ?